୬ ଆଇପିଏଲ ୨୦୨୫ : ବଦଳ ଖେଳାଳିଙ୍କ ପାଇଁ ନୂଆ ନିୟମ ଜାରି କଲା ବିସିସିଆଇ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
e-paper www.sambadkalika.in
TM
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00

● ବର୍ଷ–୩୨ ● ସଂଖ୍ୟା–୪୯ ● ୧୮ ମାର୍ଚ୍ଚ ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-49 ● 18th March 2025, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

### ଶିକ୍ଷା ବିଭାଗର ଖର୍ଚ୍ଚଦାବି ପାରିତ

## ଭିଜନ ୨୦୩୦ : ୫୦% ଅଭିବୃଦ୍ଧି ହାସଲ ପାଇଁ ଯୋଜନା ପ୍ରସ୍ତୁତ କରାଯାଉଛି

**ଭୁବନେଶ୍ୱର, ୧୭।୩**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟକୁ ପୁଞ୍ଜିନିବେଶ ଆକୃଷ୍ଟ କରିବା ଏବଂ ଶିକ୍ଷା ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ସରକାର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ସେଥିପାଇଁ ଚଳିତ ବର୍ଷ ବଜେଟ୍‌ରେ ଶିକ୍ଷାକୁ ପ୍ରୋତ୍ସାହନ ଦେବା, ରାଜ୍ୟର ବିକାଶ ପାଇଁ ଶିକ୍ଷା ଅନୁକୂଳ ନୀତି ପ୍ରଣୟନ କରିବା ଏବଂ ରାଜ୍ୟରେ ଗୁଣାତ୍ମକ ଭିତ୍ତିଭୂମି ପ୍ରସ୍ତୁତ କରିବା ତଥା ନିୟାମକ ରୂପରେଖ ପରିବର୍ତ୍ତନ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରକାଶ କରିଛନ୍ତି। ସୋମବାର ବିଧାନସଭାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଶିକ୍ଷା ବିଭାଗ ସମ୍ପର୍କିତ ମୋଟ ୮୬୮ କୋଟି ୧୪ ଲକ୍ଷ ୯୨ ହଜାର ଟଙ୍କାର ଖର୍ଚ୍ଚ ଦାବି ବିଭାଗୀୟ ମନ୍ତ୍ରୀ ଆଗତ କରିଥିଲେ। ଦୀର୍ଘ ସମୟ ଧରି ଏହି ଖର୍ଚ୍ଚ ଦାବି ଉପରେ ଆଲୋଚନା ହୋଇଥିଲା।




ବିରୋଧୀ ଦଳ ବିଜେଡ଼ିର ବିଧାୟକମାନେ ଆଲୋଚନାରେ ଭାଗ ନେଇଥିବା ବେଳେ କଂଗ୍ରେସ ଦଳ ବିଧାୟକମାନେ ଆଲୋଚନାରେ ଭାଗ ନନେଇ ପ୍ରତିବାଦରେ କକ୍ଷତ୍ୟାଗ କରିଥିଲେ। ମନ୍ତ୍ରୀଙ୍କ ଉତ୍ତର ପରେ ଖର୍ଚ୍ଚ ଦାବି ବାଚନିକ ଭୋଟ୍‌ରେ ଗୃହର ଅନୁମୋଦନ ଲାଭ କରିଥିଲା।

ପୂର୍ବରୁ ଶିକ୍ଷା ବିଭାଗ ଖର୍ଚ୍ଚ ଦାବି ଆଲୋଚନାର ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ ଓଡ଼ିଶାକୁ ଶିକ୍ଷା ସମୃଦ୍ଧ କରି ଗଢ଼ିତୋଳିବା ସହ ରାଜ୍ୟର ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ଶିକ୍ଷାବିଭାଗର ଭୂମିକା ଅତୁଳନୀୟ। ତା'ସହିତ ରାଜ୍ୟରେ ପୁଞ୍ଜିନିବେଶ ସହ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ବିଭାଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ସେ କହିଥିଲେ ରାଜ୍ୟରେ ପୁଞ୍ଜିନିବେଶ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍-୨୦୨୫ର ଅବଦାନ ଉଲ୍ଲେଖନୀୟ। ଏହି କନ୍‌କ୍ଲେଭ୍ ଓଡ଼ିଶାକୁ ପୂର୍ବଭାରତର ଏକ ଅଗ୍ରଣୀ ପୁଞ୍ଜିନିବେଶ ସ୍ଥଳ ଭାବେ ପରିଣତ କରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ୨୦୩୬ ସୁଦ୍ଧା ଓଡ଼ିଶାକୁ ସମୃଦ୍ଧ କରି ଗଢ଼ିତୋଳିବାର ଆମେ ଯେତେବେଳେ ପରିକଳ୍ପନା କରୁଛୁ ଏହି କନ୍‌କ୍ଲେଭ୍ ସେ ଦିଗରେ ନିଶ୍ଚୟ ସହାୟକ ହେବ। କନ୍‌କ୍ଲେଭର ଚଳିତବର୍ଷ ସଂସ୍କରଣ ମାଧ୍ୟମରେ ରାଜ୍ୟକୁ ୨୦ଟି ଭିନ୍ନ ଭିନ୍ନ କ୍ଷେତ୍ରରେ ୫୯୩ଟି ପ୍ରସ୍ତାବ ଆସିବା ସହିତ ୧୬ଲକ୍ଷ ୭୩ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ମଧ୍ୟ ମିଳିଛି। ଏହାଦ୍ୱାରା ରାଜ୍ୟରେ ୧୨ଲକ୍ଷ ୮୮ ହଜାର ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇପାରିବ। ତନ୍ମଧ୍ୟରୁ ରାଜ୍ୟ ସରକାର ବ୍ୟାପକ ନିଯୁକ୍ତି ସମ୍ଭାବନା ଥିବା ନିଯୁ (ପୃଷ୍ଠା ୭ରେ)

## ଖୁବ୍‌ଶୀଘ୍ର ଭାରତରେ ଗଢ଼ିବ ବିଶ୍ୱର ଦୀର୍ଘତମ ହାଇପରଲୁପ ଟ୍ୟୁବ

**ନୂଆଦିଲ୍ଲୀ, ୧୭।୩**

ଭାରତରେ ଖୁବଶୀଘ୍ର ଗଢ଼ିବ ବିଶ୍ୱର ଦୀର୍ଘତମ ହାଇପରଲୁପ ଟ୍ୟୁବ। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏ ନେଇ ଘୋଷଣା କରିଛନ୍ତି। ମାଡ୍ରାସ ଆଇଆଇଟିର ଏହି ହାଇପରଲୁପ ଟ୍ୟୁବ ପ୍ରକଳ୍ପ ଏସିଆ ଏବଂ ବିଶ୍ୱର ଦୀର୍ଘତମ ହାଇପରଲୁପ ଟ୍ୟୁବ ହେବ। ଏହାର ଲମ୍ବ ୪୧୦ ମିଟର ରହିବ। ଗତ ୧୫ ତାରିଖରେ ଏହି ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କରିବା ଲାଗି ଶ୍ରୀ ବୈଷ୍ଣବ ଚେନ୍ନାଇ ଗସ୍ତ କରିବା ଅବସରରେ ଏହା ଘୋଷଣା କରିଛନ୍ତି। ପ୍ରକଳ୍ପର ଏକ ଭିଡିଓକୁ ସେ ସାମାଜିକ ଗଣମାଧ୍ୟମରେ ଶେୟାର କରିଛନ୍ତି।



ହାଇପରଲୁପ ଟେକ୍ନୋଲୋଜି ପରିବହନର ୫ମ ମାଧ୍ୟମ। ଏକ ଭ୍ୟାକମ ଟ୍ୟୁବ ମଧ୍ୟରେ ଏହି ହାଇପରଲୁପ ଚଳିବ, ଯାହାର ବେଗ ଘଣ୍ଟାପ୍ରତି ପ୍ରାୟ ୧ ହଜାର କିଲୋମିଟର ରହିବ। ଏହା ଭବିଷ୍ୟତର ପରିବହନ ବ୍ୟବସ୍ଥାରେ ବିପ୍ଳବ ଆଣିବ ବୋଲି ଆଶା କରାଯାଉଛି। ଏହି ଟେକ୍ନୋଲୋଜିକୁ ବିକଶିତ କରିବା ଲାଗି ୨୦୨୨ରେ ରେଳ ମନ୍ତ୍ରଣାଳୟ ମାଡ୍ରାସ ଆଇଆଇଟିକୁ ୮ କୋଟି ୩୪ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରିଥିଲା।

## ବ୍ୟାଙ୍କ ଧର୍ମଘଟ ଡାକରା: ୪ ଦିନ ବ୍ୟାଙ୍କ ସେବା ବନ୍ଦ ରହିବ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୧୭।୩**

ଇଣ୍ଡିଆନ ବ୍ୟାଙ୍କସ ଆସୋସିଏସନ (ଆଇବିଏ) ସହିତ ଆଲୋଚନା ବିଫଳ ହେବା ପରେ ୟୁନାଇଟେଡ ଫୋରମ ଅଫ ବ୍ୟାଙ୍କ ୟୁନିଅନ (ୟୁଏଫବିୟୁ) ମାର୍ଚ୍ଚ ୨୪ ଏବଂ ୨୫ ରେ ଦେଶବ୍ୟାପୀ ଧର୍ମଘଟ ଡାକରା ଦେଇଛି। ୟୁଏଫବିୟୁର ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ନିଯୁକ୍ତି, ଚାକିରି ସୁରକ୍ଷା ଏବଂ ପାଞ୍ଚ ଦିନିଆ କାର୍ଯ୍ୟସପ୍ତାହ ଆଦି ରହିଛି।

ବିଭିନ୍ନ ଦାବି ନେଇ ୟୁନାଇଟେଡ ଫୋରମ ଅଫ ବ୍ୟାଙ୍କ ୟୁନିଅନ (ୟୁଏଫବିୟୁ) ମାର୍ଚ୍ଚ ୨୪ ଏବଂ ୨୫ ତାରିଖ ଦୁଇ ଦିନିଆ ଧର୍ମଘଟ ଡାକରା ଦେଇଛି।

ୟୁଏଫବିୟୁର ଦାବିଗୁଡ଼ିକ ମଧ୍ୟରେ ସମସ୍ତ କ୍ୟାଡରରେ ପର୍ଯ୍ୟାପ୍ତ ନିଯୁକ୍ତି, ଅସ୍ଥାୟୀ କର୍ମଚାରୀଙ୍କୁ ନିୟମିତ କରିବା ଏବଂ ବ୍ୟାଙ୍କିଙ୍ଗ ଶିଳ୍ପରେ ୫ ଦିନିଆ କାର୍ଯ୍ୟ ସପ୍ତାହ ଅନ୍ତର୍ଭୁକ୍ତ।




ସରକାରୀ ସୂତ୍ର ଅନୁଯାୟୀ, ପ୍ରମୁଖ ଦାବିଗୁଡ଼ିକ ଉପରେ ଭାରତୀୟ ବ୍ୟାଙ୍କ ସଂଘ (ଆଇବିଏ) ସହିତ ୟୁଏଫବିୟୁ ଆଲୋଚନା କୌଣସି ସକାରାତ୍ମକ ଫଳାଫଳ ମିଳିପାରିନାହିଁ। ଫଳରେ ୟୁଏଫବିୟୁ ଏହାର ପ୍ରସ୍ତାବିତ ଦୁଇ ଦିନିଆ ଦେଶବ୍ୟାପୀ ଧର୍ମଘଟକୁ ଆଗକୁ ବଢ଼ାଇବାକୁ ଯୋଜନା କରିଛି।

ଆଇବିଏ ସହିତ ଏକ ବୈଠକରେ, ସମସ୍ତ ୟୁଏଫବିୟୁ ସାଂଗଠନିକ ସଦସ୍ୟ ସମସ୍ତ କ୍ୟାଡରରେ ନିଯୁକ୍ତି ଏବଂ ପାଞ୍ଚ ଦିନିଆ କାର୍ଯ୍ୟସପ୍ତାହ ସମେତ ବିଭିନ୍ନ ପ୍ରସଙ୍ଗ ଉଠାଇଥିଲେ। ତଥାପି (ପୃଷ୍ଠା ୭ରେ)

## ନ୍ୟୁଜିଲାଣ୍ଡର ପ୍ରଗତିରେ ପ୍ରତିଭାବାନ ଏବଂ ପରିଶ୍ରମୀ ଭାରତୀୟ ସମ୍ପ୍ରଦାୟର ଅବଦାନ ଗୁରୁତ୍ୱପୂର୍ଣ୍ଣ

**ନୂଆଦିଲ୍ଲୀ, ୧୭।୩**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଯେ ଗଣତନ୍ତ୍ର, ଆଇନର ଶାସନ ଏବଂ ଜନସାଧାରଣଙ୍କ ମଧ୍ୟରେ ସୁଦୃଢ଼ ସମ୍ପର୍କ ଉପରେ ଆଧାରିତ ମିଳିତ ମୂଲ୍ୟବୋଧ ଉପରେ ଆଧାରିତ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଘନିଷ୍ଠ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି। ସୋମବାର ସନ୍ଧ୍ୟାରେ ରାଷ୍ଟ୍ରପତି ଭବନରେ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ଏବଂ ତାଙ୍କ ପ୍ରତିନିଧି ଦଳକୁ ସ୍ୱାଗତ କରି ରାଷ୍ଟ୍ରପତି କହିଥିଲେ ଯେ (ପୃଷ୍ଠା ୭ରେ)



### ଖଲିସ୍ତାନୀ ଉଗ୍ରପନ୍ଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ



**ନୂଆଦିଲ୍ଲୀ, ୧୭।୩**

ଆମେରିକା ମାଟିରେ ଖଲିସ୍ତାନୀ ଉଗ୍ରପନ୍ଥୀମାନେ ଭାରତ ବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ଥିବା ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆମେରିକା ଗୋଇନ୍ଦା ମୁଖ୍ୟ ତୁଲ୍‌ସୀ ଗାବାର୍ଡଙ୍କୁ ଜଣାଇଛନ୍ତି। ସୋମବାର ଗାବାର୍ଡଙ୍କ ସହ ବୈଠକରେ ରାଜନାଥ କହିଛନ୍ତି, ଖଲିସ୍ତାନୀ ସଂଗଠନ ଶିଖ୍ ଫର୍ ଜଷ୍ଟିସ୍ (ଏସ୍‌ଏଫ୍‌ଜେ) ଭାରତ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିଛି। ଜାତୀୟ ସୁରକ୍ଷା ବିରୋଧରେ କାର୍ଯ୍ୟ କରୁଥିବା ଏହି ସଂଗଠନକୁ ଭାରତରେ ବେଆଇନ ଘୋଷଣା କରାଯାଇଛି। ଏଭଳି ବେଆଇନ ସଂଗଠନ ବିରୋଧରେ ଆମେରିକା ପ୍ରଶାସନ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ନୂଆଦିଲ୍ଲୀ କହିଛି।

ଆମେରିକା ଜାତୀୟ ଗୋଇନ୍ଦା ନିର୍ଦ୍ଦେଶକ ତୁଲ୍‌ସୀ ଗାବାର୍ଡ ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥଙ୍କ ମଧ୍ୟରେ ଅନୁଷ୍ଠିତ ଦ୍ୱିପାକ୍ଷିକ ଆଲୋଚନାରେ ପ୍ରତିରକ୍ଷା ଓ ସୁରକ୍ଷା ସମ୍ପର୍କ ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ଭାରତ-ଆମେରିକା ସହଭାଗିତାକୁ ଆହୁରି ନିବିଡ଼ କରାଇବା ପାଇଁ ପ୍ରତିରକ୍ଷା, ସୂଚନା ଆଦାନପ୍ରଦାନ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିବା ରାଜନାଥ କହିଛନ୍ତି। ଗାବାର୍ଡ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କୁ ଭେଟି ଗୋଇନ୍ଦା ତଥ୍ୟ ଆଦାନପ୍ରଦାନ ଏବଂ (ପୃଷ୍ଠା ୭ରେ)

## ୬୭ ଆଇଏଏସ୍, ୬୯ ଆଇପିଏସ୍, ୨୫୩ ଓଏଏସ ପଦପଦବୀ ଖାଲି

**ଭୁବନେଶ୍ୱର, ୧୭।୩**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ପ୍ରଶାସନିକ ସେବା କ୍ଷେତ୍ରରେ ବହୁ ସଂଖ୍ୟାରେ ପଦବୀ ଖାଲି ପଡ଼ିଛି। ଏହା ଫଳରେ ସରକାରୀ ଯୋଜନା ଗୁଡିକ ସଫଳତାର ସହ କାର୍ଯ୍ୟକାରୀ ହେବା କ୍ଷେତ୍ରରେ ଅସୁବିଧା ଉପୁଜୁଥିବାରୁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହୋଇଛି।

ସୋମବାର ବିଧାନସଭାରେ ଶାସକ ଦଳ ବିଧାୟକ ଟଙ୍କଧର ତ୍ରିପାଠୀଙ୍କର ଏହି ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଭଳି ସୂଚନା ପ୍ରଦାନ କରିଛନ୍ତି। ଉକ୍ତ ପ୍ରଶାସନିକ ପଦବୀ ଗୁଡିକ ମଧ୍ୟରୁ ଅଧିକାଂଶ ପଦବୀ ଖାଲି ପଡୁଥିବା ଯୋଗୁ ପ୍ରଶାସନିକ ସ୍ତରରେ ଯେଉଁ ଅସୁବିଧା ସୃଷ୍ଟି ହେଉଛି ତାକୁ ଦୂର କରିବା ଦିଗରେ ପଦକ୍ଷେପ ନିଆଯାଉଛି। ପ୍ରଶାସନିକ ଅଧିକାରୀଙ୍କ ଅଭାବ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସେବାରେ ମଧ୍ୟ ପରିଲକ୍ଷିତ ହେଉଛି।

ମୁଖ୍ୟମନ୍ତ୍ରୀ ଗୃହରେ ଦେଇଥିବା ଲିଖିତ ଉତ୍ତର ଅନୁସାରେ ଓଡ଼ିଶାରେ ବର୍ତ୍ତମାନ ୬୭ଟି ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଏବଂ ୬୯ଟି ଭାରତୀୟ ପୁଲିସ ସେବା (ଆଇପିଏସ୍) ପଦବୀ ଖାଲି ରହିଛି।

ସରକାରୀ ତଥ୍ୟ ଅନୁଯାୟୀ, ରାଜ୍ୟରେ ବର୍ତ୍ତମାନ ୬୯ଟି ଭାରତୀୟ ବନ ସେବା (ଆଇଏଫଏସ) ପଦବୀ, ୨୫୩ଟି ଓଡ଼ିଶା ପ୍ରଶାସନିକ ସେବା (ଓଏଏସ) ଏବଂ ଓଡ଼ିଶା ପୁଲିସ ସେବା (ଓପିଏସ) ପଦବୀ, ୨୭୪ଟି ଓଡ଼ିଶା ଅର୍ଥ ସେବା (ଓଏଫଏସ) ପଦବୀ, ୬୧୧ଟି ଓଡ଼ିଶା ବନ ସେବା (ଓଏଫଏସ) ପଦବୀ ଖାଲି ରହିଛି। ସେହିପରି ୨୬୩ଟି ଓଡ଼ିଶା ରାଜସ୍ୱ ସେବା (ଓଆରଏସ) ପଦବୀ ଖାଲିପଡ଼ିଛି।

ଏହି ପରିସ୍ଥିତି ଓଡ଼ିଶାରେ ଶାସନ ଏବଂ ସେବା ପ୍ରଦାନର ଦକ୍ଷତା ଉପରେ ଗମ୍ଭୀର ଚିନ୍ତା ସୃଷ୍ଟି କରିଛି। ଏତେ ସଂଖ୍ୟକ ପଦବୀ ଖାଲି ପଡ଼ିବା ସହିତ, (ପୃଷ୍ଠା ୭ରେ)

## ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ପରଲୋକ

**ଭୁବନେଶ୍ୱର, ୧୭।୩**
**ନ୍ୟୁଜ୍ ବ୍ୟୁରୋ**

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ପୁତ୍ର ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନୂଆଦିଲ୍ଲୀସ୍ଥିତ ସରକାରୀ ବାସଭବନରେ ତାଙ୍କର ବିୟୋଗ ହୋଇଛି। ବାର୍ଦ୍ଧକ୍ୟଜନିତ ରୋଗରେ ସେ ପୀଡିତ ଥିଲେ।

ଡାକ୍ତର ଦେବେନ୍ଦ୍ର ପ୍ରଧାନ ଏକାଧାରରେ ଥିଲେ ଜଣେ ଚିକିତ୍ସକ, କୃଷିବିତ୍ ଓ ସମାଜସେବୀ। ୧୯୪୧ ମସିହା ଜୁଲାଇ ୧୬ ତାରିଖରେ ତାଙ୍କର ଜନ୍ମ ହୋଇଥିଲା। କଣିହାଁ ଓ ତାଳଚେରରୁ ପ୍ରାଥମିକ ଓ ହାଇସ୍କୁଲ ଶିକ୍ଷା କରିବା ପରେ ଅନୁଗୋଳ କଲେଜରୁ ହାସଲ କରିଥିଲେ ଉଚ୍ଚଶିକ୍ଷା। ୧୯୬୬ରେ କଟକ ଏସସିବି ମେଡିକାଲ କଲେଜରୁ ଏମବିବିଏସ ଡିଗ୍ରୀ ହାସଲ କରିଥିଲେ ଦେବେନ୍ଦ୍ର ପ୍ରଧାନ। ତାପରେ ତାଳଚେର ଡେରାରେ ମେଡିକାଲ ଅଫିସର ଭାବେ



ଆରମ୍ଭ କରିଥିଲେ ଚାକିରି ଜୀବନ। ୧୯୭୩ରେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ୧୯୮୦ ମସିହାରେ ବିଜେପିରେ ଯୋଗ ଦେଇଥିଲେ ଡକ୍ଟର ଦେବେନ୍ଦ୍ର ପ୍ରଧାନ। ୧୯୮୦ରୁ ୮୩ ଯାଏ ସେ ବିଜେପି ତାଳଚେର ମଣ୍ଡଳର ସଭାପତି ଥିଲେ। ୧୯୮୩ରେ ଢେଙ୍କାନାଳ ଜିଲ୍ଲା ବିଜେପିର ସଭାପତି ହୋଇଥିଲେ। ୧୯୮୪ ମସିହାରେ ଦେବଗଡ଼ ଆସନରୁ ବିଜେପିର ସାଂସଦ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ ଡକ୍ଟର ଦେବେନ୍ଦ୍ର ପ୍ରଧାନ। ୧୯୮୮ ମସିହାରେ ସେ ହୋଇଥିଲେ ବିଜେପିର ରାଜ୍ୟ ସଭାପତି। ୧୯୯୭ରେ ବିଜେପି ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ହୋଇଥିଲେ। ୧୯୯୮ରେ ଦେବଗଡ଼ ଲୋକସଭା ଆସନରୁ ସାଂସଦ ଭାବେ ନିର୍ବାଚିତ ହେବା ସହ କେନ୍ଦ୍ରମନ୍ତ୍ରୀ ମଧ୍ୟ ହୋଇଥିଲେ ଡକ୍ଟର ଦେବେନ୍ଦ୍ର ପ୍ରଧାନ। ୧୯୯୯ରେ ପୁଣି ଦେବଗଡ଼ ଆସନରୁ ସାଂସଦ ଭାବେ ନିର୍ବାଚିତ ହେବା ସହ କେନ୍ଦ୍ରମନ୍ତ୍ରୀ ବି ହୋଇଥିଲେ। ୨୦୦୧ ମସିହାରେ ସେ ହୋଇଥିଲେ ବିଜେପିର ଜାତୀୟ ଉପ-ସଭାପତି। ୨୦୦୨ ମସିହା ଯାଏ ଏହି ଦାୟିତ୍ୱରେ ରହିଥିଲେ ଡକ୍ଟର ଦେବେନ୍ଦ୍ର ପ୍ରଧାନ।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ପାର୍ଥିବ ଶରୀର ସ୍ୱତନ୍ତ୍ର ବିମାନ ଯୋଗେ ଦିଲ୍ଲୀରୁ ଆସି ଭୁବନେଶ୍ୱରରେ ପହଞ୍ଚିଛି। ବିମାନ ବନ୍ଦରରେ ତାଙ୍କୁ ଗାର୍ଡ଼ ଅଫ ଅନର ପ୍ରଦାନ କରାଯାଇଥିଲା। ଦେବେନ୍ଦ୍ର ପ୍ରଧାନଙ୍କ ଶେଷ ଦର୍ଶନ ପାଇଁ ବିମାନ(ପୃଷ୍ଠା ୭ରେ)

### ଚନ୍ଦ୍ରାୟାନ-୫ ମିଶନକୁ ମଞ୍ଜୁରୀ ଦେଲେ କେନ୍ଦ୍ର ସରକାର



**ନୂଆଦିଲ୍ଲୀ, ୧୭।୩**

କେନ୍ଦ୍ର ସରକାର ମହତ୍ୱାକାଂକ୍ଷୀ ଚନ୍ଦ୍ରାୟାନ-୫ ମିଶନକୁ ଅନୁମୋଦନ କରିଛନ୍ତି। ଏହି ମିଶନ ଅଧୀନରେ ଚନ୍ଦ୍ରପୃଷ୍ଠର ଅଧ୍ୟୟନ ପାଇଁ ୨୫୦ କିଲୋଗ୍ରାମର ଏକ ରୋଭର ପଠାଯିବ। ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ ଏହି ଖବରକୁ ନିଶ୍ଚିତ କରିଛନ୍ତି ଏବଂ କହିଛନ୍ତି ଯେ ଏହି ମିଶନ ଜାପାନ ସହଯୋଗରେ ପରିଚାଳିତ ହେବ। ଏକ ସମ୍ବର୍ଦ୍ଧନା (ପୃଷ୍ଠା ୭ରେ)

### ଏକାଳ ପଖାଳ



ଆଜି ଦୁନିଆଁରେ ସମ୍ପର୍କଟା ଖାଲି
ଶବଦରେ ଗଲା ରହି
ମୂଲ୍ୟ ବୁଝନ୍ତିନି କେହି କାହାର
ରକ୍ତ ନଦୀ ଯାଏ ବୋହି
କାହାରି ନୁହଁନ୍ତି କେହି
ନୀତି ମୂଲ୍ୟବୋଧ ସମାଜୁ ହଜଇ
ଆମେ ହିଁ ଏପାଇଁ ଦାୟୀ ।

## ଋଷ-ୟୁକ୍ରେନ ଯୁଦ୍ଧରେ ପଡିବ ଯବନିକା !



**ନୂଆଦିଲ୍ଲୀ, ୧୭।୩**

ଖୁବଶୀଘ୍ର ଲାଗିପାରେ ଯୁଦ୍ଧରେ ବିରାମ। ଦୀର୍ଘଦିନ ଧରି ଜାରି ରହିଥିବା ଋଷ-ୟୁକ୍ରେନ ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ପଡିପାରେ। ଏନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜୋରଦାର ପ୍ରୟାସ କରୁଛନ୍ତି। ଚଳିତ ସପ୍ତାହରେ ଯୁଦ୍ଧ ବନ୍ଦ ନେଇ ଭଲ ଖବର ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି। କାହିଁକି ନା ଯୁଦ୍ଧ ବନ୍ଦ ନେଇ ଖୁବଶୀଘ୍ର ଋଷ ରାଷ୍ଟ୍ରପତି ପୁଟିନଙ୍କ ସହ ଫୋନରେ ଆଲୋଚନା କରିପାରନ୍ତି ଡୋନାଲ୍ଡ ଟ୍ରମ୍ପ।

ହ୍ୱାଇଟ ହାଉସର ଜଣେ ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଭ ୱିଟକଫ କହିଛନ୍ତି ଯେ ଆମେରିକା ମଧ୍ୟ ୟୁକ୍ରେନ ସହିତ ନିରନ୍ତର ଯୋଗାଯୋଗରେ ଅଛି। ପୂର୍ବରୁ ଆମେରିକା ଉଭୟ ଦେଶକୁ ୩୦ ଦିନିଆ ଅସ୍ତ୍ରବିରତି ପ୍ରସ୍ତାବ ଦେଇଥିଲା। ୟୁକ୍ରେନ ପ୍ରସ୍ତାବକୁ ଗ୍ରହଣ କରିଥିବାବେଳେ ପୁଟିନଙ୍କ ଠାରୁ ଏପର୍ଯ୍ୟନ୍ତ କୌଣସି ସମ୍ମତି ମିଳିନାହିଁ।

ଷ୍ଟିଭ ୱିଟକଫ ଋଷ ରାଷ୍ଟ୍ରପତି ପୁଟିନଙ୍କ ସହ ତାଙ୍କର ଆଲୋଚନାକୁ ସକାରାତ୍ମକ ଆଲୋଚନା ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି, ଏହା ଏକ ସମାଧାନ-ଭିତ୍ତିକ ଆଲୋଚନା ଥିଲା। ୱିଟକଫଙ୍କ ଅନୁସାରେ, ପୁଟିନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବାକୁ ପ୍ରସ୍ତୁତ ଏବଂ ଉଭୟ ନେତା ଯୁଦ୍ଧ ସମାପ୍ତ କରିବାକୁ ଚାହୁଁଛନ୍ତି। ସେ ଏହା ମଧ୍ୟ ଦୋହରାଇଲେ ଯେ ଟ୍ରମ୍ପ ଆଶାବାଦୀ ଅଛନ୍ତି ଯେ ଆଗାମୀ ସପ୍ତାହ ମଧ୍ୟରେ କୌଣସି ପ୍ରକାରର ଚୁକ୍ତି ହୋଇପାରିବ।

ଯୁଦ୍ଧ ବିରତିକୁ ନେଇ ବଡ ସର୍ତ୍ତ ରଖିଛି ୟୁକ୍ରେନ। ଜେଲେନସ୍କି କହିଛନ୍ତି, ମତେ ଏକ ପ୍ରତିଶ୍ରୁତି ଦିଆଯାଉ, ଯଦି ଭବିଷ୍ୟତରେ ଋଷ ପୁଣି ୟୁକ୍ରେନ ଉପରେ ଆକ୍ରମଣ କରେ ତେବେ ଆମେରିକା ଏବଂ ତାର ଅନ୍ୟ ସହଯୋଗୀ ରାଷ୍ଟ୍ର (ପୃଷ୍ଠା ୭ରେ)

## ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ପଶ୍ଚିମ ଓଡ଼ିଶାକୁ ଆଲର୍ଟ

**ଭୁବନେଶ୍ୱର, ୧୭।୩**
**ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ପାଣିପାଗ ବିଭାଗ ମଙ୍ଗଳବାର ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଆଶଙ୍କା କରିଛି। ଏ ନେଇ ବୌଦ୍ଧ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କଲା ପାଣିପାଗ ବିଭାଗ। ବଲାଙ୍ଗୀର ଓ ଝାରସୁଗୁଡ଼ାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଶିଶୁ, ବୃଦ୍ଧ ଓ ରୋଗୀଙ୍କ ପାଇଁ ଅସହ୍ୟ ହୋଇପାରେ ତାତି ବୋଲି ସବୁ ଜିଲ୍ଲାପାଳଙ୍କୁ ସ୍ୱତନ୍ତ୍ର ରିଲିଫ କମିଶନର ଚିଠି ଲେଖିଛନ୍ତି।

ଅନ୍ୟପକ୍ଷେ ରାଜ୍ୟରେ ଗତ ୬ ଦିନ



ହେଲା ତାପମାତ୍ରା ବଢ଼ିବାରେ ଲାଗିଛି। ପ୍ରବଳ ଖରା ସାଙ୍ଗକୁ ଗୁଳୁଗୁଳିରେ ଜୀବନଯାତ୍ରା ପ୍ରଭାବିତ ହେଉଛି। ଏଭଳି ସ୍ଥିତିରେ ଖରାରେ ଜଳୁଛି ପଶ୍ଚିମ ଓଡ଼ିଶା। ସୋମବାର ପୂର୍ବାହ୍ନ ସାଢ଼େ ୧୧ରେ ଝାରସୁଗୁଡ଼ାରେ ତାପମାତ୍ରା ୩୭.୮ ଡିଗ୍ରୀରେ (ପୃଷ୍ଠା ୭ରେ)

31 YEARS

ସମ୍ବାଦ କଳିଙ୍ଗ

ଭୁବନେଶ୍ୱର, ୧୮ ମାର୍ଚ୍ଚ ୨୦୨୫ ମଙ୍ଗଳବାର





## ଲକ୍ଷ୍ୟଠୁ ଦୂରରେ 'ମୋ ଇ-ରାଇଡ୍'

# ରୁଟ୍ ସଂଖ୍ୟା ୧୩ରୁ ୮କୁ ଖସିଗଲାଣି : ସନ୍ଧ୍ୟା ୬ଟା ପରେ ସେବା ମିଳୁନି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗଳିକନ୍ଦିରୁ ଲୋକଙ୍କୁ ଆଣି ମୋ' ବସ୍ ଷ୍ଟାଣ୍ଡ୍‌ରେ ଛାଡ଼ିବା ଲକ୍ଷ୍ୟରେ ୨୦୨୨ରେ ବ୍ୟାଟେରି ଅଟୋ ସେବା 'ମୋ ଇ-ରାଇଡ୍' ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଏହି ଅଟୋକୁ କେବଳ ମହିଳା ଓ କିନ୍ନରମାନେ ଚଳାଇବେ ବୋଲି ନିଷ୍ପତ୍ତି ହୋଇଥିଲା। ହେଲେ ମାସେ ନପୁରୁଣୁ କିନ୍ନରମାନେ ଚାକିରି ଛାଡ଼ି ଦେଇଥିଲେ। କ'ଣ ପାଇଁ ଚାକିରି ଛାଡ଼ିଲେ ତାହାର ବି ପ୍ରମାଣ ମିଳିପାରିଲାନି। ଏହା ମଧ୍ୟରେ ବ୍ୟାଟେରି ଅଟୋ ସେବାକୁ ଅଢ଼େଇ ବର୍ଷ ପୂରି ଯାଇଥିଲେ ସୁଦ୍ଧା ଏଯାବତ୍ ରୁଟ୍ ସଂଖ୍ୟା ବଢ଼ି ପାରିଲାନି। ଫଳରେ ଯାତ୍ରୀଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବା ପାଇଁ ଘରୋଇ ଅଟୋ ଉପରେ ନିର୍ଭର କରିବାକୁ ପଡ଼ୁଛି। ପ୍ରଥମେ ପଟିଆ, ଚନ୍ଦ୍ରଶେଖରପୁର, ନୀଳାଦ୍ରି ବିହାର, ପାତ୍ରପଡ଼ା, ଭରତପୁର, କଳିଙ୍ଗବିହାର ଓ ପୋଖରୀପୁଟ ଅଞ୍ଚଳରେ ଏହି ଅଟୋ ଚଳାଚଳ କରୁଥିଲା।



ଏଥିପାଇଁ ୧୩ଟି ରୁଟ୍ ଚିହ୍ନଟ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ମାତ୍ର ୮ଟି ରୁଟ୍‌ରେ ୫୦ ବ୍ୟାଟେରି ଅଟୋ ଚଳାଚଳ କରୁଛି। ଯେପରିକି କିଟ୍ କ୍ୟାମ୍ପସ୍‌ରୁ ପ୍ରଶାନ୍ତି ବିହାର, କିଟ୍ ଛକରୁ ପଟିଆ ଷ୍ଟେସନ, ହନୁମାନ ମନ୍ଦିର ବିକ୍ୟୁଏସ୍‌ରୁ କଳିଙ୍ଗନଗର, ପାତ୍ରପଡ଼ା କେ-୯ରୁ ଏମସ୍, ଆଇଟିଆର ଛକରୁ ଆଇଗିଣିଆ, ଇନଫୋସିଟି ଛକରୁ ବିପ୍ରୋ ଆଦି ରୁଟ୍‌ରେ ଏହି ସେବା ମିଳୁଛି। ପୁଣି କେବଳ ସକାଳ ୯ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ସେବା ଉପଲବ୍ଧ ଥିବାରୁ ଅନ୍ୟ ସମୟରେ ଲୋକ ହଇରାଣରେ ପଡ଼ୁଛନ୍ତି। ଇ-ଅଟୋରେ ଯେଉଁଠି ୧୦ ଟଙ୍କା ପଡ଼ୁଛି, ସେଠାରେ ଘରୋଇ ଅଟୋ ୩୦ ଟଙ୍କା ଦାବି କରୁଛନ୍ତି। ମୁଖ୍ୟତଃ ସନ୍ଧ୍ୟା ୬ଟା ପରେ ଏହି ସେବା ମିଳୁ ନଥିବାରୁ ବହୁ ଲୋକ ଘରୋଇ ଅଟୋ ବା ଟ୍ୟାକ୍ସି ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ତେବେ ଏନେଇ 'କ୍ରୁଟ୍'ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଆଗକୁ ରୁଟ୍ ବଢ଼ାଇବା ପାଇଁ ପ୍ରସ୍ତାବ ଯାଇଛି। ଖୁବ ଶୀଘ୍ର ରୁଟ୍ ସଂଖ୍ୟା ବଢ଼ିବ ବୋଲି ଆଶା କରାଯାଉଛି। ବର୍ତ୍ତମାନ ବ୍ୟାଟେରି ଅଟୋ ଚଳାଇବା ପାଇଁ ଜଣେ କିନ୍ନର କାର୍ଯ୍ୟରେ ଯୋଗ ଦେଇଛନ୍ତି। ପିଲାମାନଙ୍କୁ ମଧ୍ୟ ପ୍ରଶିକ୍ଷଣ ଦିଆଯାଉଛି। ତେଣୁ ଆଗକୁ ଯାତ୍ରୀମାନଙ୍କ ପାଇଁ ଆହୁରି ବାଧା ବିହୀନ ଯାତ୍ରା ମିଳିବ ବୋଲି ଅଧିକାରୀ ଜଣକ କହିଛନ୍ତି।

# ମାର୍ଚ୍ଚ ୩୦ରୁ ଭୁବନେଶ୍ୱରରୁ ଆଣ୍ଡାମାନକୁ ବିମାନସେବା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରରୁ ଆଣ୍ଡାମାନକୁ ଚାଲିବ ବିମାନ। ଆସନ୍ତା ମାର୍ଚ୍ଚ ୩୦ରୁ ଭୁବନେଶ୍ୱରରୁ ଆଣ୍ଡାମାନକୁ ବିମାନସେବା ଆରମ୍ଭ ହେବ। ଭୁବନେଶ୍ୱର ଆନ୍ତର୍ଜାତୀୟ ବିମାନ ବନ୍ଦର ବିମାନ ବନ୍ଦରରୁ ବୀର ସାବରକର ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ଓ ଉତରପ୍ରଦେଶ ର ଗାଜିଆବାଦ ବିମାନବନ୍ଦରକୁ ସିଧା ବିମାନ ସେବା ଆରମ୍ଭ ହେବ ବୋଲି ସୂଚନା ମିଳିଛି ।



# ଅନ୍ଧାରରେ ରହୁଛନ୍ତି ୩୫୦୦ ପରିବାର: ୨୭୪ ପଡ଼ା ଗାଁରେ ନାହିଁ ବିଜୁଳି ଆଲୁଅ

**ନବରଙ୍ଗପୁର, ନ୍ୟୁଜ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲାର ୨୭୪ ପଡ଼ା ଗାଁରେ ବସବାସ କରୁଥିବା ୩୫୫୩ ପରିବାର ଆଜି ବି ଅନ୍ଧାରରେ ରହୁଛନ୍ତି। ଏଯାଏଁ ଏହି ଗାଁ ଗୁଡ଼ିକରେ ବିଜୁଳି ଆଲୁଅ ପହଞ୍ଚି ପାରିନି। ସରକାରୀ ରେକର୍ଡରେ ଏହି ଗାଁକୁ ସୋଲାର ପ୍ରକଳ୍ପ ଜରିଆରେ ବିଦ୍ୟୁତ୍ ଆଲୁଅ ଯୋଗାଇ ଦିଆଯାଉଛି ବୋଲି କୁହାଯାଉଛି। ବାସ୍ତବତା ହେଲା ସୋଲାର ପ୍ରକଳ୍ପ ଗୁଡ଼ିକ ବହୁ ଦିନ ଧରି ଅଚଳ ରହିଥିଲେ ସୁଦ୍ଧା ମରାମତି ହୋଇପାରୁନି।

ନବରଙ୍ଗପୁର ବ୍ଲକର ୪ଟି ପଡ଼ା ଗାଁରେ ୩୧ପରିବାର ବସବାସ କରୁଥିଲା ବେଳେ ଅନ୍ଧାରରେ ରାତି କାଟୁଛନ୍ତି। ସେହିପରି ନନ୍ଦାହାଣ୍ଡି ବ୍ଲକର ୪ ପଡ଼ା ଗାଁର ୭୦ ପରିବାର, ତେନ୍ତୁଳିଖୁଣ୍ଟି ବ୍ଲକର ୩୭ ପଡ଼ା ଗାଁର ୨୩୩ ପରିବାର, ପାପଡ଼ାହାଣ୍ଡି ବ୍ଲକର ୪୪ ପଡ଼ା ଗାଁର ୪୯୮ ପରିବାର, ଡାବୁଗାଁ ବ୍ଲକର ୧୮ ପଡ଼ା ଗାଁର ୧୪୪ ପରିବାର, କୋଷାଗୁମୁଡ଼ା ବ୍ଲକର ୩୧ ପଡ଼ା ଗାଁର ୪୨୪ ପରିବାର, ଉମରକୋଟ ବ୍ଲକର ୨୪ ପଡ଼ା ଗାଁର ୩୩୦ ପରିବାର, ରାଇଘର ବ୍ଲକର ୧୮ ପଡ଼ା ଗାଁର ୨୦୯ ପରିବାର, ଝରିଗାଁ ବ୍ଲକର ୫୪ ପଡ଼ା ଗାଁର ୧୨୫୨ ପରିବାର ଓ ଚନ୍ଦାହାଣ୍ଡି ବ୍ଲକର ୪୦ଟି ପଡ଼ା ଗାଁର ୩୬୨ ପରିବାର (ମୋଟ ୨୭୪ ଗାଁର ୩୫୫୩ ପରିବାର) ବିଦ୍ୟୁତ୍ ଆଲୁଅରୁ ବଞ୍ଚିତ ହୋଇଛନ୍ତି।



ତୁରନ୍ତ ଏହି ପରିବାର ନିକଟରେ ବିଦ୍ୟୁତ୍ ଆଲୁଅ ପହଞ୍ଚାଇବା ନିମନ୍ତେ ଜିଲ୍ଲା କମିଟି ନିକଟରେ ବିଦ୍ୟୁତ୍ ବିଭାଗ ରିପୋର୍ଟ ଦାଖଲ କରିଥିଲା। ଏଥିପାଇଁ ୨୫କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିଲା। ସେହିପରି ନନ୍ଦାହାଣ୍ଡି ବ୍ଲକ ପୁଟୁଘର ପଡ଼ାର ୮ ପରିବାର, ତେନ୍ତୁଳିଖୁଣ୍ଟି ବ୍ଲକ ମଞ୍ଜାଗାଁ ପଞ୍ଚାୟତର ଜଲାଗୁଡ଼ା ଓ ଟାଙ୍ଗିଣିକୋଟ ପଡ଼ାର ୪୭ ପରିବାର, ରାଇଘର ବ୍ଲକ ହଳଦୀ ପଞ୍ଚାୟତ ଜଙ୍ଗଲିପାରା ଓ ତୁମାପାରା ପଡ଼ାର ୨୮ ପରିବାରକୁ ୮୩ଟି ସୋଲାର ପ୍ୟାନେଲ୍ ମାଧ୍ୟମରେ ବିଦ୍ୟୁତ୍ ଯୋଗାଇବା ପାଇଁ ୪୧ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଏହାବ୍ୟତୀତ ଅନ୍ୟ କେଉଁ ପଡ଼ା ଗାଁ ବିଦ୍ୟୁତ୍ ଆଲୁଅରୁ ବଞ୍ଚିତ ଅଛନ୍ତି ତାହାର ରିପୋର୍ଟ ପ୍ରଦାନ କରିବାକୁ ବ୍ଲକ କାର୍ଯ୍ୟାଳୟ ଗୁଡ଼ିକୁ ଅନୁରୋଧ କରାଯାଇଛି। ତେବେ କିଛି ପଡ଼ା ଗାଁକୁ ପୂର୍ବରୁ ସୋଲାର ମାଧ୍ୟମରେ ଆଲୁଅ ଯୋଗାଇ ଦିଆଯାଇଥିବା କୁହାଯାଉଛି। ବାସ୍ତବରେ ଅଧିକାଂଶ ଗାଁରେ ସୋଲାର ପ୍ରକଳ୍ପ ଅଚଳ ହୋଇଯାଇଛି। ତେନ୍ତୁଳିଖୁଣ୍ଟି ବ୍ଲକ ମଞ୍ଜାଗାଁ ପଞ୍ଚାୟତର ଜଳଭଣ୍ଡାର ଆରପଟେ ଥିବା ଝଲାଗୁଡ଼ା ଓ ଟାଙ୍ଗିଣିକୋଟ ଗାଁରେ ସୋଲାର ଲାଇଟ୍ ସଂଯୋଗ ନାଁରେ କିଛି ବ୍ୟକ୍ତି ଶହେ ଟଙ୍କା ଲେଖାଏଁ ଆଦାୟ କରିଥିଲେ ସୁଦ୍ଧା ବିଦ୍ୟୁତ୍ ସଂଯୋଗ ହୋଇନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯେଉଁ ପଡ଼ା ଗାଁରେ ବିଦ୍ୟୁତ୍ ଆଲୁଅ ନାହିଁ ସେଠାରେ କାଠ ଜାଳି କିମ୍ବା ଡିବିରି ଜାଳି ଲୋକ ରାତି ବିତାଉଛନ୍ତି। ପୂର୍ବରୁ ବିଜୁ ଗ୍ରାମୀଣ ବିଦ୍ୟୁତୀକରଣ ଯୋଜନାରେ ପଡ଼ା ଗାଁକୁ ବିଦ୍ୟୁତ୍ ସଂଯୋଗ କାମ ଆରମ୍ଭ ହୋଇଥିଲା। ବିଡ଼ମ୍ବନା ହେଲା ଏହି ଯୋଜନାରେ ୭୧ ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇପାରିନି। ଆସନ୍ତା ଏପ୍ରିଲ ସୁଦ୍ଧା ସେହି ୭୧ ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇଯିବ ବୋଲି କୁହାଯାଉଛି।

# କେନ୍ଦ୍ରାପଡ଼ାରେ ଦୁଇ ମାସରେ ଶହେ କୋଟିର ବାଲି ଚୋରି

**କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ**

ଖଣି ବିଭାଗର ତଥ୍ୟ ଅନୁଯାୟୀ କେନ୍ଦ୍ରାପଡ଼ା ଜିଲ୍ଲାରେ ମାତ୍ର ଦୁଇଟି ବାଲିଘାଟର ସ୍ୱୀକୃତି ରହିଛି। କିନ୍ତୁ ଜିଲ୍ଲାରେ ୩୦ଟି ସ୍ଥାନରୁ ବାଲି ଚୋରି ଚାଲିଛି। ଏଭଳି ଢଙ୍ଗରେ ଗତ ୨ ମାସ ଭିତରେ ଜିଲ୍ଲାରେ ବାଲି ମାଫିଆ ଶହେ କୋଟିରୁ ଅଧିକ ଟଙ୍କାର ବାଲି ଲୁଟି ନେଇଥିବା ଆକଳନ କରାଯାଉଛି। କେବଳ ଦୁଇଟି ବାଲିଘାଟକୁ ବାଦ ଦେଲେ ଅନ୍ୟ ବାଲିଘାଟ ଉପରେ କୋଟି କୋଟି ଟଙ୍କାର ବକେୟା ରାଶି ଥିବାରୁ ନିଲାମଧାରୀଙ୍କୁ ନୋଟିସ୍ ଦିଆଯିବା ସହ ବାଲି ଉତ୍ତୋଳନ ବନ୍ଦ କରାଯାଇଛି। କିନ୍ତୁ ଖଣି ବିଭାଗର କାଗଜପତ୍ରରେ ଯେଉଁ ଘାଟଗୁଡ଼ିକରୁ ବାଲି ଉତ୍ତୋଳନ ହେଉ ନ ଥିବା ଦର୍ଶାଯାଇଛି, ବାସ୍ତବରେ ସେହି ଘାଟଗୁଡ଼ିକରୁ ବେଧଡ଼କ ବାଲି ଚାଲାଣ ହେଉଛି। ବାଲି ମାଫିଆମାନେ ଅତି ଚତୁରତାର ସହ ପ୍ରଶାସନ ସହିତ ସଲାସୁତରାରେ ହଜାର ହଜାର ଟ୍ରିପ୍ ବାଲି ଚୋରାଚାଲାଣ କରି କୋଟିକୋଟି ଟଙ୍କା ରୋଜଗାର କରୁଛନ୍ତି। ଏସବୁ ଘାଟ ସହିତ ଅନ୍ୟ ବେଆଇନ ବାଲିଘାଟକୁ ଯୋଡ଼ି ଦିଆଗଲେ କେନ୍ଦ୍ରାପଡ଼ା ଜିଲ୍ଲାରେ ମାସକୁ ହାରାହାରି ୬୦ କୋଟି ଟଙ୍କାର ବାଲି ଚୋରି ହେଉଥିବା ଆକଳନ କରାଯାଉଛି। ଏଭଳି ହରିଲୁଟ୍‌ରେ ଖଣି ବିଭାଗର ଅଧିକାରୀଙ୍କଠୁ ନେଇ ନେତା, ପୁଲିସ ଓ ପ୍ରଶାସନିକ ଅଧିକାରୀଙ୍କ ସଂପୃକ୍ତି ସନ୍ଦେହ କରାଯାଉଛି। ଗତ ଫେବ୍ରୁୟାରୀରେ ଖଣି ବିଭାଗ ଦେଇଥିବା ତଥ୍ୟ ମୁତାବକ, କେନ୍ଦ୍ରାପଡ଼ା ଜିଲ୍ଲାର ୭ଟି ତହସିଲରେ ୨୦ଟି ବାଲି ଖାଦାନ ନିଲାମ ଦିଆଯାଇଥିଲା। ସେଥିମଧ୍ୟରୁ ସମ୍ପ୍ରତି ମାର୍ଶାଘାଇ ତହସିଲର ତୁଳସୀପୁର ଓ ଡେରାବିଶ ତହସିଲର ଅରତାମୂଳ ଘାଟକୁ ଅନୁମତି ରହିଛି। ବାକି ୧୮ଟି ଘାଟ ଉପରେ କୋଟି କୋଟି ଟଙ୍କା ପଡ଼ିଥିବାରୁ ସେଗୁଡ଼ିକୁ ବନ୍ଦ ରଖାଯିବା ସହ ନିଲାମଧାରୀଙ୍କୁ ନୋଟିସ୍ ଜାରି କରାଯାଇଛି। ବକେୟା ଗଡୁଥିବା ଏହି ଘାଟରୁ ୨୦୨୩-୨୪ ଆର୍ଥିକ ବର୍ଷରୁ ବାଲି ଉତ୍ତୋଳନ ସ୍ଥଗିତ ରଖାଯାଇଥିବା ଦର୍ଶାଯାଉଛି। ହେଲେ ଅଧିକାଂଶ ବାଲି ସେହିସବୁ ଘାଟରୁ ଉଠୁଛି। ପଟ୍ଟାମୁଣ୍ଡାଇର ଅଳପୁଆ ଘାଟ, ଆଳିର ଅର୍ଗଳ, ଗୋବିନ୍ଦପୁର-ଜୁଆଣିଆ, ପାନପେଣ୍ଠ-ଦେସାହି ଘାଟରୁ ଦିନରାତି ମାଫିଆମାନେ ବାଲି ଉଠାଉଥିବା ଦେଖିବାକୁ ମିଳୁଛି। ସରକାରୀ ରେକର୍ଡଭୁକ୍ତ ଖାଦାନରେ ଅନୁମତି ନ ଥାଇ ଯେଉଁଠି ବାଲି ଲୁଟ୍ ହୋଇପାରୁଛି, ସେଠାରେ ମାଫିଆମାନେ ନିଜସ୍ୱ ଉଦ୍ୟମରେ କରିଥିବା ବେଆଇନ ଘାଟ କଥା ନ କହିବା ଭଲ। ତୁଣ୍ଡୁପୁର, ବିଚଣାଠୁ ନେଇ ବେଣିପୁର, ନାୟାଡ଼ିଆ, ନୀଳକଣ୍ଠପୁର, ଚନ୍ଦନପୁର ଆଦି ଗୋଟିଏ ଗୋଟିଏ ଉଦାହରଣ ମାତ୍ର। ସରକାରୀ ଅନୁମତି ନ ଥିବା ଏସବୁ ବେଆଇନ ଘାଟରୁ କିଭଳି କୋଟିକୋଟି ଟଙ୍କା ଲୁଟ୍ ହେଉଛି, ତା'ର ପ୍ରମାଣ କେନ୍ଦ୍ରାପଡ଼ା ତହସିଲର ବଗଡ଼ା ତୁଣ୍ଡୁପୁର ଓ ଗରଦପୁର ତହସିଲର ବିଚଣା ଘାଟରେ ମଧ୍ୟ ଦେଖିବାକୁ ମିଳିଛି। ଗତ ମାସରେ ଏହି ଦୁଇ ବେଆଇନ ଘାଟ ଉପରେ ପ୍ରଶାସନ ଚଢ଼ଉ କରି ୪ଟି ପୋକ୍ଲିନ୍ ମେସିନ୍ ସହ ୨୨ଟି ହାଇୱା ଜବତ କରିଥିଲା। ମାର୍ଶାଘାଇ ଅଞ୍ଚଳର ଜଣେ ପେସାଦାର ଅପରାଧୀ ନିୟନ୍ତ୍ରଣରେ ଏହି ଦୁଇ ଘାଟ ଚାଲିଥିଲା। ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପରେ ପ୍ରଶାସନ ଦୁଇ ଘାଟକୁ ବନ୍ଦ କରିବା ବେଳକୁ ମାଫିଆମାନେ ୩ କୋଟିରୁ ଅଧିକ ଟଙ୍କାର ବାଲି ଲୁଟି ସାରିଥିବା କୁହାଯାଉଛି।

# ଗଣନା ପରେ ବନ୍ଧ୍ୟାକରଣ: ଚୟନ ହେଲା ଠିକାସଂସ୍ଥା, କୁକୁର ପିଛା ଖର୍ଚ୍ଚ ୧୬୫୦

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୁଣି ଥରେ ଆରମ୍ଭ ହେବାକୁ ଯାଉଛି କୁକୁର ବନ୍ଧ୍ୟାକରଣ। ଭୁବନେଶ୍ୱରରେ କୁକୁର ବନ୍ଧ୍ୟାକରଣ ଓ ଟିକାକରଣ ପାଇଁ ବିଏମ୍‌ସି ଠିକା ସଂସ୍ଥା ଚୟନ କରିଛି। 'ଆସ୍ରା'(ଆନିମଲ ୱେଲଫେୟାର ଅର୍ଗାନାଇଜେସନ୍) ନାମକ ଏକ ସଂସ୍ଥାକୁ ଠିକା ଦିଆଯାଇଛି। ଖୁବ୍‌ଶୀଘ୍ର ସଂସ୍ଥା ଏହି ବନ୍ଧ୍ୟାକରଣ ଆରମ୍ଭ କରିବ। ବନ୍ଧ୍ୟାକରଣ ସହ ଟିକାକରଣ ପାଇଁ କୁକୁର ପିଛା ୧୬୫୦ ଟଙ୍କା ଏହି ସଂସ୍ଥା ନେବ। ଯେତେବେଳେ ଏହି ବନ୍ଧ୍ୟାକରଣ ବା ଏବିସି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ସେତେବେଳେ କୁକୁର ପିଛା ୫ଶହ ଟଙ୍କା ଖର୍ଚ୍ଚ ହେଉଥିଲା। ପରେ ଭାରତୀୟ ପ୍ରାଣୀଧନ କଲ୍ୟାଣ ବୋର୍ଡ (ଏଡବ୍ଲୁବିଆଇ) ଦରବୃଦ୍ଧି କରିଥିଲା। ଏଥିରେ କୁକୁରଙ୍କୁ ଧରିବା ଓ ଅପରେସନ ପରେ ଛାଡ଼ିବା ପାଇଁ ୨ଶହ ରହିଥିବା ବେଳେ ଅପରେସନ ପୂର୍ବରୁ ଓ ପରେ ହେଉଥିବା ବିଭିନ୍ନ ଖର୍ଚ୍ଚ ପାଇଁ ୧୪୫୦ ରହିଛି। ମାସକୁ ଅତି କମ୍‌ରେ ୫ଶହ କୁକୁରଙ୍କର ବନ୍ଧ୍ୟାକରଣ ଓ ଟିକାକରଣ କରିବାକୁ ଯୋଜନା କରିଛି ବିଏମ୍‌ସି। କୁକୁର ସଂଖ୍ୟା କେତେ ଅଛି ତାହାର ହିସାବ ନଥିବାରୁ କେବଳ ଆକଳନରେ ଚାଲିଛି। ଆକଳନ ମୁତାବକ, ସହରାଞ୍ଚଳରେ



ପ୍ରତି ୧ଲକ୍ଷ ଜନସଂଖ୍ୟାରେ ୩ ପ୍ରତିଶତ କୁକୁର ରୁହନ୍ତି। ଭୁବନେଶ୍ୱର ସହରର ଜନସଂଖ୍ୟା ଯଦି ୧୫ ଲକ୍ଷ ଥାଏ ତେବେ କୁକୁର ଭୁବନେଶ୍ୱରରେ ୪୫ ହଜାର ରହିଥିବା ବିଏମ୍‌ସି ଆକଳନ କରିଛି। କିନ୍ତୁ କୁକୁର ଗଣନା ଆଜି ଯାଏ ହୋଇନାହିଁ। ଏଣୁ ଠିକା ସଂସ୍ଥା କେତେ କୁକୁରଙ୍କୁ ଅପରେସନ କଲା ତାହାର ହିସାବ ଜାଣିବା ପାଇଁ ପ୍ରଥମେ କୁକୁରଙ୍କ ସଂଖ୍ୟା ଜାଣିବାକୁ ଥିବାରୁ ବିଏମ୍‌ସି ପ୍ରଥମେ କୁକୁର ଗଣନା କରିବ। ବିଏମ୍‌ସିର କର୍ମଚାରୀ କିମ୍ବା ଠିକାସଂସ୍ଥାଙ୍କ ଜରିଆରେ ଏହି ଗଣନା କରାଯିବାକୁ ଯୋଜନା ହୋଇଛି। ଅନ୍ୟପଟେ ୨୦୨୨, ଜାନୁଆରୀ ପର୍ଯ୍ୟନ୍ତ ବିଭାଗ ପକ୍ଷରୁ ସହିଦନଗର ଭେଟେନାରି ପଲି କ୍ଲିନିକ୍ ଜରିଆରେ ଏବିସି ଚାଲିଥିଲା। ଏହି ଅବଧିରେ ୨୭ହଜାର ୨୧୬ ବୁଲା କୁକୁରଙ୍କର ଅପରେସନ କରାଯାଇଥିଲା। ଏଥିରେ ୭୫୭୫ ଅଣ୍ଡିରା ଓ ୧୯୯୧୧ ମାଈ କୁକୁର ଥିଲେ। ୨୦୨୨ ଫେବ୍ରୁୟାରୀରୁ ଜୁନ୍ ପର୍ଯ୍ୟନ୍ତ ବିଏମ୍‌ସି କରିଥିଲା। ଏହି ୪ ମାସରେ ୧୨୮୨ କୁକୁରଙ୍କର ଅପରେସନ କରାଯାଇଥିଲା। ଏଥିରେ ୪୧୨ ଅଣ୍ଡିରା ଓ ୮୭୦ ମାଈ ଥିଲେ। ଜୁନ୍‌ରୁ ନଭେମ୍ବର ଏହି ଅପରେସନ ବନ୍ଦ ରହିଥିଲା। ନଭେମ୍ବରରୁ ବିଏମ୍‌ସି ଏକ ଠିକା ସଂସ୍ଥା (ଭେଟ୍‌ସ୍ ଫର ଆନିମଲ୍‌ସ) ଜରିଆରେ ବିଧିବଦ୍ଧ ଭାବରେ ଏବିସି କାର୍ଯ୍ୟକ୍ରମ ଆରମ୍ଭ କରିଥିଲା। ୨୦୨୩ ଜୁଲାଇ ସୁଦ୍ଧା ଏହି ସଂସ୍ଥା ୪୭୩୮ କୁକୁର ଧରିଥିଲା ଓ ୪୪୮୦ଙ୍କର ଅପରେସନ କରିଥିଲା। ଏହି ସବୁ ତଥ୍ୟକୁ ହିସାବକୁ ନେଲେ ୪୫ହଜାର କୁକୁରଙ୍କ ମଧ୍ୟରୁ ଏ ଯାବତ୍ ୩୨ହଜାର ୯୭୮ କୁକୁରଙ୍କର ଅପରେସନ ହୋଇସାରିଛି। ଆଉ ପ୍ରାୟ ୧୩ ହଜାର କୁକୁର ଅପରେସନ ହେବାକୁ ରହିଥିବା ଆକଳନ କରାଯାଉଛି। କିନ୍ତୁ କୁକୁରଙ୍କ ସଂଖ୍ୟା କିମ୍ବା ସେମାନଙ୍କର ଉତ୍ପାତ କମିନାହିଁ। ବରଂ ଦିନକୁ ଦିନ ବଢ଼ିବାରେ ଲାଗିଛି। ତେବେ ଯେଉଁସବୁ କୁକୁରଙ୍କର ଅପରେସନ ହୋଇଛି ସେମାନଙ୍କ କାନ କଟାଯାଇ ଚିହ୍ନଟ କରାଯାଇଛି। ଏବେ ବିଏମ୍‌ସି କୁକୁର ଗଣନା କରିବା ପରେ କେତେ ଅପରେସନ ହୋଇଛି, କେତେ ହୋଇନାହାନ୍ତି ସେ ନେଇ ବାସ୍ତବ ତଥ୍ୟ ପଦାକୁ ଆସିବ। ପୂର୍ବରୁ ମାସକୁ ପ୍ରାୟ ୨୦୦ଟି କୁକୁରଙ୍କ ଅପରେସନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ହେଲେ ସର୍ବାଧିକ ଶହେ କୁକୁରଙ୍କର ହୋଇ ପାରୁଥିଲା। ଅର୍ଥାତ୍ ବର୍ଷକୁ ୧୨୦୦ କୁକୁର ବନ୍ଧ୍ୟାକରଣ ହେବା ସମ୍ଭାବନା ଥିବା ବେଳେ ବର୍ଷକୁ ପ୍ରାୟ ୩୦୦୦ କୁକୁର ଛୁଆ ଜନ୍ମ ହେଉଥିଲେ। ଏଣୁ ଏକ ବିଚିତ୍ର ପରିସ୍ଥିତି ସୃଷ୍ଟି ହେଉଥିଲା। ମଞ୍ଚେଶ୍ୱରରେ କୁକୁରଙ୍କ ଅପରେସନ ପାଇଁ ସ୍ୱତନ୍ତ୍ର କେନେଲ୍ ପ୍ରସ୍ତୁତ ହେବା ପରେ ମାସକୁ ୫ଶହ କୁକୁର ଅପରେସନ ହେବା ବ୍ୟବସ୍ଥା ହୋଇଛି।

# ଭୁବନେଶ୍ୱରରେ ୬୧ ପିଲା ଦେଲେନି ମାଟ୍ରିକ ପରୀକ୍ଷା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମାଟ୍ରିକ୍ ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଥିଲେ। ମାତ୍ର ଦିନଟିଏ ମଧ୍ୟ ପରୀକ୍ଷା କେନ୍ଦ୍ରକୁ ଆସିଲେ ନାହିଁ। ତନାଘନା ପରେ ଏହା ପଛର କାରଣ ସମସ୍ତଙ୍କୁ ଚକିତ କରିଛି। ଫର୍ମ ପୂରଣ କରିଥିବା ଜଣେ ଛାତ୍ରୀ ବିବାହ କରିଛନ୍ତି। ଦୁଇ ଜଣ ପରୀକ୍ଷାର୍ଥୀଙ୍କର ମୃତ୍ୟୁ ଘଟିଛି। ଅଧିକାଂଶ ସହର ଓ ରାଜ୍ୟ ବାହାରକୁ ଚାଲିଯାଇଛନ୍ତି। କୌଣସି ଉପାନ୍ତ କି ଆଦିବାସୀ ଅଞ୍ଚଳ ନୁହେଁ, ବରଂ ଏହି ଚିତ୍ର ରାଜ୍ୟ ରାଜଧାନୀର। ଚଳିତବର୍ଷ ପରୀକ୍ଷାରେ ବିଏମ୍‌ସି ଅଞ୍ଚଳରେ ୬୦ ଓ ଭୁବନେଶ୍ୱର ବ୍ଲକ ଅଞ୍ଚଳରେ ଜଣେ ପରୀକ୍ଷା ଦେବାକୁ ଆସି ପାରି ନଥିବା ସୂଚନା ମିଳିଛି। ଅନୁପସ୍ଥିତ ରହିଥିବା ୬୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୮ଜଣଙ୍କ ଅନୁପସ୍ଥିତିର କାରଣ ହସ୍ତଗତ ହୋଇଛି। ଗଣ୍ଡମୁଣ୍ଡା ସରକାରୀ ଉଚ୍ଚବିଦ୍ୟାଳୟରେ ପଢୁଥିବା ଜଣେ ଛାତ୍ରୀ ମାଟ୍ରିକ୍ ପରୀକ୍ଷା ପୂର୍ବରୁ ବିବାହ କରିଛନ୍ତି। ଝିଅ ବିବାହ କରିବାରୁ ପରୀକ୍ଷା ଦେବାକୁ ଆସିପାରି ନଥିବା ପରିବାର ଲୋକେ କହିଛନ୍ତି। ସହର ଛାଡ଼ି ପଳାଇ ଯାଇଥିବା ପରୀକ୍ଷାର୍ଥୀ ମଧ୍ୟରୁ ରସୁଲଗଡ଼ସ୍ଥିତ ଗୋପୀନାଥ ଦେବ ହାଇସ୍କୁଲର ଜଣେ ଛାତ୍ରୀଙ୍କ ବିଷୟରେ ଯାଞ୍ଚ ସମୟରେ ଘରେ ତାଲା ପଡ଼ିଥିଲା। ୟୁନିଟ୍-୯ ବାଳକ



ଉଚ୍ଚବିଦ୍ୟାଳୟର ଜଣେ ଛାତ୍ର ବାହାର ରାଜ୍ୟକୁ ଚାଲିଯାଇଛନ୍ତି। ଗଣ୍ଡମୁଣ୍ଡା ସରକାରୀ ଉଚ୍ଚବିଦ୍ୟାଳୟର ୩ ଜଣ ପରୀକ୍ଷା ସମୟରେ ସହରରେ ନଥିବାରୁ ରାଜ୍ୟ ବାହାରକୁ ଚାଲିଯାଇଥିବା ସ୍କୁଲ କର୍ତ୍ତୃପକ୍ଷ ଅନୁମାନ କରୁଛନ୍ତି। ୟୁନିଟ୍-୬ ସରକାରୀ ହାଇସ୍କୁଲର ଜଣେ ପରୀକ୍ଷାର୍ଥୀ ବେଙ୍ଗାଲୁରୁ ଚାଲିଯିବାରୁ ପରୀକ୍ଷାରେ ଅନୁପସ୍ଥିତ ରହିଥିଲେ। କପିଳେଶ୍ୱର ସରକାରୀ ହାଇସ୍କୁଲ, ବିଜେବି ନଗରସ୍ଥିତ ହରିହର ସରକାରୀ ହାଇସ୍କୁଲ, ମଞ୍ଚନାଥଦେବ ହାଇସ୍କୁଲ, ପଟିଆ ବାଳିକା ହାଇସ୍କୁଲର ଜଣେ ଲେଖାଏ ପରୀକ୍ଷାର୍ଥୀ ସହର ବାହାରକୁ ଚାଲିଯାଇଥିଲେ। ଯଦୁପୁରସ୍ଥିତ ମମତାଜ୍ ଅଲ୍ଲୀ ହାଇସ୍କୁଲର ୩ଜଣଙ୍କ ମଧ୍ୟରୁ ଜଣେ ସୁରଟ ଯାଇଥିବା ବେଳେ ଅନ୍ୟଜଣେ ଘରେ ନଥିଲେ। ଅନ୍ୟ ଜଣକ ୫୦ ମିନିଟ୍ ବିଳମ୍ବରେ କେନ୍ଦ୍ରରେ ପହଞ୍ଚିବାରୁ ପରୀକ୍ଷା ଦେବାକୁ ସୁଯୋଗ ପାଇନାହାନ୍ତି।

ତାଲିକାରେ ଅସୁସ୍ଥ ପରୀକ୍ଷାର୍ଥୀଙ୍କ ସଂଖ୍ୟା ଅଧିକ ରହିଛି। ୟୁନିଟ୍-୧ ସରକାରୀ ହାଇସ୍କୁଲର ଦୁଇ ଜଣ ପରୀକ୍ଷାର୍ଥୀଙ୍କ ଅକାଳ ବିୟୋଗ ହୋଇଯାଇଛି। ଅନ୍ୟ ଜଣେ ଅସୁସ୍ଥତା ପାଇଁ ପରୀକ୍ଷା ଦେଇପାରି ନାହାନ୍ତି। ଆଇଆରସି ଭିଲେଜ୍ ସରକାରୀ ଉଚ୍ଚବିଦ୍ୟାଳୟର ୪ଜଣ, ୟୁନିଟ୍-୧ ବାଳିକା ଉଚ୍ଚବିଦ୍ୟାଳୟର ଦୁଇ ଜଣ, ୟୁନିଟ୍-୨ କ୍ୟାପିଟାଲ ହାଇସ୍କୁଲ, ୟୁନିଟ୍-୬ ବାଳିକା ହାଇସ୍କୁଲ, ବରମୁଣ୍ଡା ସିଆରପି ସରକାରୀ ହାଇସ୍କୁଲ, ବଡ଼ଗଡ଼ ସରକାରୀ ହାଇସ୍କୁଲ, ଚନ୍ଦ୍ରଶେଖରପୁର ଫେଜ୍-୨ ସରକାରୀ ହାଇସ୍କୁଲ, ଝାରପଡ଼ା ହାଇସ୍କୁଲ, ତପୋବନ ହାଇସ୍କୁଲର ଜଣେ ଲେଖାଏ ପରୀକ୍ଷାର୍ଥୀ ଅସୁସ୍ଥତା ପାଇଁ ପରୀକ୍ଷା ଦେବାକୁ ଆସିପାରି ନ ଥିଲେ। ପରୀକ୍ଷା ଦେଇ ନ ଥିବା ଅନ୍ୟ ପରୀକ୍ଷାର୍ଥୀଙ୍କ ସମ୍ପର୍କରେ ଏପର୍ଯ୍ୟନ୍ତ ଜଣାପଡ଼ି ନ ଥିଲେ ମଧ୍ୟ ଅଭିଭାବକମାନେ ବାସସ୍ଥାନ ବଦଳାଇବାରୁ ଏଭଳି ହୋଇଥିବା ଅନୁମାନ କରାଯାଉଛି।

ଗଣଶିକ୍ଷା ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ ପରୀକ୍ଷାର୍ଥୀ ଅନୁପସ୍ଥିତି ପାଇଁ ସାମାଜିକ ଓ ଆର୍ଥିକ ଦୃଷ୍ଟିକୋଣ ଦାୟୀ। ରାଜ୍ୟର କେତେକ ସ୍ଥାନରେ ଛାତ୍ରୀମାନେ ପରୀକ୍ଷା ପୂର୍ବରୁ ବିବାହ କରିଥିବା ସତ। ସେଠାରେ ପିଲାଙ୍କ ସାମାଜିକ ସ୍ଥିତିକୁ ଦେଖିବାକୁ ପଡ଼ିବ। ଡ୍ରପ୍ ଆଉଟ୍ ସଂଖ୍ୟା ଯେପରି ନ ବଢ଼ିବ ତାହାକୁ ନଜରରେ ରଖି ପଦକ୍ଷେପ ନିଆଯାଉଛି। ଅଧାରୁ ପାଠପଢ଼ା ଛାଡୁଥିବା ଛାତ୍ରଛାତ୍ରୀଙ୍କୁ ଖୋଜିବା ପାଇଁ ଡୋର ଟୁ ଡୋର କ୍ୟାମ୍ପେନ୍ ହେଉଛି। ୨୦୨୫-୨୬ ଶିକ୍ଷାବର୍ଷ ଆରମ୍ଭରୁ ପୁଣିଥରେ ପ୍ରକ୍ରିୟା ଆରମ୍ଭ ହେବ। ପିଲାମାନେ କାହିଁକି ପରୀକ୍ଷା ଦେଉନାହାନ୍ତି ତାହାର କାରଣ ଖୋଜାଯାଇ ସେମାନଙ୍କୁ ପୁଣିଥରେ ଫେରାଇ ଆଣିବାକୁ ଚେଷ୍ଟା କରାଯିବ। ଯଦି କେହି ଧନ୍ଦାମୂଳକ ଶିକ୍ଷା ପାଇଁ ଆଗ୍ରହୀ ତେବେ ସେମାନଙ୍କ ପାଇଁ ବ୍ୟବସ୍ଥା ହେବ।

# ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**

ମହାନ୍ ଜନ ନାୟକ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୧୦୯ତମ ଜୟନ୍ତୀ ଉତ୍ସବ ଚୌଦ୍ୱାରରେ ଅନୁଷ୍ଠିତ ହୋଇ ଯାଇଛି । ଚୌଦ୍ୱାର ନଗର ବିଜେଡ଼ି ତରଫରୁ ଆୟୋଜିତ ଏହି ଉତ୍ସବରେ ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ବିରୂପା ନଦୀକୁଳରେ ଥିବା ବିଜୁ ବାବୁଙ୍କ ପ୍ରତିମୁର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ବିଜୁବାବୁଙ୍କ ଜୀବନୀ ଆଲୋଚନା କରି ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶାର ବିକାଶରେ ନିଷ୍ଠାର ସହ ସାମିଲ ହେବାକୁ ସମସ୍ତଙ୍କୁ ନିବେଦନ କରିଥିଲେ । ପରେ ବିଧାୟକ ଓ ଦଳୀୟ ନେତୃ ମଣ୍ଡଳୀ ସ୍ଥାନୀୟ ଶିଶୁସଦନକୁ ଯାଇ ସେଠାରେ ପିଲା ମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ହିନ୍ଦ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ,ଡେପୁଟି ମେୟର ଦମୟନ୍ତୀ ମାଝୀ, ଜିଲା ବିଜେଡ଼ି ଉପ ସଭାପତି ପ୍ରେମଚାନ୍ଦ ନାୟକ,କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା,ଯୁବ ସଭାପତି ସାରଦା ରଞ୍ଜନ ପରିଜା, ଛାତ୍ର ସଭାପତି ଭରତ ଚନ୍ଦ୍ର ସାହୁ,ମହିଳା ସଭାନେତ୍ରୀ କବିତାରାଣୀ ଲେଙ୍କା, ଯୁବନେତା ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଲକ୍ଷ୍ମଣ ରାଉତ, ଧୀରେନ୍ଦ୍ର ଜେଠୀ, କାଉନସିଲର ଆଶୁତୋଷ ଦାସ, ଅଜୟ କୁମାର ବେହେରା, ଦୀଲ୍ଲିପ ସାହୁ, ବିଜୟ ମଲ୍ଲିକ, ବିଜୟ ସାହୁ, ସବିତା ମାହାଳି, ରଞ୍ଜୁଲତା ଦାସ, ଦୀପକ କୁମାର ମଙ୍ଗରାଜଙ୍କ ସମେତ ବହୁ ନାରୀ ନେତ୍ରୀ, ବରିଷ୍ଠ ନାଗରିକ, ବହୁ ସଂଖ୍ୟାରେ ଯୁବକ ଓ ଛାତ୍ର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଅନୁରୂପ ଭାବେ ପୌରପାଳିକା ୧୦ନଂ ୱାର୍ଡ ସ୍ଥିତ ବିଜୁ ପଟ୍ଟାନାୟକ ପାର୍କ ପରିସରରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀ ଠାରେ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ନେତୃତ୍ୱରେ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି ।

# ପାର୍ଟପ୍ଲଟ୍ ପଞ୍ଜୀକରଣ କେଳେଙ୍କାରୀ: ଖଣ୍ଡଗିରି ପରେ ଖୋର୍ଦ୍ଧା ପାଳି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପାର୍ଟପ୍ଲଟ୍ ପଞ୍ଜୀକରଣ କେଳେଙ୍କାରୀର ପ୍ରଥମ କାର୍ଯ୍ୟାନୁଷ୍ଠାନ ହୋଇସାରିଛି। ଖଣ୍ଡଗିରି ସବ୍‌ରେଜିଷ୍ଟ୍ରାର ନିଲମ୍ବିତ ହେବା ପରେ ଏବେ ତାଲିକାରେ ଥିବା ୩୧ ଅଫିସର ସରକାରଙ୍କ ଟାର୍ଗେଟ୍‌ରେ ରହିଛନ୍ତି। ଖଣ୍ଡଗିରି ପରେ ଏବେ ଖୋର୍ଦ୍ଧା ସବ୍‌ରେଜିଷ୍ଟ୍ରାରଙ୍କ ପାଳି ପଡ଼ିବାକୁ ଯାଉଛି। ପାର୍ଟପ୍ଲଟ୍ କିଣାବିକାରେ କଟକଣା ଲାଗିଥିବା ବେଳେ ଖୋର୍ଦ୍ଧା ସବ୍‌ରେଜିଷ୍ଟ୍ରାର ଏହି କଟକଣାକୁ ଖାତିର କରିନାହାନ୍ତି। କଟକଣା ବେଳେ ମନଇଚ୍ଛା କିଣାବିକା ଅନୁମତି ଦେଇଛନ୍ତି। ଅଭିଯୋଗ ହେବା ପରେ ଖୋର୍ଦ୍ଧା ଏଡିଏମ୍ ସବ୍‌ରେଜିଷ୍ଟ୍ରାରଙ୍କୁ ରିପୋର୍ଟ ତଲବ୍ କରିଛନ୍ତି। ୨୦୨୪ ଡିସେମ୍ବରରୁ ୨୦୨୫ ଫେବ୍ରୁୟାରୀ ପର୍ଯ୍ୟନ୍ତ କେତେ ପାର୍ଟପ୍ଲଟ୍ ପଞ୍ଜୀକରଣ ହୋଇଛି ସେ ନେଇ ୭ ଦିନ ଭିତରେ ରିପୋର୍ଟ ଦେବାକୁ କୁହାଯାଇଛି। ପାର୍ଟପ୍ଲଟ୍ ବା ଆଂଶିକ ପ୍ଲଟ୍ ପଞ୍ଜୀକରଣ ଉପରେ କଟକଣା ଲାଗିଥିଲା। କିନ୍ତୁ ତଳିଆ କର୍ମଚାରୀଙ୍କ ଜରିଆରେ ହାତଗୁଞ୍ଜା ନେଇ ସବ୍‌ରେଜିଷ୍ଟ୍ରାରମାନେ ପଞ୍ଜୀକରଣ କରାଇଦେଉଥିଲେ। ଗତ ଡିସେମ୍ବର ୯ ତାରିଖରେ ଖଣ୍ଡଗିରି ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟର କନିଷ୍ଠ କିରାଣି ଦେବଯାନୀ କର ପାର୍ଟ ପ୍ଲଟ୍ ପଞ୍ଜୀକରଣ ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏହି ଘଟଣାରୁ ପ୍ରତ୍ୟେକ ଅଫିସ୍‌ରେ ଲାଞ୍ଚ କାରବାର ଚାଲିଥିବା ପ୍ରମାଣିତ ହୋଇଥିଲା। ଏହାକୁ ନେଇ ତନାଘନା ହୋଇଥିଲା। ନୂଆ ସରକାର ଏହାକୁ ଗୁରୁତ୍ୱର ସହ ନେଇଥିଲେ। କଟକଣା ବେଳେ କେଉଁ ଅଫିସ୍‌ରେ



କେତେ ପାର୍ଟପ୍ଲଟ୍ ରେଜିଷ୍ଟ୍ରେସନ ହୋଇଛି ସେ ନେଇ ରିପୋର୍ଟ ତଲବ କରିଥିଲେ। ଏହି ତାଲିକାର ଶୀର୍ଷରେ ରହିଥିଲା ଖଣ୍ଡଗିରି ସବ୍‌ରେଜିଷ୍ଟ୍ରାର ଅଫିସ। ଗତମାସ ୨୨ ତାରିଖରେ ଏହି ସବ୍‌ରେଜିଷ୍ଟ୍ରାରଙ୍କୁ ସରକାର ନିଲମ୍ବନ କରିଥିଲେ। ଏବେ ଖୋର୍ଦ୍ଧା ସବ୍‌ରେଜିଷ୍ଟ୍ରାରଙ୍କ ପାଳି ପଡ଼ିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ମୁତାବକ ଏଡିଏମ୍ ଯେଉଁ ଅବଧିର ତଥ୍ୟ ତଲବ କରିଛନ୍ତି ସେହି ଦୁଇମାସରେ ଏଠାରେ ୫୫ ପାର୍ଟପ୍ଲଟ୍ ପଞ୍ଜୀକୃତ ହୋଇଛି। ଖଣ୍ଡଗିରିରେ ଧରାପଡ଼ିଥିବା କେଳେଙ୍କାରୀ ମୁତାବକ ଯଦି ଅତିକମ୍‌ରେ ଗୋଟିଏ ପଞ୍ଜୀକରଣ ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନିଆଯାଉଥାଏ ତେବେ ଏହି କାରବାରରେ ୧୧ ଲକ୍ଷ ଟଙ୍କା ହାତଗୁଞ୍ଜା କାରବାର ହୋଇଛି। ୨୦୨୨ରେ ଏହି ପଞ୍ଜୀକରଣ କଟକଣା ଲାଗିଥିଲା। ଯଦି ପୂରା କଟକଣା ଅବଧିକୁ ଦେଖାଯାଏ ତେବେ ୩ ବର୍ଷରେ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଲାଞ୍ଚ ଅଧିକାରୀ ନେଇଯାଇଛନ୍ତି। ତେବେ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ କହିବା କଥା, କେବଳ ଅଭିଯୋଗ ହୋଇଛି। ତନାଘନା ବେଳେ ଜଣାପଡ଼ିଛି କି ୨୦୨୨ରେ କଟକଣା ଲାଗିବା ପରଠାରୁ ଓଡ଼ିଶାରେ ୨୨ହଜାର ୧୫୦ ସବ୍ ବା ପାର୍ଟ ପ୍ଲଟ୍ ରେଜିଷ୍ଟ୍ରେସନ୍ ହୋଇଥିଲା। ଜଟଣୀରେ ସର୍ବାଧିକ ୭ହଜାର ୩ଶହ ପଞ୍ଜୀକୃତ ହୋଇଥିବା ବେଳେ ଭୁବନେଶ୍ୱରରେ ୭ହଜାର ୨ଶହ, ଖଣ୍ଡଗିରିରେ ୪ହଜାର ୫ଶହ, ଖୋର୍ଦ୍ଧାରେ ୧୩୦୦, ବାଲିପାଟଣାରେ ୮୮୬ ଏବଂ ବାଲିଅନ୍ତାରେ ୪୫୩ଟି ପଞ୍ଜୀକୃତ ହୋଇଥିଲା। ଯେଉଁ ସବୁ ଅଧିକାରୀଙ୍କ ସମୟରେ ଏହି କାରବାର ହୋଇଥିଲା ସେମାନଙ୍କର ତାଲିକା କରାଯାଇଥିଲା। ଏହି ତାଲିକାରେ ୩୧ ଜଣ ଅଧିକାରୀ ରହିଥିଲେ। ଅନ୍ୟପଟେ ବାରଙ୍ଗ ସବ୍‌ରେଜିଷ୍ଟ୍ରାର ମଧ୍ୟ ସରକାରଙ୍କ ଟାର୍ଗେଟ୍‌କୁ ଆସିଛନ୍ତି। ବାରଙ୍ଗରେ ପ୍ଲଟ୍ ପଞ୍ଜୀକରଣକୁ ନେଇ ବେଆଇନ କାରବାର ହୋଇଥିବା ନେଇ ଅଭିଯୋଗ ହେବା ପରେ ଗତ ବର୍ଷ ସେପ୍ଟେମ୍ବର ମାସରେ ରାଜସ୍ୱ ପର୍ଷଦ ରିପୋର୍ଟ ତଲବ କରିଥିଲେ। ବେଆଇନ କାରବାର ଅଭିଯୋଗର ପକ୍ଷ ରଖିବାକୁ କହିଥିଲେ। ୬ ମାସ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ ଅଧିକାରୀ କୌଣସି ଉତ୍ତର ରଖି ନଥିଲେ। ଏଣୁ ପୁଣି ଥରେ ରାଜସ୍ୱ ପର୍ଷଦର ଆଇଜିଆର ତାଗିଦ କରିଛନ୍ତି।





# ବିଦ୍ୟାଳୟ ମଧ୍ୟାହ୍ନ ଭୋଜନରେ ହ୍ରାସ ହେବ ୧୦% ତେଲ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ (ପିଏମ୍ ପୋଷଣ) ଯୋଜନା ଅଧୀନରେ ବିଦ୍ୟାଳୟ ମଧ୍ୟାହ୍ନ ଭୋଜନରେ ୧୦% ରନ୍ଧନ ତେଲ ହ୍ରାସ କରିବାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସବୁ ରାଜ୍ୟକୁ ପରାମର୍ଶ ଦିଆଯାଇଛି । ପିଲାଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ମେଦବହୁଳତା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରୀକ୍ଷା ପେ' ଚର୍ଚ୍ଚା ଏବଂ ମନ୍ କି ବାତ୍‌ରେ ଆଲୋକପାତ କରିବା ପରେ ଶିକ୍ଷା ମନ୍ତ୍ରଣାଳୟ ଏହି ପରାମର୍ଶ ଜାରି କରିଛି। ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଏବଂ ସାକ୍ଷରତା ବିଭାଗ ସଚିବ ସଞ୍ଜୟ କୁମାର ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ଚିଠି ଲେଖି ବିଦ୍ୟାଳୟ ଭୋଜନରେ ବ୍ୟବହାର ହେଉଥିବା ତେଲ ୧୦% କମାଇବାକୁ ପରାମର୍ଶ ଦେଇଛନ୍ତି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟକର ଖାଦ୍ୟ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି। କାଫେଟେରିଆ ଖାଦ୍ୟ ଏବଂ ହଷ୍ଟେଲ୍ ଭୋଜନରେ ତେଲ ବ୍ୟବହାର କମାଇବା, ପିଏମ୍ ପୋଷଣ ଅଧୀନରେ ପାଚିକା ତଥା ସହାୟିକାଙ୍କୁ ସୁସ୍ଥ ରୋଷେଇ ପଦ୍ଧତି ଗ୍ରହଣ କରିବା ପାଇଁ ତାଲିମ୍ ଦେବା, ପ୍ରତିଯୋଗିତା ଓ ଆଲୋଚନା ମାଧ୍ୟମରେ ଛାତ୍ର, ଅଭିଭାବକ ଏବଂ ଶିକ୍ଷକଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା, ବ୍ୟାୟାମ, ଯୋଗକୁ ପ୍ରୋତ୍ସାହିତ କରିବା ଆଦି ଦିଗ ପ୍ରତି ଗୁରୁତ୍ୱ ଦେଇଛି ଶିକ୍ଷା ମନ୍ତ୍ରଣାଳୟ। ଆଜିର ବିଶ୍ୱରେ ପିଲାଙ୍କ ମେଦବହୁଳତା ଚିନ୍ତାର ବିଷୟ ହୋଇଛି। ଅତ୍ୟଧିକ ତେଲ ବ୍ୟବହାର ଓ ଏହାର ପ୍ରତିକୂଳ ପ୍ରଭାବ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯିବା ଆବଶ୍ୟକ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟକର ଖାଦ୍ୟ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ପିଏମ୍ ପୋଷଣ ଅଧୀନରେ ବିଦ୍ୟାଳୟ ଭୋଜନରେ ୧୦ ପ୍ରତିଶତ କମ୍ ରନ୍ଧନ ତେଲ ବ୍ୟବହାର କରିବାକୁ କୁହାଯାଇଛି। କମ୍ ତେଲ ଖାଇବାର ସୁବିଧା ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲାଗି ବିଭିନ୍ନ କାର୍ଯ୍ୟକ୍ରମ କରିବାକୁ ମନ୍ତ୍ରଣାଳୟ ପରାମର୍ଶ ଦେଇଛି । ଏଥିପାଇଁ ଏକ ସ୍ୱତନ୍ତ୍ର କ୍ଲାସ୍ କରିବାକୁ କୁହାଯାଇଛି । ଏହାସହ ହୋମ୍ ସାଇନ୍ସ କଲେଜ ଏବଂ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରୁ ପୁଷ୍ଟିସାର ବିଶେଷଜ୍ଞଙ୍କୁ ଆମନ୍ତ୍ରଣ କରି ସୂଚନାମୂଳକ ଅଧିବେଶନ କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ବିଦ୍ୟାଳୟସ୍ତରୀୟ କୁଇଜ୍ ପ୍ରତିଯୋଗିତା କରି ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିବାକୁ କୁହାଯାଇଛି । ଏକ ସୁସ୍ଥ ଜୀବନଶୈଳୀ ବଜାୟ ରଖିବା ନିମନ୍ତେ ନିୟମିତ ବ୍ୟାୟାମ ଓ ଯୋଗର ଗୁରୁତ୍ୱ ସମ୍ପର୍କରେ ଦୃଷ୍ଟି ଦିଆଯିବା ଆବଶ୍ୟକ। ଛାତ୍ରଛାତ୍ରୀଙ୍କ ଠାରେ ମେଦବହୁଳତା ଚିହ୍ନଟ କରିବା ପାଇଁ ଶିକ୍ଷକଙ୍କୁ ପ୍ରଶିକ୍ଷିତ କରାଯିବା ଜରୁରୀ। ବିଭିନ୍ନସ୍ତରରେ ସଚେତନତା ଅଭିଯାନକୁ ବ୍ୟାପକ କରାଯିବ। ଉପରେ ମନ୍ତ୍ରଣାଳୟ ଗୁରୁତ୍ୱ ଦେଇଛି । ସେହିପରି ବିକଳ୍ପ ରନ୍ଧନ ପଦ୍ଧତି ଦ୍ୱାରା କମ୍ ତେଲରେ କିପରି ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ ହୋଇପାରିବ, ସେ ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ପାଇଁ ରନ୍ଧନ କ୍ଲାସ୍ ଆୟୋଜନ କରିବାକୁ ପରାମର୍ଶ ଦିଆଯାଇଛି। ବିଦ୍ୟାଳୟରେ ଛାତ୍ରଙ୍କୁ ସ୍ୱାସ୍ଥ୍ୟ ଆମ୍ବାସାଡର ଭାବେ ନିଯୁକ୍ତ କରିବା ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସ୍ୱତନ୍ତ୍ର ବୈଠକ ଡାକି ଆଲୋଚନା କରିବା ନିମନ୍ତେ କୁହାଯାଇଛି ।

# ୬୪ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**




ମାଲକାନଗିରି ସୀମାନ୍ତ ତେଲଙ୍ଗାନା ଭଦ୍ରାଦି କତାଗୁଡ଼େମ ଜିଲ୍ଲାରେ ୬୪ ମାଓବାଦୀ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। କତାଗୁଡ଼େମ ଜିଲ୍ଲାର ଆଇଜି ଚନ୍ଦ୍ରଶେଖର ରେଡ୍ଡୀଙ୍କ ନେତୃତ୍ୱରେ ପୋଲିସ ଓ ସିଆର୍‌ପିଏଫ୍‌ର ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ମିଳିତ ଭାବେ ଚାଲିଥିବା ମାଓ ଦମନ ଅଭିଯାନ ଚେୟୁତା ମାଧ୍ୟମରେ ମାଓବାଦୀ ଆକର୍ଷିତ ହୋଇଛନ୍ତି । ସେମାନେ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । ସମସ୍ତେ ପୂର୍ବରୁ ତେଲଙ୍ଗାନା ଓ ଛତିଶଗଡ଼ ରାଜ୍ୟରେ ଅନେକ ମାଓ ହିଂସା କାଣ୍ଡ ଘଟାଇବା ସହ ସରକାରଙ୍କ ବିରୋଧରେ ସାଧାରଣ ଜନତାଙ୍କୁ ପ୍ରବର୍ତ୍ତାଉ ଥିଲେ। ସରକାରଙ୍କ ମାଓଦମନ ନୀତି କଠୋର ସହ ବିକାଶ ମୂଳକ କାର୍ଯ୍ୟ ଓ ମାଓ ସଙ୍ଗଠନ ନିଜର ସ୍ଥିତି ହରାଉଥିବା ଦେଖି ୬୪ ମାଓବାଦୀ ସାଧାରଣ ଜୀବନ ଯାପନ ପାଇଁ ନିଷ୍ପତ୍ତି ନେଇ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ତେଲଙ୍ଗାନା ସରକାରଙ୍କ ନିୟମ ଅନୁସାରେ ୬୪ ଜଣଙ୍କୁ ୨୫ ହଜାର ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଥିବା ନେଇ ଏସ୍‌ପି ରୋହିତ ରାଜ ପ୍ରକାଶ କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି ଆଇଜି ପ୍ରକାଶ କରିଛନ୍ତି।

## 'ସାମ୍ବାଦିକ ସ୍ୱର୍ଗତ ନୀଳମଣି ସାହୁ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ'

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବରିଷ୍ଠ ସାମ୍ବାଦିକ, ସ୍ତମ୍ଭକାର, କବି, ଶିଶୁ ସାହିତ୍ୟିକ ଓ ଦକ୍ଷ ସଂଗଠକ ସ୍ୱର୍ଗତ ନୀଳମଣି ସାହୁଙ୍କ ଏକାଦଶାହ ଅବସରରେ ଏକ ରାଜ୍ୟସ୍ତରୀୟ ସ୍ମୃତିସଭା ସ୍ଥାନୀୟ ମାଷ୍ଟରକ୍ୟାଣ୍ଟିନ୍ ସ୍ଥିତ ବୁଲନ୍ ଭାଇ ସେବା ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ତଥା କଳିଙ୍ଗ ପେଷାଦାର ସାମ୍ବାଦିକ ସଂଘର ରାଜ୍ୟ ସଭାପତି ମନୋଜ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ବରିଷ୍ଠ ସାମ୍ବାଦିକ ତଥା ଓଡ଼ିଶା ଡିଜିଟାଲ୍ ମିଡ଼ିଆ ଆସୋସିଏସନ୍‌ର ସଭାପତି ତୁଷାର ପଟ୍ଟନାୟକ, ଦୈନିକ ସକାଳର ସହ ସମ୍ପାଦକ ବିମଳ ଥମ୍ବ, କଳିଙ୍ଗ ପେଷାଦାର ସାମ୍ବାଦିକ ସଂଘର ବରିଷ୍ଠ ଉପସଭାପତି ବିନାୟକ ମିଶ୍ର, ବରିଷ୍ଠ ସଦସ୍ୟ ରାମେଶ୍ୱର ଶତପଥି, ସାମ୍ବାଦିକ ସୁକାନ୍ତ ମହାନ୍ତି, ଭବାନୀଶଙ୍କର ସିଂହସାମନ୍ତ, ଗଙ୍ଗାଧର ଦାସ, ଦୀପକ ମହାପାତ୍ର, ସୁକାନ୍ତ ମହାନ୍ତି, ମୁରଲୀଧର ମିଶ୍ର, ସୁନାକର ଦାସ, ସୁବାଷ ସ୍ୱାଇଁ, ଜୟକାନ୍ତ ରାଉତ, ବିଜୟ କୁମାର ଖୁଣ୍ଟିଆ, ବରିଷ୍ଠ ସାମ୍ବାଦିକ ପ୍ରମୋଦ ପଟ୍ଟନାୟକ, ଜିତେନ୍ଦ୍ର ପଟ୍ଟନାୟକ, ଗଙ୍ଗାଧର ସାହୁ, ସୂର୍ଯ୍ୟନାରାୟଣ ପ୍ରଧାନ, ରଜନୀକାନ୍ତ ମଙ୍ଗରାଜ, ସୁବୋଧ କାନୁନ୍‌ଗୋ ଏବଂ ସମାଜସେବୀ ରବୀନ୍ଦ୍ର ପଲାଇ, ସାହିତ୍ୟିକା ନିରୂପମା ରଥ ଓ ଡ. ସୁନୀତି ମୁଣ୍ଡ ପ୍ରମୁଖ ସ୍ୱର୍ଗତ ନୀଳମଣି ସାହୁଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିବା ସହିତ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ । ସଭା ପ୍ରାରମ୍ଭରେ ଉପସ୍ଥିତ ସାମ୍ବାଦିକ ତଥା ଶୁଭେଚ୍ଛୁମାନେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଗୋଟିଏ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ । ଶେଷରେ ସାମ୍ବାଦିକ ଶାନ୍ତି ଶେଖର ରଥ ଧନ୍ୟବାଦ ଅର୍ପଣ କରିଥିଲେ ।



## ବସ୍-ସ୍କୁଟି ଧକ୍କା:ଭାଇ ମୃତ, ଭଉଣୀ ଗୁରୁତର

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଥାନା ଅଧୀନ ପଞ୍ଚଭୁତି ଠାରେ ରବିବାର ସକାଳୁ ସଡ଼କ ଦୁର୍ଘଟଣା ଘଟିଛି । ଓଏସ୍‌ଆର୍‌ଟିସି ବସ୍ ଓ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଯୋଗୁ ଘଟଣାସ୍ଥଳରେ ଭାଇର ମୃତ୍ୟୁ ହୋଇଯାଇଥିବାବେଳେ ଉଉଣୀ ଗୁରୁତର ଆହତ ହୋଇଛି। ଚଢେୟାପଲ୍ଲୀ ଗ୍ରାମର ଦିଲ୍ଲୀପ ନାଇକ (୨୨) ନିଜ ଭଉଣୀ ଯଶୋଦା ନାଇକ (୨୬)କୁ ସ୍କୁଟିରେ ବସାଇ କୌଣସି କାମରେ ଯାଇ ଘରକୁ ଫେରୁଥିଲେ। ଏହି ସମୟରେ ଭୁବନେଶ୍ୱର ପଟୁ ଆସୁଥିବା ଏକ ଓଏସ୍‌ଆର୍‌ଟିସି ବସ୍ ତାଙ୍କ ସ୍କୁଟିକୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ଭାଇ ଦିଲ୍ଲୀପଙ୍କ ମୃତ୍ୟୁ ଘଟିଥିଲା । ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଯଶୋଦାଙ୍କୁ ଉଦ୍ଧାର କରି ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଯଶୋଦାଙ୍କ ଅବସ୍ଥା ଗୁରୁତର ରହିଛି। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ଭଞ୍ଜନଗର-ଭୁବନେଶ୍ୱର ରାସ୍ତା ଅବରୋଧ କରିଥିଲେ। ଫଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଯାତାୟାତ ବନ୍ଦ ହୋଇଯାଇଥିଲା। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ଦୁର୍ଘଟଣାର ତଦନ୍ତ ଚଳାଇଛି ।

### ||||||||||||| କଂଗ୍ରେସ ନେତା ବିକାଶ ଦାଶଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି |||||||||||||

## 'କର୍ମ ମଣିଷକୁ ଯୁଗେ ଯୁଗେ ଅମର କରିଥାଏ'

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା କଂଗ୍ରେସ ମିଡ଼ିଆ ସେଲ୍ ସଂଯୋଜକ, ଜିଲ୍ଲାର ବିଶିଷ୍ଟ ଶ୍ରମିକ ନେତା ତଥା ବାଲେଶ୍ୱର ଜିଲ୍ଲା ଜଗନ୍ନାଥ ଚେତନାର ସଭାପତି ଓ ବହୁ ସଂଗଠନ ସହିତ ଜଡିତ ଥିବା ରେମୁଣା ନିର୍ବାଚନ ମଣ୍ଡଳୀର ଜଣେ ଦକ୍ଷ ସଂଗଠକ ଓ ଯୁବ ନେତା ବିକାଶ ଦାଶଙ୍କ ଏକାଦଶାହରେ ତାଙ୍କ ଶାସଙ୍ଗ ସ୍ଥିତ ବାସଭବନରେ ବିକାଶ ଦାସଙ୍କୁ ଭଲପାଉଥିବା ରାଜ୍ୟ ଓ ଜିଲ୍ଲା ସ୍ତରରେ ନେତୃମଣ୍ଡଳିଙ୍କ ସମେତ ବିଭିନ୍ନ ସଂଗଠନର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ମଣିଷର ଜନ୍ମ ଦିବ୍ୟ କୃପାରୁ ହୁଏ କିନ୍ତୁ ମଣିଷର କର୍ମ ନିଜର ଆତ୍ମ ବିଶ୍ୱାସ, ସମର୍ପଣ ଭାବନା, ଅସୀମ ଧୈର୍ଯ୍ୟ ବଳରେ ସଂପନ୍ନ କରି ହୁଏ । ତେଣୁ ମଣିଷର କର୍ମ ମଣିଷକୁ ଯୁଗେ ଯୁଗେ ଅମର କରିରଖିଥାଏ । ଅସମୟରେ ଝରା ଫୁଲ ଭଳି ଝରିପଡିଛନ୍ତି ବିକାଶ ଦାସ। କିନ୍ତୁ ତାଙ୍କର କର୍ମ ସମସ୍ତଙ୍କ ପାଇଁ ଅମଳିନ ସ୍ମୃତି ହୋଇ ରହିଯିବ ବୋଲି ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସଭାପତି ସଂଜୀବ ଗିରିଙ୍କ ସଭାପତିତ୍ୱରେ ଓ ଭବାନୀ ଶଙ୍କର ଦାଶଙ୍କ ସଂଯୋଜନାରେ ଆୟୋଜିତ "ସ୍ମୃତି ରେ ଆମ ବିକାଶ" ମଞ୍ଚରେ ମତ ରଖିଥିଲେ। ବିକାଶ ଦାଶଙ୍କୁ ଭଲ ପାଉଥିବା ବହୁ ଶୁଭେଚ୍ଛୁ ଓ ଦଳୀୟ କର୍ମୀ ନେତୃତ୍ୱ ଉପସ୍ଥିତ ଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ବିଧାୟକ ଦେବୀ ପ୍ରସନ ଚଣ୍ଡ, ସୁଦର୍ଶନ ଜେନା, ସୁଧାଂଶୁ ପରିଡା, ପ୍ରଦୀପ୍ତ ପଣ୍ଡା, ସ୍ୱରୂପ ଦାସ, ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ପଦ୍ମକାର ଗୁରୁ, ରାଜ୍ୟ ଯୁବ ଆଇଏନ୍‌ଟିୟୁସିର ସଭାପତି ସତ୍ୟବ୍ରତ ନାୟକ, ରାଣୀ ମନୋଜା ମଞ୍ଜରୀ ଦେବୀ, ଅର୍ଚ୍ଚନା ନନ୍ଦୀ, ସଦର ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ସରୋଜ ଲେଙ୍କା, ଜିଲ୍ଲା କଂଗ୍ରେସ ଉପସଭାପତି ଗୋପୀନାଥ ପାଢ଼ୀ, ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଜେନା, ସମାଜ ସେବୀ ସାୟିରୁଲ୍ ହକ୍, ବରିଷ୍ଠ ଆଇନଜୀବୀ ବିଜୟ ପାଣିଗ୍ରାହୀ, ଓଡ଼ିଶା ଜଗନ୍ନାଥ ଚେତନାର ସମ୍ପାଦକ ନିତ୍ୟାନନ୍ଦ ପଣ୍ଡା, ଶ୍ରୀକାନ୍ତ ବାଗୁଡେଇ, ବିକ୍ରମ ପଣ୍ଡା, କୃଷ୍ଣ ଗୋପାଳ ପଣ୍ଡା, ବିଜେଡି ଯୁବନେତା ସତ୍ୟ ଦାସ, ଧିରେନ ନାୟକ, ବସନ୍ତ ପଣ୍ଡା ବିଜେପି ନେତା ଶୁଭଙ୍କର ମହାପାତ୍ର, ସମ୍ପାଦିକା ମମତା ମହାପାତ୍ର, ଜ୍ୟୋତ୍ସ୍ନା ସେନାପତି, ଗୌରାଙ୍ଗ ପାଣିଗ୍ରାହୀ, ଆଇନଜୀବୀ ନିରଞ୍ଜନ ପରିଡା, ତରୁଣ ଦାସ, ଶ୍ରୀକାନ୍ତ ଜେନା, ରାଜେନ୍ଦ୍ର ମହାନ୍ତି, ରଞ୍ଜନ ଦାସ, ଦେବଦତ୍ତ ଦାସ, ତୃଷାର କାନ୍ତି ତପସ୍ୱୀ, ସୁଶାନ୍ତ ସାହୁ, ରାମନାରାୟଣ ଶତପଥି, ବିଜୟ ପାତ୍ର, ହେମଲତା ଦାସ, ହେମନ୍ତ ଗିରି, କହ୍ନେଇ ବେହେରା, ସାମ୍ବାଦିକ ରିଜୱାନ ଖାନ, ଜୀବନକୃଷ୍ଣ ବାରିକ, ରମେଶ ଦାସ, ଲକ୍ଷ୍ମୀଧର ଜେନା, ଦିଜେନ୍ଦ୍ର ନାରାୟଣ ଦାସ, ସତ୍ୟେନ୍ଦ୍ର ଦାସଙ୍କ ସମେତ ରାଜ୍ୟ ଓ ଜିଲ୍ଲାର ବିଭିନ୍ନ ସଂଗଠନର ବହୁ ବ୍ୟକ୍ତି ବିଶେଷ ଯୋଗଦେଇ ବିକାଶ ଦାଶଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ପ୍ରଫୁଲ୍ଲ ଦାସ କଂଗ୍ରେସ ଜିଲ୍ଲା ସଂଯୋଜକ ନିଯୁକ୍ତ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାର ବରିଷ୍ଠ କଂଗ୍ରେସ ନେତା ତଥା କାର୍ଯ୍ୟକାରୀ ଜିଲ୍ଲା ସଭାପତି ପ୍ରଫୁଲ୍ଲ କୁମାର ଦାସଙ୍କୁ ଜିଲ୍ଲା ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଛି । ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ଶ୍ରୀ ଦାସଙ୍କୁ ଆଗାମୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଜିଲ୍ଲା କଂଗ୍ରେସର ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଛି । ଶ୍ରୀ ଦାସ ଜିଲ୍ଲା କଂଗ୍ରେସର ସଂଯୋଜକ ନିଯୁକ୍ତି ପାଇବା ପରେ କଂଗ୍ରେସ ମହଲରେ ଆନନ୍ଦ ପ୍ରକାଶ ପାଇଛି ।

## ସାମ୍ବାଦିକମାନେ ସମାଜର ତୃଣମୂଳ ସ୍ତରରୁ ଲୋକଙ୍କ ସମସ୍ୟା ବୁଝିଥାନ୍ତି:ଉଚ୍ଚ ଶିକ୍ଷାମନ୍ତ୍ରୀ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**




ଧାମନଗର ବ୍ଲକ ଅସୁରାଳି ଠାରେ ଭଦ୍ରକ ଓ ଧାମନଗର ଅଞ୍ଚଳ ସାମ୍ବାଦିକ ଏବଂ ବୁଦ୍ଧିଜୀବୀଙ୍କୁ ନେଇ ଫଗୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ତଥା ଧାମନଗର ପ୍ରେସ୍ କ୍ଲବର ସଭାପତି ବୈକୁଣ୍ଠନାଥ ସାହୁ ଓ ସାଧାରଣ ସମ୍ପାଦକ ରଜତ କୁମାର ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ସାମ୍ବାଦିକ ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଉପସ୍ଥିତ ବ୍ୟକ୍ତି ବିଶେଷଙ୍କୁ ଅବିର ବୋଳି ଶୁଭେଚ୍ଛା ଜଣାଇଥିଲେ। ସାମ୍ବାଦିକ ଓ ବୁଦ୍ଧିଜୀବୀମାନେ ମଧ୍ୟ ମନ୍ତ୍ରୀଙ୍କୁ ରଂଗ ଅବିର ବୋଳି ଶ୍ରଦ୍ଧା ଅର୍ପଣ କରିଥିଲେ। ସାମ୍ବାଦିକମାନେ ସମାଜର ଆଇନା। ସେମାନେ ହିଁ ତୃଣମୂଳ ସ୍ତରରେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିଥାନ୍ତି। ସମାଧାନ ପାଇଁ ପ୍ରଶାସନ ଓ ସରକାର ଉପରେ ଚାପ ପ୍ରୟୋଗ କରିଥାନ୍ତି। ଏହି ଅଞ୍ଚଳରୁ ବିଜୟୀ ହୋଇଥିଲେ ବି ଦୀର୍ଘ ୯ ମାସ ଧରି ସାମ୍ବାଦିକ ବନ୍ଧୁଙ୍କ ସହ ମିଳନ ହୋଇପାରିନଥିଲା। ଆଜି ସମସ୍ତେ ଏକାଠି ହୋଇଥିବାରୁ ଧାମନଗରର ସମସ୍ୟା ଜଣାଇବାକୁ ମନ୍ତ୍ରୀ ଉପସ୍ଥିତ ସାମ୍ବାଦିକଙ୍କୁ ଅନୁରୋଧ କରିଥିଲେ। ସାମ୍ବାଦିକମାନେ ମଧ୍ୟ ଲୋକଙ୍କର ଓ ସମାଜର ସମସ୍ୟା ମନ୍ତ୍ରୀଙ୍କ ଆଗରେ ଉପସ୍ଥାପନ କରିଥିଲେ। ଯେତେଶୀଘ୍ର ହୋଇପାରିବ ଏସବୁର ସମାଧାନ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଆଗକୁ ମଧ୍ୟ ନିୟମିତ ବ୍ୟବଧାନରେ ସାମ୍ବାଦିକଙ୍କ ସହ ବସି ଆଲୋଚନା କରିବେ ବୋଲି ମନ୍ତ୍ରୀ କଥା ଦେଇଛନ୍ତି। ଏହି ଅବସରରେ ଧାମନଗରର ବନ୍ୟା ସମସ୍ୟାର ନିରାକରଣ, ବିଭିନ୍ନ ଅଞ୍ଚଳରେ ରାସ୍ତା ସମସ୍ୟାର ସମାଧାନ ପାଇଁ ମନ୍ତ୍ରୀ ଘୋଷଣା କରିଛନ୍ତି। କାର୍ଯ୍ୟକ୍ରମ ଶେଷରେ ସାମ୍ବାଦିକଙ୍କ ସହ ମଧ୍ୟାହ୍ନ ଭୋଜନ କରିଥିଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

## ଟାଟା ଷ୍ଟିଲ୍ ପକ୍ଷରୁ ଆଦିବାସୀ ମହିଳାଙ୍କୁ ଉନ୍ନତ ରୋଷେଇ ଚୁଲ୍ଲା ବଣ୍ଟନ



**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ଦାନଗଦୀ ଓ ସୁକିନ୍ଦା ବ୍ଲକର ଆଦିବାସୀ ପରିବାରର ୧୦୦ ଜଣ ମହିଳାଙ୍କୁ ଉନ୍ନତ ରୋଷେଇ ଚୁଲ୍ଲା ପ୍ରଦାନ କରାଯାଇଛି । ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍‌ଏଫ୍) ଏବଂ ଟିଏମ୍ ଇଣ୍ଟରନ୍ୟାସନାଲ୍ ଲଜିଷ୍ଟିକ୍ସ ଲିମିଟେଡ୍ (ଟିଏମ୍‌ଆଇଏଲ୍) ମଧ୍ୟରେ ମିଳିତ ଉଦ୍ୟମରେ ସ୍ଥାନୀୟ ଜନସାଧାରଣଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟରେ ଆଗାମୀ ସପ୍ତାହରେ ଆଉ ୫୫୦ ଜଣ ମହିଳାଙ୍କୁ ରୋଷେଇ ଚୁଲ୍ଲା ଦିଆଯିବ, ଯାହା ପ୍ରକଳ୍ପର ବ୍ୟାପକତା ଏବଂ ପ୍ରଭାବକୁ ବଢ଼ାଇବ। ଇନ୍ଧନ ବ୍ୟବହାର ଏବଂ ଧୂଆଁ ନିର୍ଗମନ ହ୍ରାସ କରିବା, ଘର ଭିତରେ ବାୟୁ ପ୍ରଦୂଷଣକୁ ହ୍ରାସ କରି ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଆଣିବା, କାଠ ସଂଗ୍ରହ ପାଇଁ ଆବଶ୍ୟକ ସମୟ ହ୍ରାସ କରିବ, ଜଙ୍ଗଲ ନଷ୍ଟ ଏବଂ କାର୍ବନ୍ ନିର୍ଗମନକୁ ହ୍ରାସ କରି ପରିବେଶର ଦୀର୍ଘସ୍ଥାୟୀତାକୁ ପ୍ରୋତ୍ସାହିତ କରିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ। କଳିଙ୍ଗନଗର ନିକଟସ୍ଥ ୨୪ଟି ପଞ୍ଚାୟତର ଆଦିବାସୀ ପରିବାର, ଯେଉଁମାନେ ମୁଖ୍ୟତଃ ରୋଷେଇ ପାଇଁ ଜାଳେଣି କାଠ ଓ ବାୟୋମାସ୍ ବ୍ୟବହାର କରନ୍ତି, ସେମାନଙ୍କୁ ଉନ୍ନତ ରୋଷେଇ ଚୁଲ୍ଲା ବଣ୍ଟନ ପାଇଁ ଲକ୍ଷ୍ୟ ରଖାଯାଇଥିଲା। କମ୍ପାନୀ ଦ୍ୱାରା ଘରକୁ ଘର ବୁଲି ଗୋଟିଏ ସର୍ବେକ୍ଷଣ କରାଯାଇ ଶ୍ୱାସକ୍ରିୟା ଜନିତ ସମସ୍ୟାରେ ପୀଡ଼ିତ ସଦସ୍ୟଥିବା ପରିବାରଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ଉନ୍ନତ ରୋଷେଇ ଚୁଲ୍ଲା ବଣ୍ଟନ ନିମନ୍ତେ ଚୟନ କରାଯାଇଥିଲା। ଟିଏମ୍‌ଆଇଏଲ୍‌ର (ମୁଖ୍ୟ ଆଇଡବ୍ଲୁଏମ୍‌ଏଲ୍, ସିଏସ୍‌ଆର୍ ଆଣ୍ଡ ସଷ୍ଟେନେବିଲିଟି) ଅତନୁ ବସୁଙ୍କ କହିବା ମୁତାବକ, ସାମାଜିକ ଦାୟିତ୍ୱ ପ୍ରତି ଟାଟା ଗ୍ରୁପ୍‌ର ପ୍ରତିବଦ୍ଧତା ସହିତ ସଂଯୁକ୍ତ ଏହି ପ୍ରକଳ୍ପ ଦକ୍ଷ ରୋଷେଇ ଚୁଲ୍ଲା ମାଧ୍ୟମରେ ଅନେକ ମାତ୍ରାରେ ସ୍ୱାସ୍ଥ୍ୟ ଏବଂ ପରିବେଶ ସମସ୍ୟାର ମୁକାବିଲା କରାଯାଇପାରିବ। ଇନ୍ଧନ ଖର୍ଚ୍ଚ ହ୍ରାସ କରି ଆର୍ଥିକ ସମସ୍ୟା ଦୂର କରିବାରେ ସାହାଯ୍ୟ କରିବ। ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ଦିଗରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର ସହଯୋଗ ପାଇଁ ଆମେ କୃତଜ୍ଞ। କଳିଙ୍ଗନଗର ସ୍ଥିତ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର କ୍ଲଷ୍ଟର୍ ମୁଖ୍ୟ ଦେବାଞ୍ଜନ ମୁଖାର୍ଜୀ କହିଛନ୍ତି ଯେ, କଳିଙ୍ଗନଗର ଇକୋସିଷ୍ଟମ୍‌ରେ ଆମର ପ୍ରୟାସ ହେଉଛି ସ୍ଥାନୀୟ ଜନସାଧାରଣ, ବିଶେଷକରି ଆଦିବାସୀ ଲୋକମାନଙ୍କ ପାଇଁ ସମାନତା ଆଣିବ। ଉନ୍ନତ ରୋଷେଇ ଚୁଲ୍ଲା ଯୋଗାଇବା ଦ୍ୱାରା କେବଳ ଜଳବାୟୁ ସହନଶୀଳ ରୋଷେଇର ସମାଧାନ ମିଳିପାରିବ ନାହିଁ ବରଂ ଆଦିବାସୀ ମହିଳାଙ୍କ ପାଇଁ ସମ୍ମାନର ଭାବନା ମଧ୍ୟ ସୃଷ୍ଟି ହେବ। ଯାଜପୁରର ଆଦିବାସୀ ଲୋକମାନଙ୍କର ସୁସ୍ଥ ଓ ଦୀର୍ଘସ୍ଥାୟୀ ଭବିଷ୍ୟତ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

## ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଗୁଡ଼ିକୁ ସକାଳୁଆ କରାଯିବ:ମନ୍ତ୍ରୀ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**



ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଗୁଡିକ ସକାଳୁଆ କରିବା ସମ୍ପର୍କରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରକାଶ କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସହ ଆଲୋଚନା କରାଯାଇ ସମ୍ଭାବ୍ୟ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ସେହିପରି ଅନୁସୂଚିତ ଜାତି ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଅନ୍ୱେଷା ହଷ୍ଟେଲ୍‌ର ସୁପରିଚାଳନା ଠିକ୍ ରୂପେ କରିବା ପାଇଁ ଅନୁସୂଚିତ ଜାତି ଜନଜାତି ଉନ୍ନୟନ ବିଭାଗ ତଥା ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୱେଷା ହଷ୍ଟେଲ୍‌ରେ ରହୁଥିବା ଅନୁସୂଚିତ ଜାତି ଜନଜାତି ଛାତ୍ରଛାତ୍ରୀ ଅନ୍ତେବାସୀଙ୍କ ପାଇଁ ଉଦ୍ଦିଷ୍ଟ ବ୍ୟବସ୍ଥାରେ ତ୍ରୁଟି ଦୃଷ୍ଟି ଗୋଚର ହେଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ତାଗିଦ୍ କରିଛନ୍ତି। ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକର ଅନ୍ୱେଷା ହଷ୍ଟେଲ୍ ପରିଦର୍ଶନ କରିଥିଲେ। ହଷ୍ଟେଲ୍ ଅନ୍ତେବାସୀଙ୍କ ସହ ଆଲୋଚନା କରି ସୁବିଧା ଅସୁବିଧା ସମ୍ପର୍କରେ ଅବଗତ ହୋଇଥିଲେ। ପିଲାଙ୍କୁ ଏକ ନିର୍ଦ୍ଦିଷ୍ଟ ବେସରକାରୀ ବିଦ୍ୟାଳୟର ଡ୍ରେସ୍ ଦୁଇ ବର୍ଷ ହେଲା ଦେଇନଥିବା ଯୋଗୁଁ ଉକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ବିଗିଡ଼ିଥିଲେ, ଏଥି ସହ ହଷ୍ଟେଲ୍ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ଆଲୋଚନା କରି ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀ ଯେପରି ସୁବିଧାରେ ହଷ୍ଟେଲ୍‌ରେ ରହି ପାଠ ପଢିବେ ସେଥିପ୍ରତି ଅଧିକ ଯତ୍ନବାନ ହେବାକୁ ମନ୍ତ୍ରୀ ଶ୍ରୀ ଗଣ୍ଡ ନିର୍ଦ୍ଦେଶ ଦେଇଥିଲେ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୬, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୧୮।୩।୨୦୨୫, ଚୈତ୍ର ଦି୫ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୫୩।୩୧** **ଚନ୍ଦ୍ରୋଦୟ- ରାଘ ୯।୨୧।୦୭**

**ଚତୁର୍ଥୀ-** ରାଘ ୧୦।୧୦ ପର୍ଯ୍ୟନ୍ତ । **ସ୍ୱାତୀ ନକ୍ଷତ୍ର-** ସଂଘ ୫।୫୨ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ ଓ ମକର ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ରାଘ ୧୦।୧୦ ପରେ ବେଲ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୫୫ ଗତେ ଘ ୧୦।୪୩ ମଧ୍ୟେ, ଦିଘ ୧।୦୭ ଗତେ ଘ ୧।୨୫ ମଧ୍ୟେ । **ପର୍ବୋତ୍ସବ-** ଚୈତ୍ର ମଙ୍ଗଳବାର ଓଷା ଆରମ୍ଭ।


**ମେଷ:** ଆଜି ଆପଣଙ୍କର ଦ୍ରବ୍ୟ ନଷ୍ଟ ହୋଇପାରେ । ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ପାଇଁ ସମସ୍ୟା ଦେଖାଦେବ । କର୍ମକ୍ଷେତ୍ରରେ ଅସନ୍ତୋଷ ଦେଖାଦେବ । ରୋଜଗାର ଭଲ ହେବ ।


**ବୃଷ:** ସାମାଜିକ ସ୍ତରରେ ଉଚ୍ଚ ସମ୍ମାନ ଲାଭ ହେବ । ଦେହ ଓ ମନ ଭଲ ରହିବ । ବ୍ୟବସାୟରେ ଲାଭବାନ୍ ହେବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଘରେ ଆନନ୍ଦ ଦେଖାଦେବ ।


**ମିଥୁନ:** ଆଶାବାଦୀ ହୋଇ କାର୍ଯ୍ୟ କରିଚାଲିବ । ସୁଖୀ ହେବେ । ସମ୍ମାନିତ ହୋଇପାରନ୍ତି । ରୁଚିକର ଖାଦ୍ୟ ମିଳିପାରେ । ପାରିବାରିକ ଜୀବନ ସୁଖମୟ ହେବ । ବ୍ୟୟର ମାତ୍ରା ବଢ଼ିପାରେ ।


**କର୍କଟ:** ସୁଖ ଓ ସମ୍ମାନ ଲାଭ ହେବ । ଦିଅଁ ଦର୍ଶନ ସହିତ ସେବା ପୂଜାର ସୁଯୋଗ । ପରୋପକାର କରିବେ । ଅର୍ଥ ଲାଭ ହେବ । ଘରେ ସୁଖ ସନ୍ତୋଷ ଲାଭ ହେବ । ଦେହ ଭଲ ରହିବ ।


**ସିଂହ:** ଆଜି ଆପଣଙ୍କର ବ୍ୟୟ ଯୋଗ ରହୁଛି । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ସୁସ୍ଥ ରହିବେ । କର୍ମକ୍ଷେତ୍ରରେ ସଫଳତା ଦେଖାଦେବ । ମହିଳାମାନେ ସୁଖ ସମ୍ମାନ ଲାଭ କରିବେ । ଗୃହେ ଶାନ୍ତି ଲାଭ ।


**କନ୍ୟା:** ମନରେ ପ୍ରସନ୍ନତା ଭାବ ଦେଖାଦେବ । ବିବାଦୀୟ ବିତର୍କରେ ଭାଗ ନହେବା ଉଚିତ୍ । ଆୟ ପୂର୍ବ ପରି ସ୍ଥିର ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଦେହ ଓ ମନ ଭଲ ରହିବ ।


**ତୁଳା:** କର୍ମକ୍ଷେତ୍ରରେ ଆପଣଙ୍କର ସମସ୍ତ କାର୍ଯ୍ୟ ସିଦ୍ଧି ହେବ । ସେହି ଅନୁଯାୟୀ ମଧ୍ୟ ଫଳ ପ୍ରାପ୍ତ ହେବ । ଅଳ୍ପ ଆୟରେ ସନ୍ତୋଷ ଲାଭ ହେବ । ପରିଶ୍ରମର ପରିମାଣ ବଢ଼ିବ । ଗୃହେ କଳହ ଦେଖାଦେବ ।


**ବିଛା:** ପାରିବାରିକ ଶାନ୍ତି ପ୍ରତିଷ୍ଠା ହେବ । ଅଶାନ୍ତି ଓ ବିରକ୍ତି ମଧ୍ୟରେ ଦିନଟି ଅତିବାହିତ କରିବେ । ଅଳସୁଆ ଯୋଗୁ କୌଣସି କାର୍ଯ୍ୟ ଠିକ୍ ରୂପେ ହେବନାହିଁ । ଆୟ ସ୍ଥିର ରହିବାର ସୂଚନା ।


**ଧନୁ:** ଆଜି ଆପଣଙ୍କର କ୍ଷୟକ୍ଷତି ଘଟିପାରେ । ଏଣୁ ସାବଧାନ ରହିବେ । ଆପଣଙ୍କର ସମସ୍ତ କାର୍ଯ୍ୟ ସିଦ୍ଧି ହେବାର ସମ୍ଭାବନା । ମନ ଅସ୍ଥିର ରହିବ । ପରିବାରରେ ସୁଖ ଶାନ୍ତି ଲାଭ ହେବ ।


**ମକର:** କାର୍ଯ୍ୟକ୍ଷେତ୍ରରେ ବିରକ୍ତି ପ୍ରକାଶ ପାଇବ । ଯେତେ ଚେଷ୍ଟା କଲେ ମଧ୍ୟ ଶ୍ରମରୁ ମୁକ୍ତି ମିଳିବ ନାହିଁ । ଶାରୀରିକ ପୀଡ଼ା ଅନୁଭବ କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ ।


**କୁମ୍ଭ:** ଦୂରଯାତ୍ରା କରି ଆନନ୍ଦିତ ହେବେ । ଦେହ ଓ ମନରେ ଶାନ୍ତି ଆସିବ । ନୂତନ ବନ୍ଧୁ ମିଳନର ଯୋଗ । ଆୟ ଓ ବ୍ୟୟର ପରିମାଣ ପ୍ରାୟତଃ ସମାନ ରହିବ । ପାରିବାରିକ ଅସହଯୋଗ ଦେଖାଦେବ ।


**ମୀନ:** ମନରେ ଶାନ୍ତି ରହିବ । କାର୍ଯ୍ୟ ଗୁଡ଼ିକ ସୁରୁଖୁରୁରେ ସମାଧାନ ହେବ । ମଉଜ ମଜଲିସ୍‌ରେ ଦିନଟି କଟିବ । ଖର୍ଚ୍ଚର ପରିମାଣ ବଢ଼ିବ । ଶତ୍ରୁ ନାଶ ହେବେ । ଦେହ ଓ ମନ ଭଲ ରହିବାର ସୂଚନା ।

## ମାର୍କେଟ୍ କମ୍ପ୍ଲେକ୍ସ ଭଙ୍ଗା ରୁଜା ଘଟଣାରେ ଗିରଫ ହେଲେ ନିରଞ୍ଜନ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ୧୩ନଂ ଜିଲ୍ଲାପରିଷଦ ପୂର୍ବତନ ସଭ୍ୟ ନିରଞ୍ଜନ ରାଉତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଅନୁଯାୟୀ ପାଖର ପଞ୍ଚାୟତ ବିରିବାଟିରେ ଥିବା ମାର୍କେଟ୍ କମ୍ପ୍ଲେକ୍ସ ଭଙ୍ଗାରୁଜା ଘଟଣାରେ ନିରଞ୍ଜନକୁ ପୋଲିସ ଗିରଫ କରିଛି। ୩୨ଜଣଙ୍କ ନାମରେ ପୂର୍ବତନ ସରପଞ୍ଚ ଦିଲ୍ଲୀପ ବେହେରା ଅଭିଯୋଗ କରିଥିଲେ। ଅନ୍ୟମାନେ ଗିରଫ ହୋଇଥିବା ବେଳେ ନିରଞ୍ଜନ ଫେରାର୍‌ଥିଲେ। ଗତ ନିର୍ବାଚନ ସମୟରେ ବିଜେଡ଼ି ରାଲି ଯାଉଥିବା ସମୟରେ ପୂର୍ବତନ ସରପଞ୍ଚ ଦିଲ୍ଲୀପ ବେହେରାଙ୍କ ଗାଡ଼ି ବାଇକ୍ ରାଲି ଉପରକୁ ମାଡ଼ିଯାଇଥିଲା। ଫଳରେ ଉତ୍ତ୍ୟକ୍ତ କର୍ମୀ ଓ ସମର୍ଥକମାନେ ତାଙ୍କ ମାର୍କେଟ୍ କମ୍ପ୍ଲେକ୍ସ ଭଙ୍ଗାରୁଜା କରିଥିଲେ। ଯାଜପୁର ଜିଲ୍ଲା ପୋଲିସର ଏକ ସ୍ୱତନ୍ତ୍ର ପୋଲିସ ଦଳ ନିରଞ୍ଜନକୁ କଲିକତାରୁ ଗିରଫ କରିବାରେ ସଫଳ ହୋଇଛି। ଚଣ୍ଡିଖୋଲ କୋର୍ଟରେ ହାଜର କରାଯିବା ପରେ ତାର ଜାମିନ୍ ନାମଞ୍ଜୁର ହୋଇଛି।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୬, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୧୯।୩।୨୦୨୫, ଚୈତ୍ର ଦି୬ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୫୨।୪୧** **ଚନ୍ଦ୍ରୋଦୟ- ରାଘ ୧୦।୧୪।୧୬**

**ପଞ୍ଚମୀ-** ରାଘ ୧୨।୩୭ ପର୍ଯ୍ୟନ୍ତ । **ବିଶାଖା ନକ୍ଷତ୍ର-** ରାଘ ୮।୫୦ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ଦିଘ ୨।୦୬ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ ଓ ମକର ରାଶିର । ଦିଘ ୨।୦୬ ଗତେ ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ରାଘ ୧୨।୩୭ ପରେ ନିମ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୫ ଗତେ ଘ ୭।୩୧ ମଧ୍ୟେ, ଦିଘ ୧।୫୪ ଗତେ ଘ ୫।୦୫ ମଧ୍ୟେ ।

31 YEARS
ସମ୍ବାଦ କଳିକା

# ୨୦୨୮ ସୁଦ୍ଧା ଭାରତ ପାଲଟିବ ବିଶ୍ୱର ତୃତୀୟ ବୃହତ୍ ଅର୍ଥବ୍ୟବସ୍ଥା

୨୦୨୮ ସୁଦ୍ଧା ଭାରତ ପାଲଟିବ ବିଶ୍ୱର ତୃତୀୟ ବୃହତ୍ ଅର୍ଥବ୍ୟବସ୍ଥା । ମୋର୍ଗାନ ଷ୍ଟାନ୍‌ଲି ପକ୍ଷରୁ ଏହି ପୂର୍ବାନୁମାନ କରାଯାଇଛି । ଉକ୍ତ ସମୟରେ ଭାରତ ବିଶ୍ୱର ଅନ୍ୟତମ ଅଗ୍ରଣୀ ଉପଭୋକ୍ତା ବଜାର ପାଲଟିବ । ମାକ୍ରୋ ଅର୍ଥନୈତିକ ସ୍ଥିରତା ଦ୍ୱାରା ସମର୍ଥିତ ନୀତି ଏବଂ ଉନ୍ନତ ଭିତ୍ତିଭୂମି ଯୋଗୁ ଏହା ସମ୍ଭବ ହେବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ମୋର୍ଗାନ ଷ୍ଟାନ୍‌ଲି ପ୍ରକାଶ କରିଛି ଯେ, ୨୦୨୩ରେ ଭାରତୀୟ ଅର୍ଥବ୍ୟବସ୍ଥାର ଆକାର ୩.୫ ଟ୍ରିଲିୟନ ଡଲାର ରହିଛି । ଏଥିସହିତ ଏହା ବର୍ତ୍ତମାନ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥବ୍ୟବସ୍ଥା । ତେବେ ୨୦୨୬ ସୁଦ୍ଧା ଭାରତୀୟ ଅର୍ଥନୀତିର ଆକାର ୪.୭ ଟ୍ରିଲିୟନ ଡଲାରକୁ ବୃଦ୍ଧି ପାଇବ ଏବଂ ଏହା ଆମେରିକା, ଚୀନ୍ ଓ ଜର୍ମାନି ପରେ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥବ୍ୟବସ୍ଥା ପାଲଟିବ । ୨୦୨୮ରେ ଏହା ୫.୭ ଟ୍ରିଲିୟନ ଡଲାର ଆକାର ସହ ଜର୍ମାନିକୁ ପଛରେ ପକାଇ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ପାଲଟିବ ବୋଲି ମୋର୍ଗାନ ଷ୍ଟାନ୍‌ଲି ଏହାର ରିପୋର୍ଟରେ ଉଲ୍ଲେଖ କରିଛି । ଏହା ପ୍ରକାଶ କରିଛି ଯେ,୧୯୯୦ରେ ଭାରତ ବିଶ୍ୱର ଦ୍ୱାଦଶ ବୃହତ୍ ଅର୍ଥନୀତି ଥିଲା । ୨୦୦୦ ମସିହାରେ ଏହା ୧୩ ତମ ସ୍ଥାନକୁ ଖସିଯାଇଥିଲା । ୨୦୨୦ରେ ଏହା ନବମ ବୃହତ୍ ଅର୍ଥନୀତି ପାଲଟିଲା ଏବଂ ୨୦୨୩ରେ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି । ବର୍ତ୍ତମାନ ବିଶ୍ୱ ଜିଡିପିରେ ଭାରତର ଅଂଶ ୩.୫% ଥିବାବେଳେ ୨୦୨୯ରେ ଏହା ୪.୫%କୁ ବୃଦ୍ଧି ପାଇବ ବୋଲି ମୋର୍ଗାନ ଷ୍ଟାନ୍‌ଲି ପ୍ରକାଶ କରିଛି । ଅନ୍ୟପକ୍ଷରେ, ମୁଣ୍ଡ ପିଛା ଜିଡିପି ୨୦୨୫ରେ ୨,୫୧୪ ଡଲାର ଥିବାବେଳେ ୨୦୩୫ରେ ଏହା ୪,୨୪୭ ଡଲାରକୁ ବଢ଼ିବ ବୋଲି ଅନୁମାନ ରହିଛି । ଆଗାମୀ ଦଶନ୍ଧିରେ ବିଶ୍ୱ ଜିଡିପିରେ ବଡ଼ ଯୋଗଦାନ ଦେବ ଭାରତ । ଦୃଢ଼ ଜନସଂଖ୍ୟା ଅଭିବୃଦ୍ଧି, ମାକ୍ରୋ ଅର୍ଥନୈତିକ ସ୍ଥିରତା ସମର୍ଥିତ ନୀତି, ଉନ୍ନତ ଭିତ୍ତିଭୂମି ଏବଂ ଔଦ୍ୟୋଗିକତା ବିକାଶ ଦ୍ୱାରା ଭାରତୀୟ ଅର୍ଥନୀତି ଦ୍ରୁତ ବେଗରେ ଅଗ୍ରସର ହେବ ବୋଲି ମୋର୍ଗାନ ଷ୍ଟାନ୍‌ଲି ଏହାର ରିପୋର୍ଟରେ ଉଲ୍ଲେଖ କରିଛି । ଏବେ ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ଭାବେ ଉଭା ହୋଇଛି ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ଅନନ୍ତ ଚିନ୍ତନ



ଶ୍ରୀ ଅଭିରାମ ସରସ୍ୱତୀ

ନକାରା ସକାରମ୍‌ରେ
ଶରୀର ଟି ସାର
ନବମ ଦଶମ ପୁରେ
ଶକ୍ତିର ସମ୍ଭାର
ନବଖଣ୍ଡ...ମା ହେଲା ସାର (୩୪)

ନବ ପୁର ଟିପଲେ ରେ
ଦଶମର ଦ୍ୱାର
ନବଧା ଭକ୍ତି ତତ୍ତ୍ୱରେ
ଭେଦିବୁ ସେ ପୁର
ନବଖଣ୍ଡ...ମା ହେଲା ସାର (୩୫)

ନ ଦ୍ୱାରେ ଷଡ ଚକ୍ରରେ
କି ବୀଜର ଠାର
ନଚିହ୍ନି ତୋର ଶରୀରେ
କେଉଁ ପୂଜା କର
ନବଖଣ୍ଡ...ମା ହେଲା ସାର (୩୬)

ନବ ବ୍ରହ୍ମଣ୍ୟ ଦେବରେ
କହି ତିନିବାର
ନତି ମସ୍ତକ ହେବୁରେ
ତୁଳସୀ ମୂଳର
ନବଖଣ୍ଡ...ମା ହେଲା ସାର (୩୭)

ନ ଭାବ ନଟୀର୍ନି ତୁରେ
ଭେଦିବୁ ସେ ପୁର
ନରସିଂହ ଲକ୍ଷ୍ମୀଙ୍କୁରେ
ଭେଟିବୁ ସତ୍ୱର
ନବଖଣ୍ଡ...ମା ହେଲା ସାର (୩୮)

ନଗା ନାହିଁ ତୋ ଦେହରେ
ଅହଂକାର ଠାର
ନବ ସପ୍ତ ପଞ୍ଚମରେ
ଖେଳିବେ ଠାକୁର
ନବଖଣ୍ଡ...ମା ହେଲା ସାର (୩୯)

(କ୍ରମଶଃ)

# ଜୀବନର ଲକ୍ଷ୍ୟ ମୃତ୍ୟୁ ନୁହଁ ଅମୃତପ୍ରାପ୍ତି



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ଆମ ସମାଜରେ ପରିବାରବାଦକୁ ନେଇ ବିଷମ ପରିସ୍ଥିତି ଉପୁଜୁଛି । ଚଳଚ୍ଚିତ୍ର ଜଗତରେ ବାପା-ପ୍ରଯୋଜିତ ଚଳଚ୍ଚିତ୍ରରେ ପୁଅ ମୁଖ୍ୟ ନାୟକ । ବାପା, ମା', ମଉସା, ମାଉସୀ ଯଦି ଅଭିନେତା, ଅଭିନେତ୍ରୀ, ତେବେ ପରିବାରରେ ପୁଅ, ଝିଅ, ପୁତୁରା, ଝିଆରୀ ଅଭିନୟର ସୁଯୋଗ ପାଉଛନ୍ତି । ରାଜନେତାଙ୍କ ପୁଅ, ଝିଅ, ନାତି, ନାତୁଣି, ଅଣନାତି, ଅଣନାତୁଣି, ପରପିଢ଼ିର ମଣିଷ ରାଜନୀତିର ମଥାନରେ ମୁଣ୍ଡ ଟେକି ବସୁଛନ୍ତି । ଦଳେ ଗୋଡ଼ଚଟା ବି ବଡ଼ ପାଟିରେ ସେମାନଙ୍କ ଜୟଗାନ କରୁଛନ୍ତି 'ଜିନ୍ଦାବାଦ୍, ଜିନ୍ଦାବାଦ୍ ; ଅପ୍ ଅପ୍ ଅପ୍ ଅପ୍ ; ଭାଇ/ଭଉଣୀ ତମେ ଆଗେଇ ଚାଲ, ଆମେ ତମ ପଛରେ ଅଛୁ ; ଲଙ୍ଗ୍ ଲିଭ୍, ଲଙ୍ଗ୍ ଲିଭ୍ ; ସ୍ୱାଗତମ୍, ସ୍ୱାଗତମ୍ ।' କେଉଁଠି କେଉଁଠି ରାଜନେତାଙ୍କ ପୁଅ, ବୋହୂ, ଝିଅ, ଜୋଇଁ ସରକାରୀ, ବେସରକାରୀ ଚାକିରି ଛାଡ଼ି ରାଜନୀତି କରୁଛନ୍ତି । କେହି କେହି ଯଦି ସାହିତ୍ୟ କି ଖବର ପ୍ରକାଶନ ସଂସ୍ଥା ଆରମ୍ଭ କରନ୍ତି, ତେବେ କାଳକ୍ରମେ ପୁଅ, ବୋହୂ, ଝିଅ, ଜୋଇଁ ତା'ର ମାଲିକ । କିଛି ଶିଳ୍ପପତି, ବ୍ୟବସାୟୀଙ୍କ ପୁଅ ଝିଅ କମ୍ପାନୀ, ବ୍ୟବସାୟ-ପ୍ରତିଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ । କିଛି ଧର୍ମଗୁରୁଙ୍କ ପୁଅ, ନାତି, ଅଣନାତି ଏପରିକି ପରପିଢ଼ି ନିଜକୁ ଧର୍ମଗୁରୁ ବୋଲି କହୁଛନ୍ତି ଆଉ ଦଳେ ଲୋକ ବି ସେମାନଙ୍କୁ ପୂଜା କରୁଛନ୍ତି ନିର୍ବିଚାରରେ । ପ୍ରତିଭା, ଦକ୍ଷତା ଥାଇ ପଦରେ ବସିଲେ ଭଲ । କିନ୍ତୁ ଆଜିକାଲି ଆଦୌ ପ୍ରତିଭା, ଦକ୍ଷତା ନଥାଇ ବି କିଛି ଲୋକ ପରିବାର-ଭିତ୍ତିରେ ଚଳଚ୍ଚିତ୍ର, ରାଜନୀତି, ସାହିତ୍ୟ/ଖବର ପ୍ରକାଶନ ସଂସ୍ଥା, ଶିଳ୍ପ/ବ୍ୟବସାୟ, ଧର୍ମ ସଂଗଠନ ଓ ଆହୁରି ଅନ୍ୟାନ୍ୟ ଅନେକରେ ମୁଖିଆ ହେଇ ବସିଛନ୍ତି ।

ଏପରି ଅବସ୍ଥାରେ ଦକ୍ଷତା ଥିବା କିଛି ପ୍ରତିଭାବାନ୍ ଲୋକ ପାରିବାରିକ ଭିତ୍ତି ଅଭାବରୁ ଅନେକ ସୁଯୋଗରୁ ବଞ୍ଚିତ ହେଉଛନ୍ତି ବୋଲି ବିଭିନ୍ନ ସମୟରେ ମତ ପ୍ରକାଶ ପାଉଛି । ପ୍ରତିଭାବାନ୍‌ମାନେ ଅନେକ ସମୟରେ ଈର୍ଷାର ଶିକାର ହେଉଛନ୍ତି । ଜଣେ ଅଭିନେତା ଅଭିନୟ କରିଥିବା ୧୧ଟି ଚଳଚ୍ଚିତ୍ର ଖୁବ୍ ଲୋକାଦୃତ ହୋଇଥିଲା । ତାଙ୍କର ସଫଳତାରେ କେତେକ ଈର୍ଷାନ୍ୱିତ ହେଲେ । ପରବର୍ତ୍ତୀ ସମୟରେ ସାତଟି ଚଳଚ୍ଚିତ୍ରରେ ସେ ଅଭିନୟ କରିବାର ଥିଲା । କିନ୍ତୁ ଈର୍ଷାଳୁମାନେ ଛଅମାସ ମଧ୍ୟରେ ଗୋଟିକ ପରେ ଗୋଟିଏ ସମସ୍ତ ଚଳଚ୍ଚିତ୍ରରେ ଅଭିନୟରୁ ତାଙ୍କୁ ବଞ୍ଚିତ କଲେ । ଉତ୍କଟ ମାନସିକ ଅବସାଦର ଶିକାର ହୋଇ ସେ ମୃତ୍ୟୁ ବରଣ କଲେ ।

କିଛି ଲୋକ ବିଭିନ୍ନ କ୍ଷେତ୍ରରେ ପ୍ରତିଭାବାନ୍‌ମାନଙ୍କୁ ଈର୍ଷା କରୁଥିବା ଓ ସେମାନଙ୍କ ପଥରୋଧ ପାଇଁ ଉଦ୍ୟମ କରୁଥିବା ଲକ୍ଷ୍ୟ କରାଯାଏ । ତା'ବୋଲି ପ୍ରତିଭାବାନ୍‌ମାନେ ବିଚଳିତ ହବା, ମାନସିକ ଅବସାଦଗ୍ରସ୍ତ ହୋଇ ଜୀବନ ନାଶ କରିଦବା ଆଦୌ ଠିକ୍ ନୁହେଁ । ବରଂ ଆତ୍ମବିଶ୍ୱାସର ସହିତ ଧୈର୍ଯ୍ୟ ଧରି ଜୀବନ-ସଂଗ୍ରାମରେ ନିରତ ହବାର କଥା । ମାନସିକ ଅବସାଦରୁ ମୁକ୍ତି ପାଇବା ପାଇଁ ଗଭୀର ଆତ୍ମବିଶ୍ୱାସ ଲୋଡ଼ା । ମହାଭାରତ ଯୁଦ୍ଧରେ ଶ୍ରୀ ଅର୍ଜୁନ ବିଷାଦମଗ୍ନ ହୋଇଛନ୍ତି । ଆବ୍ରାହାମ୍ ଲିଙ୍କନ୍, ଏରନେଷ୍ଟ୍ ହେମିଂୱେ, ସିଗ୍‌ମଣ୍ଡ ଫ୍ରଏଡ୍, ମାଇକେଲ୍ ଫେଲ୍‌ପ୍ସ, ବ୍ରାଡ୍ ପିଟ୍, ଜେ.କେ. ରାଓଲିଂ, ଲେଡି ଗାଗା ପ୍ରମୁଖଙ୍କ ଜୀବନରେ କିଛି ସମୟ ଅବସାଦର ଅନୁଭବ ହୋଇଛି । କିନ୍ତୁ ପରବର୍ତ୍ତୀ ସମୟରେ ଆତ୍ମବିଶ୍ୱାସ ବଳରେ ସେମାନେ ସେଥିରୁ ମୁକୁଳି ଆସିଛନ୍ତି ଓ ଜୀବନ-ଯୁଦ୍ଧରେ ବିଜୟୀ ହୋଇଛନ୍ତି । ରିଲାଏନ୍ସ କମ୍ପାନୀର ପ୍ରତିଷ୍ଠାତା ଧୀରୁଭାଇ ଅମ୍ବାନୀ, ଓ୍ୱିପ୍ରୋ ପ୍ରତିଷ୍ଠାତା ଅଜିମ୍ ପ୍ରେମ୍‌ଜୀ, ଆଦାନୀ ଗ୍ରୁପ୍‌ର ଗୌତମ ଆଦାନୀ, ଫେସ୍‌ବୁକ୍‌ର ପ୍ରତିଷ୍ଠାତା ମାର୍କ୍ ଯୁକରବର୍ଗ, ମାଇକ୍ରୋସଫ୍ଟର ବିଲ୍ ଗେଟ୍ସ, ଆପଲ୍‌ର ପ୍ରତିଷ୍ଠାତା ଷ୍ଟିଭ୍ ଜବ୍‌ସ୍ ପ୍ରମୁଖ କଲେଜର ପାଠପଢ଼ା ଛାଡ଼ି ଦେଇଥିଲେ । ଆଲବର୍ଟ୍ ଆଇନ୍‌ଷ୍ଟାଇନ୍ ଛାତ୍ର ଜୀବନରେ କେମେଷ୍ଟ୍ରି ଓ ବାୟୋଲୋଜି ପରୀକ୍ଷାରେ ଫେଲ୍ ହେଇଥିଲେ । ଛାତ୍ରାବସ୍ଥାରେ ନିଉଟନ୍‌ଙ୍କ ପାଠପଢ଼ା ଅତି ନିମ୍ନ ମାନର ଥିଲା ବୋଲି ଶିକ୍ଷକମାନେ କହୁଥିଲେ । କ୍ରିକେଟର୍ ସଚ୍ଚିନ୍ ତେନ୍ଦୁଲକର୍, ଚଳଚ୍ଚିତ୍ର ତାରକା ଅମୀର ଖାଁ, ଦୀପିକା ପାଦୁକୋନ୍ ପ୍ରମୁଖ ସ୍କୁଲ ଶିକ୍ଷା ସମାପ୍ତ କଲା ପରେ କ୍ରିକେଟ୍ ଓ ଚଳଚ୍ଚିତ୍ରରେ ନିଜ ନିଜର କ୍ୟାରିଅର୍ ଆରମ୍ଭ କରିଥିଲେ । କେବଳ ଗଭୀର ଆତ୍ମବିଶ୍ୱାସ, ଏକାଗ୍ରତା ଓ ସାଧନା ବଳରେ ସେମାନେ ସମସ୍ତେ ନିଜ ନିଜ କ୍ଷେତ୍ରରେ ସଫଳତା ଅର୍ଜନ କରିବାକୁ ସମର୍ଥ ହୋଇପାରିଲେ ।

ମଣିଷର ଜୀବନରେ ଆତ୍ମବିଶ୍ୱାସ ସବୁଠାରୁ ବଡ଼ କଥା । ଆତ୍ମବିଶ୍ୱାସ ହିଁ ମଣିଷକୁ ସକାରାତ୍ମକ ଦୃଷ୍ଟିସମ୍ପନ୍ନ କରେ । ବୈଜ୍ଞାନିକ ଟମାସ୍ ଏଡିସନ୍ ଯେକୌଣସି ବିଷୟରେ ବାରମ୍ବାର ପରୀକ୍ଷା କଲା ପରେ କହୁଥିଲେ, 'ମୁଁ ବିଫଳ ହୋଇନାହିଁ ; ମୋ ଆଖି ଆଗରେ ମୁଁ ଦଶହଜାର ବାଟ ଦେଖିବାକୁ ପାଇଛି, ମତେ ଆହୁରି ପରୀକ୍ଷା କରିବାକୁ ହେବ ।' ବାରମ୍ବାର ବିଫଳ ହୋଇ ମଧ୍ୟ 'ବିଫଳ ହୋଇଛି' ବୋଲି ସେ କେବେ କହୁନଥିଲେ, ପ୍ରତ୍ୟେକ ବିଫଳତା ତାଙ୍କୁ ଗୋଟିଏ ଗୋଟିଏ ନୂଆ ନୂଆ ବାଟ ଦେଖାଇ ଦେଉଥିଲା, ଆହୁରି ଉତ୍ସାହରେ ସେ ପ୍ରଚେଷ୍ଟା ଜାରୀ ରଖିଥିଲେ ସଫଳତା ପାଇବା ପର୍ଯ୍ୟନ୍ତ ।

ଡ. ଫ୍ରାନ୍‌ସିସ୍ କଲିନ୍ସ ହେଉଛନ୍ତି ଆମେରିକାର ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ନିର୍ଦ୍ଦେଶକ । ବିଜ୍ଞାନ ଓ ବିଶ୍ୱାସର ପରିପୂରକତ୍ୱ ସମ୍ପର୍କରେ ଗବେଷଣା କରି ୨୦୨୦ ବର୍ଷରେ ସେ ପାଇଛନ୍ତି ଜନ୍ ଟେମ୍ପଲଟନ୍ ପୁରସ୍କାର । ସେ ଲେଖିଥିବା ବହି 'ଦି ଲାଙ୍ଗୁଏଜ୍ ଅଫ୍ ଗଡ୍ : ଏ ସାଇଣ୍ଟିଷ୍ଟ୍ ପ୍ରେଜେଣ୍ଟ୍‌ସ୍ ଏଭିଡେନ୍ସ ଫର୍ ବିଲିଫ୍' ଏବେ ପୃଥିବୀରେ ବହୁ ସଂଖ୍ୟାରେ ବିକ୍ରି ହେଉଛି । ଏକ ସାକ୍ଷାତ୍‌କାରରେ ସେ କହିଛନ୍ତି, ବିଜ୍ଞାନ ପ୍ରଶ୍ନ ପଚାରେ 'କିପରି ?' ଯଥା 'ଜିନ୍‌ଗୁଡ଼ିକ ପ୍ରୋଟିନ୍ ପାଇଁ କିପରି କୋଡ଼ିଂ ହୁଅନ୍ତି ?' ଅଥଚ ବିଶ୍ୱାସ ପଚାରେ 'କାହିଁକି ?' ଯଥା 'ଶୂନ୍ୟ ପରିବର୍ତ୍ତେ କିଛି କାହିଁକି ଅଛି ? ଗଡ୍ (ଈଶ୍ୱର) କାହିଁକି ଅଛନ୍ତି ?' ଏତଦ୍ୱାରା ସେ ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ ବିଜ୍ଞାନ ଓ ବିଶ୍ୱାସ ପରସ୍ପର ପରିପୂରକ । ଜଣେ ଖ୍ରୀଷ୍ଟିୟାନ୍ ଭାବରେ ସେ ବିଶ୍ୱାସ କରନ୍ତି ଆମେ ମଣିଷମାନେ ସ୍ୱତନ୍ତ୍ର ପ୍ରାଣୀ ଯାହାଙ୍କର ଗଡ୍‌ଙ୍କ ସହିତ ଏକ ସ୍ୱତନ୍ତ୍ର ସମ୍ବନ୍ଧ ରହିଛି । କେତେକ କହନ୍ତି, ବିବର୍ତ୍ତନ ଏକ ତତ୍ତ୍ୱ ମାତ୍ର । କିନ୍ତୁ ଡ. କଲିନ୍ସଙ୍କ ମତରେ ମାଧ୍ୟାକର୍ଷଣ ଭଳି ବିବର୍ତ୍ତନ ଏକ ସୁ-ପ୍ରତିଷ୍ଠିତ ତତ୍ତ୍ୱ । ଗଡ୍ ୧୪ବିଲିୟନ୍ ବର୍ଷ ତଳେ ବସ୍ତୁ, ଶକ୍ତି ଓ ପ୍ରାକୃତିକ ନିୟମଗୁଡ଼ିକ ସହିତ ବିଶ୍ୱବ୍ରହ୍ମାଣ୍ଡକୁ ସୃଷ୍ଟି କଲେ । ତା'ପରେ ସୃଷ୍ଟି ହେଲେ ପ୍ରାଣୀମାନେ । ସ୍ରଷ୍ଟା ଗଡ୍ ସ୍ଥାନ ଓ ସମୟରେ ସୀମିତ ନୁହନ୍ତି । ଆମେ ମଣିଷମାନେ ସେହି 'ଅସୀମ'ଙ୍କୁ ବସ୍ତୁ, ଶକ୍ତି, ପ୍ରାକୃତିକ ନିୟମ ଓ ପ୍ରାଣୀମାନଙ୍କ ମଧ୍ୟରେ ଉପଲବ୍ଧି କରିପାରିବା, ଯେହେତୁ ମଣିଷର ଶକ୍ତି ଅସୀମ । ନିଜର ଅସୀମ ଶକ୍ତିକୁ ଉପଲବ୍ଧି କଲେ ଯାଇ ମଣିଷ ଆଉ ମାନସିକ ଅବସାଦ, ନୈରାଶ୍ୟରେ ଆକ୍ରାନ୍ତ ହେବ ନାହିଁ, ଜୀବନ ନାଶ କରିବାର କଠୋର ନିଷ୍ପତ୍ତି ନେବ ନାହିଁ । ଡ. କଲିନ୍ସ ଜଣେ ଡାକ୍ତର, ବୈଜ୍ଞାନିକ, ଅଧ୍ୟାତ୍ମବାଦୀ ହେବା ସହିତ ଜଣେ ସଙ୍ଗୀତଜ୍ଞ ମଧ୍ୟ । ତାଙ୍କ ମତରେ, ସଙ୍ଗୀତ ମଣିଷର ଚେତନାକୁ ବହୁ ଉର୍ଦ୍ଧ୍ୱକୁ ଉତ୍ତୋଳନ କରାଇ ପାରିବ । ସଙ୍ଗୀତ ଚିକିତ୍ସା (ମ୍ୟୁଜିକ୍ ଥେରାପି) ଜରିଆରେ ପି.ଟି.ଏସ୍.ଡି (ପୋଷ୍ଟ ଟ୍ରମାଟିକ୍ ଷ୍ଟ୍ରେସ୍ ଡିସ୍‌ଅର୍ଡ଼ର), ପାର୍କିନ୍‌ସନ୍ ରୋଗ, ଉତ୍କଟ ଯନ୍ତ୍ରଣା, ଅବସାଦ, ନୈରାଶ୍ୟ ଇତ୍ୟାଦିକୁ ଲାଘବ କରାଯାଇପାରିବ । ଆମେରିକାର ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ କିଛି ସ୍ନାୟୁ-ବିଜ୍ଞାନୀ (ନ୍ୟୁରୋସାଇଣ୍ଟିଷ୍ଟ୍), ସଙ୍ଗୀତଜ୍ଞ (ମ୍ୟୁଜିସିଆନ୍), ସଙ୍ଗୀତ ଜରିଆରେ ଚିକିତ୍ସା କରୁଥିବା ଚିକିତ୍ସକ (ମ୍ୟୁଜିକ୍ ଥେରାପିଷ୍ଟ)ମାନଙ୍କୁ ନେଇ ଏ ଦିଗରେ ଅଧିକତର ଗବେଷଣା ଜାରୀ ରଖିଛି ।

ଆମେରିକାର ରବର୍ଟ୍ ଥର୍‌ମାନ୍ ହେଉଛନ୍ତି ପ୍ରଥମ ତିବ୍ବତୀୟ ବୌଦ୍ଧ ସନ୍ନ୍ୟାସୀ । ଜଟିଳ ତିବ୍ବତୀୟ ବୌଦ୍ଧ ସାହିତ୍ୟକୁ ସେ ଇଂରାଜୀରେ ଅନୁବାଦ କରିଛନ୍ତି । ନ୍ୟୁୟର୍କସ୍ଥିତ ତିବ୍ବତ ଭବନର ପ୍ରତିଷ୍ଠାତା ସଭାପତି ସେ । କଲମ୍ବିଆ ବିଶ୍ୱବିଦ୍ୟାଳୟରେ ଇଣ୍ଡୋ ତିବ୍ବତୀୟ ବୌଦ୍ଧ ସାହିତ୍ୟରେ ଅଧ୍ୟାପନା କରନ୍ତି । ୨୦୧୯ ବର୍ଷରେ ଭାରତ ଭ୍ରମଣରେ ଆସିଥିଲାବେଳେ ଏକ ସାକ୍ଷାତ୍‌କାରରେ ସେ କହିଥିଲେ ଯେ, ବୌଦ୍ଧ ଚିକିତ୍ସା ପଦ୍ଧତି ଆୟୁର୍ବେଦ ସହିତ ସମାନ୍ତରାଳ । 'ଆୟୁ'ର ଅର୍ଥ 'ଦୀର୍ଘ ଜୀବନ' । ସବୁବେଳେ ବ୍ୟଗ୍ର, ବିଚଳିତ, ମାନସିକ ଅବସାଦଗ୍ରସ୍ତ, ନୈରାଶ୍ୟ-ଜର୍ଜରିତ ମଣିଷକୁ ବାର୍ଦ୍ଧକ୍ୟ ଖୁବ୍ ଶୀଘ୍ର ଗ୍ରାସ କରିଯାଏ । ଅବସାଦ, ନୈରାଶ୍ୟ ହେଉଛି ମଣିଷର ଅନ୍ତର୍ନିହିତ ଶତ୍ରୁ । ସେହି ଶତ୍ରୁକୁ ଦମନ କଲେ ଯାଇ ମଣିଷ-ଶରୀରର କୋଷ ଓ ମାଇକ୍ରୋ ଅର୍ଗାନିଜମ୍ ଗୁଡ଼ିକ ଠିକ୍ ଭାବରେ କାର୍ଯ୍ୟ କରେ, ମଣିଷ ଆନନ୍ଦ ଅନୁଭବ କରେ ଓ ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା କରିପାରେ । ୫୩ବର୍ଷ ଧରି ବୈବାହିକ ଜୀବନଯାପନ କରିଥିବା ଥର୍‌ମାନ୍ ଭାରତୀୟ ଓ ତିବ୍ବତୀୟ ତନ୍ତ୍ର ସାହିତ୍ୟର ସୂଚନା ଦେବା ସହିତ 'ବିମଳାକୀର୍ତ୍ତି ସୂତ୍ର'ରେ ବର୍ଣ୍ଣିତ ଦେବୀ ପ୍ରଜ୍ଞା ପାରମିତା ଓ ବୌଦ୍ଧ ସନ୍ନ୍ୟାସୀମାନଙ୍କ ଉଦାହରଣ ଦେଇ କହିଲେ ଯେ, ମଣିଷ ଅସୀମ ଶକ୍ତି ଧାରଣ କରିଛି । ତେବେ ଅବସାଦ, ନୈରାଶ୍ୟ ବଳରେ ନୁହଁ, କେବଳ ଆନନ୍ଦ ଓ ବିଶ୍ୱାସ ବଳରେ ହିଁ ସେହି ଶକ୍ତିକୁ ଉପଲବ୍ଧି କରି ହେବ, ଉପଯୁକ୍ତ ଭାବରେ ଉପଯୋଗ କରି ଯାବତୀୟ ପ୍ରତିକୂଳ ପରିସ୍ଥିତିକୁ ଅତିକ୍ରମ କରିଯାଇ ହେବ । ଆତ୍ମବିଶ୍ୱାସ ହିଁ ଭଗବତ୍ ବିଶ୍ୱାସ, ଯାହା ବଳରେ ମଣିଷ ଜୀବନକୁ ଭଲପାଇବ, ଜଗତରେ ତା'ର ଅସ୍ତିତ୍ୱକୁ ରକ୍ଷା କରିବା ପାଇଁ ପ୍ରେରଣାଟିଏ ପାଇବ ଓ ମୁକ୍ତ କଣ୍ଠରେ ସ୍ୱୀକାର କରିବ ଯେ, ମୃତ୍ୟୁ ନୁହଁ, ଅମୃତ ପ୍ରାପ୍ତି ହିଁ ତା' ଜୀବନର ସର୍ବଶେଷ ଲକ୍ଷ୍ୟ । କୌଣସି କ୍ଷେତ୍ରରେ ଜଣେ ପ୍ରତିଭାବାନ୍ ମଣିଷ ଅନ୍ତତଃ ଏତିକି ସ୍ମରଣ ରଖିଲେ ଯାଇ କାହାରି ଈର୍ଷା, ଅସହିଷ୍ଣୁତାରେ ଆଦୌ ବିଚଳିତ ହେବ ନାହିଁ, ନିଜ ଜୀବନ ନାଶ କରିବାର ନିଷ୍ପତ୍ତି ନେବ ନାହିଁ, ବରଂ ସିଦ୍ଧିର ଅମୃତମୟ ସୋପାନକୁ ସ୍ପର୍ଶ କରିବାକୁ ଅଧିକରୁ ଅଧିକ ସାଧନାରେ ପ୍ରବୃତ୍ତ ହେବ ।

# ହାସ୍ୟରସ ନା ବିକୃତ ମସ୍ତିଷ୍କ ପ୍ରସୂତ ଉଦ୍ଭଟ ଚିନ୍ତାଧାରା !



ହିତାଂଶୁ ଶେଖର ମହାନ୍ତ
(ଯଶିପୁର, ମୟୂରଭଞ୍ଜ,
ମୋ-୯୪୩୭୮୭୨୯୦୪)

'ଛତି ଅ । ବିରିକି ପାମ୍ପରା ବଡ଼ି, ପିତା ଶୁଖୁଆକୁ ଲୁଣ, ଛୋପରୀ କହୁଛି ଛୋପରା ଆଗରେ କାନ୍ଦିବାର କେଉଁ ଗୁଣ ?' ଏକଥା ଲେଖିବାର ଉଦ୍ଦେଶ୍ୟ ସମ୍ପ୍ରତି କିଛି ଯାତ୍ରା ବା ଅପେରା ମାଧ୍ୟମରେ ଅର୍ଦ୍ଧନଗ୍ନ ନୃତ୍ୟ ପରିବେଷଣକୁ ନେଇ ମାତ୍ର ସାଢ଼େ ଚାରି କୋଟି ଜନସଂଖ୍ୟା ବିଶିଷ୍ଟ ଆମ ଛୋଟ ରାଜ୍ୟ ଓଡ଼ିଶା ଉଠୁଛି ପଡୁଛି । କିଏ କେଉଁଠି ଅଧନଙ୍ଗୁଳି ହୋଇ ନୃତ୍ୟକଲା, କେଉଁମାନେ ତାକୁ ବିରୋଧ କଲେ, କେଉଁମାନେ ଅବା ଅମୃତ ପରି ସେ ରସ ପାନ କଲେ, ସେହି ଆଲୋଚନାରେ ଏବେ ଆମର ସମସ୍ତ ଗଣମାଧ୍ୟମରେ ସରଗରମ ଚର୍ଚ୍ଚା । ତେବେ ତାହା ତ'କେବଳ ରାତିକ ପାଇଁ । ରାତିଟିଏ ବିତିଗଲେ, ସେହି ନଗ୍ନ ନୃତ୍ୟକୁ ପ୍ରତ୍ୟକ୍ଷ କରିଥିବା କେଇ ହଜାର ଦର୍ଶକଙ୍କ ପାଇଁ ତାହା ଏକ ସ୍ମୃତି ପାଲଟିଯିବ । ହେଲେ ଥରେଚିନ୍ତା କରିଛନ୍ତିକି, ୟୁ-ଟ୍ୟୁବ୍, ଫେସ୍‌ବୁକ୍, ଇନଷ୍ଟା ଭଳି କିସମ କିସମର ସାମାଜିକ ଗଣମାଧ୍ୟମକୁ ଯେଉଁ କୁତ୍ସିତ ଆଉ ଅଶ୍ଳୀଳ ନୃତ୍ୟଭରି ଦେଉଛି, ଏପରିକି ହାସ୍ୟରସ (ଏଇ ଦିଗରେ ହିଁ ଯିବା, ଯେହେତୁ ଆମ ଆଲୋଚ୍ୟ ବିଷୟଏଇଆ) ନାମରେ ଯେଉଁ ଦ୍ୱି-ଅର୍ଥବୋଧକ ଦୃଶ୍ୟଶ୍ରାବ୍ୟ ପରିବେଷଣ କରାଯାଉଛି, ତା ପାଇଁ କିଛି ଇଲମ ଅଛି କି ? ମଞ୍ଚାଭିନୟ ଗୋଷ୍ଠୀ ସାମାଜିକ ଗଣମାଧ୍ୟମକୁ ଦୋଷ ଦେଉଛନ୍ତି, ଆଉ ସାମାଜିକ ଗଣମାଧ୍ୟମ ମଞ୍ଚ ଓ ଦୂରଦର୍ଶନକୁ । ମାତ୍ର ଅପରପକ୍ଷକୁ ଗୋଟିଏ ଆଙ୍ଗୁଳି ଦେଖାଇଲେ ନିଜ ଆଡ଼କୁ ଯେ ଚାରିଟି ରହୁଛି, ସେକଥା ବୋଧହୁଏ କାହାରି ହେଜ ନାହିଁ । ଏକଥା ଉଠାଇବାରକାରଣ, ହାଲିକୁ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି ଯେ, ସରକାର ହାସ୍ୟରସ ନାମରେ ସାମାଜିକ ଗଣମାଧ୍ୟମରେ ଯାହା ସବୁଚାଲିଛି, ସେସବୁ ଭାଣ୍ଡପଣ (ବିଶ୍ୱାସକରନ୍ତୁ, ସୁପ୍ରିମକୋର୍ଟ ଏଇ ଭାଷାରେ ହିଁ କହିଛନ୍ତି !) ଅବା ବିକୃତି ରୋକିବା ପାଇଁ ନିୟମ ଆଣିବା ଆବଶ୍ୟକ । ଏଭଳି ପରାମର୍ଶ ଦେଇ ବା ଏଭଳି ଏକ ସ୍ପର୍ଶକାତର ପ୍ରସଙ୍ଗରେ ମୁଣ୍ଡ ପୂରାଇ କୋର୍ଟଏସବୁ ଭାଣ୍ଡାମୀ ଉପରେ ଅଙ୍କୁଶ ଆଣିବାକୁ ପରୋକ୍ଷରେ ସରକାରଙ୍କୁ ପରାମର୍ଶ ଦେଇଛନ୍ତି । ଫଳରେ ଗୋଟିଏ ଡିଜିଟାଲ କାର୍ଯ୍ୟକ୍ରମରେ ତଥାକଥିତ ଅଶ୍ଳୀଳତାକୁ ନେଇ ଅପରାଧିକ ମାମଲାରେ ଫସିଥିବାବା ଫସୁଥିବା ୟୁ-ଟ୍ୟୁବରମାନଙ୍କ ଦ୍ୱାରା ହେଉଥିବା ଆବେଦନ ଓ ଏହାକୁନେଇ ହେଉଥିବା ହଇଚଇକୁ କୋର୍ଟ ଆହୁରି ଉତ୍ସୁକକରି ଦେଇଛନ୍ତି । ସୁପ୍ରିମକୋର୍ଟଙ୍କ କହିବା କଥା, ଅଭିବ୍ୟକ୍ତିର ସ୍ୱାଧୀନତାର ଯେଉଁ ନିର୍ଦ୍ଧାରିତ ସୀମା ରହିଛି, ତାକୁ ଅତିକ୍ରମ ନ କରି ସମ୍ବିଧାନ ଦ୍ୱାରା ଅନୁମତିପ୍ରାପ୍ତ (ବା ସ୍ୱୀକୃତ) କଟକଣା ମଧ୍ୟରେ ରହିବା ଉଚିତ୍ । ତେବେ ଏହା ଉପରେ ଚର୍ଚ୍ଚା ଆଲୋଚନା ପାଇଁ ବେଶ୍ କେଇଜଣ ଅଣ୍ଟା ଭିଡ଼ିଲେଣି । ଗୋଟିଏ ବିବାଦୀୟ କାର୍ଯ୍ୟକ୍ରମ 'ଇଣ୍ଡିଆଜ୍ ଗଟ୍ ଟ୍ୟାଲେଣ୍ଟ' (ଆମେ ଏହାଦ୍ୱାରା ଉକ୍ତ କାର୍ଯ୍ୟକ୍ରମର ଟିଆରପି ବଢ଼ାଇ ଦେଉଛୁ ସେଥିପାଇଁ କ୍ଷମା କରିବେ) ସହ ଜଡ଼ିତ ଲୋକଙ୍କ ବିରୋଧରେ ମାମଲା ହୋଇଛି ଏବଂ ସେମାନେ ସମ୍ଭାବ୍ୟ ଗିରଫଦାରୀ ଏଡ଼ାଇବା ପାଇଁ ଆବେଦନ ବି କରିଛନ୍ତି । ଏହା ଦର୍ଶାଉଛି, ବର୍ତ୍ତମାନ ଯେଉଁ ନିୟମ ଅଛି, ତାହା ଯଥେଷ୍ଟ । ଭାରତୀୟ ନ୍ୟାୟସଂହିତା (ବିଏନ୍‌ଏସ୍) କହେ, ବୈଦ୍ୟୁତିକ ମାଧ୍ୟମରେ ଉପଲବ୍ଧ ସେହି ସବୁକୁ ଅଶ୍ଳୀଳ ପର୍ଯ୍ୟାୟଭୁକ୍ତ କରାଯିବ, ଯାହା ମନରେ କାମୁକତା ବା କାମନା-ବାସନାର ଭାବ ଉଦ୍ରେକ କରେ ଏବଂ ଯୌନ ବିକୃତିକୁ ପ୍ରୋତ୍ସାହିତ କରିଥାଏ । ଏହା ଏକ ଦଣ୍ଡନୀୟ ଅପରାଧ ମଧ୍ୟ । ସୂଚନା ପ୍ରଯୁକ୍ତି ଆଇନରେ ମଧ୍ୟ ଏହି ଅଧିନିୟମ ରହିଛି । କେବୁଲ୍ ଟିଭି ନେଟୱର୍କ ନିୟମାନୁସାରେଏହାର କାର୍ଯ୍ୟକ୍ରମ ସଂହିତା ଶାଳୀନତାକୁ କ୍ଷତି ପହଞ୍ଚାଉ ଥିବା କାର୍ଯ୍ୟକ୍ରମ ଗୁଡ଼ିକ ମଧ୍ୟ ନିଷିଦ୍ଧ ପଦବାଚ୍ୟ । ସୂଚନା ପ୍ରଯୁକ୍ତି (ମଧ୍ୟବର୍ତ୍ତୀ କାଳୀନ ନିର୍ଦ୍ଦେଶାବଳୀ ଏବଂ ଡିଜିଟାଲ ମିଡିଆ ଆଚାର ସଂହିତା) ନିୟମ-୨୦୨୧ବୟସ ଅନୁସାରେ ଦର୍ଶକଙ୍କ ଶ୍ରେଣୀ ବିଭାଜନ କରିଦିଏ । ନିର୍ଦ୍ଦୋଷ ହାସ୍ୟରସ ଏବଂ ଅଶ୍ଳୀଳ ହାସ୍ୟରସକୁ ନେଇ ତର୍କ ତ ଅନେକ ଦିନର । ମାତ୍ରଏହ ମଧ୍ୟରେ ଥିବା ପ୍ରଭେଦକୁ ଯେ ଆମେ ବା ଆପଣମାନେ ଜାଣିନାହାନ୍ତି, ଏପରି ବି ନୁହେଁ । ମାତ୍ର ଅଶ୍ଳୀଳତା ଅବା ଭାଣ୍ଡାମୀର କିଛି ନିର୍ଦ୍ଦିଷ୍ଟ ଘଟଣା ହିଁ ଲୋକଙ୍କ ରୋଷର ଶିକାର ହେବା ସହ ଶାଳୀନତା ବଜାୟ ରଖିବା ସପକ୍ଷରେ ସ୍ୱରୋତ୍ତୋଳନ କରେ । ଭାରତୀୟ ନ୍ୟାୟସଂହିତା ଏପରି ହାସ୍ୟରସକୁ 'ଶାବ୍ଦିକ ଅପରାଧ'ର ନାମକରଣ କରିଛନ୍ତି । ତେବେ ଗୋଟିଏ କଥା ଧ୍ରୁବସତ୍ୟ, ଏପରି ଶାବ୍ଦିକ ଅପରାଧ ବିରୋଧରେ କେହି ଯଦି ସ୍ୱର ଉତ୍ତୋଳନ କରିବାର ସାହସ କରେ, ତେବେ ସିଏ ହେଉଛି ଅଭିଯୋଗକାରୀ (ବା କାରିଣୀ) ଏବଂପୋଲିସର ନିଷ୍ଠା ଓ ଆଗ୍ରହ । ଯେଉଁଯୌନ ବିକୃତିକୁ ହାସ୍ୟରସର ନାମ ଦେଇ ଅର୍ଥହାନୀ କରିବା ସହ ରାତି ଉଜାଗର ହୋଇ ଦର୍ଶକ ଦେଖୁଛନ୍ତି, ସେମାନଙ୍କୁ ଏହି ସଂକୀର୍ଣ୍ଣସ୍ୱାର୍ଥର ଉର୍ଦ୍ଧ୍ୱକୁ ଯାଇ ଏକଥା ଭାବିବାକୁ ହେବ । ଏକ ପରିପକ୍ୱ ସମାଜକୁ ଏକଥା ଚିନ୍ତା କରିବାକୁ ହେବ ଯେ, ଯେଉଁ ଭାରତରେ ଆଜି ମଧ୍ୟ କେଜାଣି କେତେ କୋଟି ମାମଲା ବିଭିନ୍ନ କୋର୍ଟରେ ବିଚାରାଧୀନ ରହିଛି, ସେଭଳିସ୍ଥିତିରେଏହିଶାବ୍ଦିକ ଅପରାଧ ପାଇଁ କ'ଣ କାହାରିକୁ ଜେଲ୍ ଯିବା ଶୋଭା ପାଇବ ? ଯଦି ନୁହେଁ, ତେବେ ଏହାକୁ ମୂଳରୁ ବନ୍ଦ କରିଦିଆଯିବା ଉଚିତ୍ ନୁହେଁକି ?ଏହାର ବିପରୀତ, କେଉଁଠି କେମିତି ଛୋଟମୋଟ ଘଟଣାରେ ପୋଲିସରେ ଅଭିଯୋଗ କରିଦେବାର ମାନସିକତାକୁ ମଧ୍ୟ ପରିତ୍ୟାଗ କରିବା କଥା । ଇଣ୍ଟରନେଟ୍‌ର ପହଞ୍ଚ ଆମ ଶୋଇବାଘରଠାରୁଗାଧୁଆଘର ପର୍ଯ୍ୟନ୍ତ ପରିବ୍ୟାପ୍ତ । ତେଣୁଏହାକୁ ଦୃଷ୍ଟିରେ ରଖି ସମସ୍ତେ ଏଥିପ୍ରତି ଶାଳୀନତା ଅବଲମ୍ବନ କରିବା ବିଧେୟ । ଏଇଠି ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ଉଲ୍ଲେଖ କରିବାର ଆବଶ୍ୟକତା ଅନୁଭବ କରୁଛି, ଏଭଳି ମାମଲା ଗୁଡ଼ିକ ସାଧାରଣତଃ ସୁପ୍ରିମକୋର୍ଟକୁ ଅନାୟାସରେ ପହଞ୍ଚି ଯାଇଥାଏ । କାରଣ ଏଭଳି ମାମଲାରେ କୋର୍ଟ ମଧ୍ୟ ବିଭିନ ଭିଆଇପି ଶ୍ରେଣୀୟ ବ୍ୟକ୍ତିଙ୍କବି ରୋଧରେ ବିଭିନ୍ନେ କୋର୍ଟରେ ହୋଇଥିବା ମାମଲା ଗୁଡ଼ିକୁଏକାସାଥୀରେ ଯୋଡ଼ିବାଉପରେଗୁରୁତ୍ୱ ଦେଇଥା'ନ୍ତି, ଯାହା ଫଳରେ ଗଣମାଧ୍ୟମ ମଧ୍ୟ ଏଥିପ୍ରତି ଆକର୍ଷିତ ହୋଇଥାଏ ଓ ମାମଲାର ଗୁରୁତ୍ୱ ବଢ଼ିଯାଏ । ଆମର ମନେ ରଖିବା ଆବଶ୍ୟକ, ଗୋଟିଏସ୍ପର୍ଶକାତରମାମଲା, ସ୍ପର୍ଶକାତର ପ୍ରତିକ୍ରିୟାସବୁକୁ ମଧ୍ୟ ଜନ୍ମ ଦେଇଥାଏ । ମାତ୍ର ଆଇନ ପ୍ରଣୟନକାରୀ ସଂସ୍ଥା ଗୁଡ଼ିକୁ ଏଭଳି କ୍ଷେତ୍ରରେ 'ପୂର୍ବାଗ୍ରହ' ଦେଖାଇବା ଉଚିତ ନୁହେଁ । ସେଥିପାଇଁ ଏସବୁର ସମାଧାନକୁ କେଉଁ ଆଇନ ବହିର ଧାରା ଉପରେ ଛାଡ଼ି ନ ଦେଇ ନିଜ ଉପରେ ଛାଡ଼ିଲେ ହୁଏତ ଆମକୁ ଆଶୁ ଫଳ ମିଳିବ । ନୁହେଁକି ?

# ମେଦବହୁଳତା ପ୍ରତି ସତର୍କ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଏହା ନିସନ୍ଦେହ ଯେ, ମେଦ ବହୁଳତା ବା ମୋଟାପଣା ଏବେ ଏକ ସାଧାରଣ ସମସ୍ୟାରେ କେବଳ ପରିଣତ ହୋଇନାହିଁ, ଚିନ୍ତାର ବିଷୟ ପାଲଟିଛି । ବହୁଳ ପ୍ରସାରିତ ସ୍ୱାସ୍ଥ୍ୟ ପତ୍ରିକା "ଦି ଲାନ୍ସେଟ୍'ରେ ପ୍ରକାଶିତ ଏକ ବିଶ୍ଲେଷଣରେ କୁହାଯାଇଛି ଯେ, ଭାରତରେ ଏବେ ଦ୍ରୁତ ବେଗରେ ମୋଟାପଣ ବା ମେଦ ବହୁଳତା ବୃଦ୍ଧି ପାଇବାରେ ଲାଗିଛି । ଆସନ୍ତା ୨୦୫୦ ମସିହା ବେଳକୁ ତଥା ଆଗାମୀ ୨୫ବର୍ଷ ମଧ୍ୟରେ ଦେଶରେ ୧୫ରୁ ୨୪ବର୍ଷ ବୟସ୍କ ବର୍ଗର ସର୍ବାଧିକ ୩୯.୬ ନିୟୁତ ମେଦବହୁଳ ଯୁବକ ରହିବେ । ଯାହାକି ବିଶ୍ୱରେ ସର୍ବବହୁଳ ମେଦବହୁଳ ଜନସଂଖ୍ୟା ହେବ । ଆହୁରି ମଧ ୫ରୁ ୧୪ବର୍ଷ ମଧ୍ୟରେ ଶିଶୁ ଓ କିଶୋର-କିଶୋରୀଙ୍କ ମଧ୍ୟରେ ମେଦବହୁଳ ସଂଖ୍ୟା ବିଶ୍ୱରେ ଦ୍ୱିତୀୟ ସର୍ବବୃହତ ଜନସଂଖ୍ୟା ହେବ ବୋଲି ରିପୋର୍ଟରେ କୁହାଯାଇଛି । ସେହିପରି ୨୦୫୦ ମସିହା ବେଳକୁ ଦେଶରେ ୪୫୦ ନିୟୁତ କିମ୍ବା ୧୨ପ୍ରତିଶତ ବୟସ୍କ ଲୋକ ବି ମେଦବହୁଳ ହେବେ ବୋଲି ରିପୋର୍ଟରେ ଆକଳନ କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ୧୯୯୦ରେ ୧୫ରୁ ୨୪ବର୍ଷ ବୟସ୍କଙ୍କ ମେଦବହୁଳ ଯୁବକଙ୍କ ସଂଖ୍ୟା ୭.୩ ନିୟୁତ ଥିଲା । ଅନ୍ୟପକ୍ଷରେ ଶିଶୁ ଓ ତରୁଣଙ୍କ ମେଦବହୁଳ ସଂଖ୍ୟା ୧୯୯୦ ମସିହାରେ ୯.୧ ନିୟୁତ ଥିଲା । ତେବେ ଚୀନରେ ଯୁବକ ବର୍ଗରେ ମେଦବହୁଳ ସଂଖ୍ୟା ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିବ । ଜନସଂଖ୍ୟା କ୍ଷେତ୍ରରେ ଭାରତ ପ୍ରଥମ ସ୍ଥାନରେ ଥିବାବେଳେ ଚୀନ ଦ୍ୱିତୀୟ ସ୍ଥାନରେ ରହିଛି । ମେଦବହୁଳ ବା ମୋଟାପଣ କ୍ଷେତ୍ରରେ ଭାରତ ପ୍ରଥମ ଓ ଚୀନ ଦ୍ୱିତୀୟ ସ୍ଥାନରେ ରହିବା ନେଇ ଲାନ୍ସେଟ୍ ତା'ର ରିପୋର୍ଟରେ ଉଲ୍ଲେଖ କରିଛି । କହିବା ବାହୁଲ୍ୟ ଯେ, ବିଶ୍ୱରେ ଏବେ ୪୩.୪ ପ୍ରତିଶତ ବୟସ୍କ ଲୋକ ମେଦ ବହୁଳତାର ଶିକାର ହୋଇଛନ୍ତି । ଆସନ୍ତା ୨୦୫୦ ମସିହା ତଥା ଆସନ୍ତା ୨୫ବର୍ଷ ମଧ୍ୟରେ ୫୭.୪ ପ୍ରତିଶତ ପୁରୁଷ ଏବଂ ୪୬.୭ ପ୍ରତିଶତ ମହିଳା ମୋଟାପଣର ଶିକାର ହେବେ ବୋଲି ବିଶ୍ଲେଷଣ ରିପୋର୍ଟରେ କୁହାଯାଇଛି । ସାଧାରଣତଃ ଉଚ୍ଚ ଆୟକାରୀ ଦେଶମାନଙ୍କରେ ଶିଶୁଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ମଧ୍ୟରେ ମୋଟାପଣ ହାର ଅଧିକ । ୨୦୨୧ରେ ପ୍ରାୟ ୪୨ପ୍ରତିଶତ ପୁରୁଷ ଓ ୪୬ ପ୍ରତିଶତ ମହିଳା ମୋଟାପଣର ଶିକାର ହୋଇଥିଲେ । ସେହିପରି ଭାରତରେ ୨୦୨୧ରେ ୧୭୯.୬ ନିୟୁତ ବୟସ୍କଙ୍କ ଓଜନ ଅଧିକ ଥିଲା । ଶାରୀରିକ ପରିଶ୍ରମ ବିନା ଜୀବନଶୈଳୀ ଏବଂ ଅତ୍ୟଧିକ ପ୍ରକ୍ରିୟାକୃତ ଖାଦ୍ୟ ମୋଟାପଣ ବା ମେଦ ବହୁଳତାର ମୁଖ୍ୟକାରଣ ବୋଲି କୁହାଯାଏ । ଭାରତରେ ଏବେ ଅତ୍ୟଧିକ ପ୍ରକ୍ରୀୟାକୃତ ଖାଦ୍ୟ ଫାଷ୍ଟଫୁଡ୍ ସହଜରେ ଉପଲବ୍ଧ ହେଉଛି । ଯାହାକୁ ଶିଶୁଙ୍କ ଠାରୁ ଆରମ୍ଭ କରି ଯୁବବର୍ଗ ଆବୋରି ନେଇଛନ୍ତି । ସେହିପରି ଶାରିରୀକ ପରିଶ୍ରମଠାରୁ ଯୁବବର୍ଗ ମୁହଁ ଫେରାଇ ଅଚଳ ଜୀବନ ଶୈଳୀକୁ ଆପଣାଇ ନେଇଥିବା ଲକ୍ଷ୍ୟ କରାଯାଏ । ଯାହାକି ମୋଟାପଣର ମୁଖ୍ୟକାରଣ ବୋଲି କୁହାଯାଇଛି । କହିବା ଉଚିତ ଯେ, ମେଦ ବହୁଳତା ଏବେ ବିଭିନ୍ନ ରୋଗର କାରଣ ଭାବେ ଉଭା ହୋଇଛି । ବିଶେଷ କରି ମଧୁମେହ ଓ ହୃଦରୋଗ ଭଳି ଅଣ ସଂକ୍ରାମକ ରୋଗର କାରଣ ହୋଇଛି । ଉଭୟ ମଧୁମେହ, ଗଣ୍ଠିବାତ ଓ ହୃଦ୍‌ରୋଗୀଙ୍କ ସଂଖ୍ୟା ବିଶ୍ୱର ଅନ୍ୟ ରାଷ୍ଟ୍ରମାନଙ୍କ ତୁଳନାରେ ସର୍ବାଧିକ ରହିଛି । କେବଳ ଏତିକି ନୁହେଁ, କ୍ୟାନସର, ହରମୋନ ଅସନ୍ତୁଳନ ଆକ୍ରାନ୍ତଙ୍କ ସଂଖ୍ୟା ମଧ ଦେଶରେ ମାଡି ଚାଲିଛି । ମୋଟାପଣ ମଧ ପ୍ରଜନନକୁ ପ୍ରଭାବିତ କରୁଥିବା ରିପୋର୍ଟରେ ଦର୍ଶାଯାଇଥିବାବେଳେ ଏହା ଅର୍ଥନୀତି ଏବଂ ସ୍ୱାସ୍ଥ୍ୟଜନିତ ବ୍ୟୟ ବୃଦ୍ଧିଶ୍ରମ ଶକ୍ତି ଉପରେ ପ୍ରଭାବ ପକାଉଥିବା କୁହାଯାଇଛି । ଯାହାକି ଦେଶର ଅର୍ଥନୀତି ପାଇଁ ଆଦୌ ଶୁଭଙ୍କର ନୁହେଁ । ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ମୋଟାପଣ ନେଇ ଗଭୀର ଚିନ୍ତା ପ୍ରକଟ କରିବା ସହ କେତେକ ଟିପ୍ସ ଦେଇଥିଲେ । ଯାହାକି ଅତ୍ୟନ୍ତ ଗୁରୁତ୍ୱ ବହନ କରେ । ସନ୍ତୁଳିତ ଆହର ଶାରିରୀକ ପରିଶ୍ରମ ଓ ବ୍ୟାୟାମ, ଯୋଗ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ଆହୁରି ମଧ ଆଉ ପାଦେ ଆଗେଇ ଯାଇ ସମଗ୍ର ଦେଶରେ ମୋଟାପଣ ବିରୋଧି ଅଭିଯାନ ଆରମ୍ଭ କରିଛନ୍ତି । କିନ୍ତୁ ଦେଶର ବର୍ଗ, ଉଚ୍ଚ ଆୟକାରୀ ଗୋଷ୍ଠୀ ମେଦ ବହୁଳତା ପ୍ରତି ସଚେତନ ହେବା ଆବଶ୍ୟକ । ସଚେତନତା, ସନ୍ତୁଳିତ ଖାଦ୍ୟ, ପରିଶ୍ରମ, ବ୍ୟାୟାମ ହିଁ ଏହାକୁ ନିରାକରଣ କରିପାରିବ, ଏଥିରେ ସନ୍ଦେହ ନାହିଁ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ଓଡ଼ିଶା ପୁଅ ଅମିତ ରୋହିଦାସ ଶ୍ରେଷ୍ଠ ଡିଫେଣ୍ଡର



**ନୂଆଦିଲ୍ଲୀ**

ହକି ଇଣ୍ଡିଆର ବାର୍ଷିକ ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ଅମିତ ରୋହିଦାସ ବର୍ଷର ଶ୍ରେଷ୍ଠ ଡିଫେଣ୍ଡର ପୁରସ୍କାର ଲାଭ କରିଛନ୍ତି। ଭାରତର ଅଧିନାୟକ ହରମନପ୍ରୀତ୍ ସିଂ ଓ ସିନିୟର ଗୋଲକିପର ସବିତା ପୁନିଆ ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗ ହକି ଇଣ୍ଡିଆ ବଲ୍‌ବୀର ସିଂ ସିନିୟର ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇଛନ୍ତି।

ହରମନପ୍ରୀତ୍‌ଙ୍କ ନେତୃତ୍ୱରେ ଭାରତ ୨୦୨୪ରେ କ୍ରମାଗତ ଦ୍ୱିତୀୟ ଥର ବ୍ରୋଞ୍ଜ ପଦକ ହାସଲ କରିବାରେ ସଫଳ ରହିଥିଲା। ସେ ଆହୁରି ମଧ୍ୟ ଟୋକିଓ ଗେମ୍ସ ବ୍ରୋଞ୍ଜ ପଦକ ବିଜୟୀ ଦଳର ସଦସ୍ୟ ରହିଥିଲେ। ସବିତାଙ୍କ ଲାଗି ଏହାଥିଲା ଦ୍ୱିତୀୟ ଆନନ୍ଦର ବିଷୟ। ସେ ୨୦୨୪ ବର୍ଷ ପାଇଁ ହକି ଇଣ୍ଡିଆ ବଲ୍‌ଜିତ ସିଂ ଗୋଲକିପର ଅଫ୍ ଦି ଇୟର ପୁରସ୍କାର ମଧ୍ୟ ଲାଭ କରିଛନ୍ତି।

ସବିତା ତୃତୀୟ ଥର ପାଇଁ ଏହି ପୁରସ୍କାର ଜିତିବାର ଗୌରବ ଅର୍ଜନ କରିଛନ୍ତି। ଭାରତୀୟ ହକି ଶତବାର୍ଷିକୀ ପାଳନ ଅବସରରେ ୭ମ ହକି ଇଣ୍ଡିଆ ପୁରସ୍କାର ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଆହୁରି ମଧ୍ୟ ୧୯୭୫ରେ କୁଆଲାଲମ୍ପୁରରେ ଦେଶର ବିଶ୍ୱକପ୍ ବିଜୟ ଉତ୍ସବ ପାଳନ କରାଯାଇଥିଲା।

ଏହି ଅବସରରେ ୧୯୭୫ ପୁରୁଷ ବିଶ୍ୱକପ୍ ବିଜୟୀ ଦଳକୁ ହକି ଇଣ୍ଡିଆ ମେଜର ଧ୍ୟାନଚାନ୍ଦ ଲାଇଫଟାଇମ୍ ଆଚିଭମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। ହାର୍ଦ୍ଦିକ ସିଂଙ୍କୁ ଫରୱାର୍ଡ ଅଫ୍ ଦି ଇୟର ପୁରସ୍କାର ମିଳିଥିବା ବେଳେ ହାର୍ଦ୍ଦିକ ସିଂ ମିଡ୍‌ଫିଲ୍ଡର ଅଫ୍ ଦି ଇୟର ବିବେଚିତ ହୋଇଥିଲେ। ସେହିପରି ଯୁଗରାଜ ସିଂ ୨୧ ବର୍ଷରୁ କମ୍ ପୁରୁଷ ବିଭାଗରେ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇଥିବା ବେଳେ ଦୀପିକାଙ୍କୁ ୨୧ ବର୍ଷରୁ କମ୍ ମହିଳା ବିଭାଗରେ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ମିଳିଛି। ଏହି ଆଡମ୍ବରପୂର୍ଣ୍ଣ ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ କ୍ରୀଡ଼ା ମନ୍ତ୍ରୀ କିରେନ୍ ରିଜିଜୁ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ହକି ଇଣ୍ଡିଆ ସେକ୍ରେଟାରୀ ଜେନେରାଲ ଭୋଲାନାଥ ସିଂଙ୍କ ସମେତ ଅନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଆଇପିଏଲ ୨୦୨୫ : ବଦଳ ଖେଳାଳିଙ୍କ ପାଇଁ ନୂଆ ନିୟମ ଜାରି କଲା ବିସିସିଆଇ

**ଇଡେନ ଗାର୍ଡେନ**

ଆଇପିଏଲ ୨୦୨୫ ପାଇଁ କାଉଣ୍ଟଡାଉନ ଆରମ୍ଭ ହୋଇଯାଇଛି। ପ୍ରଥମ ମ୍ୟାଚ୍ ମାର୍ଚ୍ଚ ୨୨ରେ ଇଡେନ ଗାର୍ଡେନରେ କେକେଆର ଓ ଆରସିବି ମଧ୍ୟରେ ଖେଳାଯିବ। ୫ ଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ନିକଟରେ ଆହତ ଖେଳାଳି ଲିଜାଦ ୱିଲିୟମ୍ସଙ୍କ ସ୍ଥାନରେ କୋର୍ବିନ ବୋଶଙ୍କୁ ଦଳରେ ସାମିଲ କରିଛି। ଏଥିପାଇଁ ବୋଶଙ୍କୁ ପିଏସଏଲ ଛାଡ଼ିବାକୁ ପଡ଼ିଥିଲା, ଯାହା ପରେ ପାକିସ୍ତାନ କ୍ରିକେଟ ବୋର୍ଡ ତାଙ୍କ ବିରୋଧରେ ଆଇନଗତ ନୋଟିସ ଜାରି କରିଥିଲା। ଏହା ନିୟମର ଉଲ୍ଲଂଘନ ବୋଲି ବୋର୍ଡ ଦାବି କରିଛି। ଏବେ ଆଇପିଏଲରେ ଆହତ ଖେଳାଳିଙ୍କ ସ୍ଥାନ ନେଇ କ'ଣ ନିୟମ ରହିଛି ତାହା ବୁଝିବା ଜରୁରୀ। କେବେ ଏବଂ କେଉଁ ପରିସ୍ଥିତିରେ ଦଳ ସେମାନଙ୍କ ଖେଳାଳିଙ୍କ ସ୍ଥାନ ନେଇପାରିବ ଏବଂ ସେମାନଙ୍କ ଫି'କୁ ନେଇ କ'ଣ ସର୍ତ୍ତ ରହିଛି?




ସୂଚନାଯୋଗ୍ୟ, ଏଥର ଏହି ନିୟମରେ ପରିବର୍ତ୍ତନ କରାଯାଇଛି। ଆଇପିଏଲ ୨୦୨୫ରେ ଆହତ ଖେଳାଳିଙ୍କୁ ବଦଳାଇବା ପାଇଁ ନିୟମର ମୁଖ୍ୟ କଥା ଏଠାରେ ଦର୍ଶାଯାଇଛି। ଏହି ନିୟମର ଫାଇଦା ଉଠାଇ ଆହତ ଖେଳାଳିଙ୍କ ସ୍ଥାନରେ ଅନ୍ୟ ଜଣେ ଖେଳାଳିଙ୍କୁ ଦଳରେ ସାମିଲ କରିପାରିବେ।

ଆଇପିଏଲ ଟିମ୍ ଏବେ ଦ୍ୱାଦଶ ଲିଗ୍ ମ୍ୟାଚ୍ ପର୍ଯ୍ୟନ୍ତ ଆହତ ଖେଳାଳିଙ୍କ ସ୍ଥାନ ନେଇପାରିବ। ପୂର୍ବରୁ ଏହା ମାତ୍ର ୭ ମ୍ୟାଚ୍ ପର୍ଯ୍ୟନ୍ତ ଥିଲା। ଏଥର ଏହାକୁ ବୃଦ୍ଧି କରାଯାଇଛି।

ବଦଳ ଖେଳାଳି କିଏ ହୋଇ ପାରିବେ : ବଦଳ ଖେଳାଳି କେବଳ ସେହି ଖେଳାଳି ହୋଇପାରିବେ ଯିଏ ସିଜନ ପାଇଁ ପଞ୍ଜୀକୃତ ଉପଲବ୍ଧ ଖେଳାଳି ପୁଲରେ ଅନ୍ତର୍ଭୁକ୍ତ ହୋଇପାରିବେ। ସେମାନଙ୍କ ଲିଗ ଫି' ଦଳରେ ସ୍ଥାନ ପାଇଥିବା ଖେଳାଳିଙ୍କ ଠାରୁ ଅଧିକ ହୋଇପାରିବ ନାହିଁ। ଚଳିତ ସିଜିନ୍ ପାଇଁ ଦଳର ବେତନ ସୀମାରେ ବଦଳ ଖେଳାଳିଙ୍କ ଲିଗ୍ ଫି' ଗଣନା କରାଯାଏ ନାହିଁ। ଯଦି ବଦଳା ଯାଇଥିବା ଖେଳାଳିଙ୍କ ଚୁକ୍ତି ପରବର୍ତ୍ତୀ ସିଜିନ୍‌କୁ ବୃଦ୍ଧି କରାଯାଏ, ତେବେ ସେମାନଙ୍କ ଫି' ବେତନ ସୀମାରେ ଗଣାଯିବ।

ଟୁର୍ଣ୍ଣାମେଣ୍ଟ ସମୟରେ ବଦଳ ଖେଳାଳିଙ୍କ ପାଇଁ ସର୍ତ୍ତ : ଦଳର ଦ୍ୱାଦଶ ଲିଗ୍ ମ୍ୟାଚ୍ ସମୟରେ କିମ୍ବା ପୂର୍ବରୁ ଖେଳାଳିଙ୍କ ଆଘାତ କିମ୍ବା ଅସୁସ୍ଥତା ହେବା ଜରୁରୀ। ବିସିସିଆଇ ଦ୍ୱାରା ନିଯୁକ୍ତ ଜଣେ ଡାକ୍ତର ନିଶ୍ଚିତ କରିବେ ଯେ ଖେଳାଳି ସିଜିନ୍ ଶେଷ ପର୍ଯ୍ୟନ୍ତ ଆଘାତରୁ ସୁସ୍ଥ ହେବେ ନାହିଁ। ଆହତ ଏବଂ ବାଦ୍ ପଡ଼ିଥିବା ଖେଳାଳି ସିଜନରେ ଆଉ କୌଣସି ମ୍ୟାଚ୍ ଖେଳିପାରିବେ ନାହିଁ। ଖେଳାଳିଙ୍କ ବଦଳି ପରେ ମଧ୍ୟ ଦଳରେ ମୋଟ ଖେଳାଳିଙ୍କ ସଂଖ୍ୟା ୨୫ରୁ ଅଧିକ ନ ହୁଏ ସେଥିପ୍ରତି ଦଳକୁ ଧ୍ୟାନ ଦେବାକୁ ପଡ଼ିବ।

# ମ୍ୟାଚ୍ ଖେଳୁଥିବା ବେଳେ ଟଳିପଡ଼ିଲେ କ୍ରିକେଟର



**ଆଡିଲେଡ**

ଦକ୍ଷିଣ ଅଷ୍ଟ୍ରେଲିଆରେ ଖେଳା ଯାଉଥିବା ଏକ କ୍ଲବ୍ କ୍ରିକେଟ ମ୍ୟାଚ୍ ସମୟରେ ଅତ୍ୟଧିକ ଗରମ ଯୋଗୁ ପାକିସ୍ତାନୀ ବଂଶୋଦ୍ଭବ ଖେଳାଳି ଜୁନୈଦ ଜାଫର ତଳେ ପଡ଼ିଯାଇ ଥିଲେ। ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା କିନ୍ତୁ ତାଙ୍କ ଜୀବନ ବଞ୍ଚାଯାଇପାରି ନ ଥିଲା। ଆଡିଲେଡର କନକୋର୍ଡିଆ କଲେଜ ଓଭାଲରେ ଖେଳାଯାଇଥିବା ମ୍ୟାଚ୍ ସମୟରେ ଏହି ଦୁଃଖଦ ଘଟଣା ଘଟିଥିଲା।

ଅଷ୍ଟ୍ରେଲୀୟ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି ଯେ, କନକୋର୍ଡିଆ କଲେଜରେ ପ୍ରବଳ ଗରମରେ ମ୍ୟାଚ୍ ଖେଳାଯାଉଥିଲା। ଜୁନୈଦ ଜାଫର ଓଲ୍ଡ କନକୋର୍ଡିଆନ୍ସ ପାଇଁ ଖେଳୁଥିଲେ। ପାଣିପାଗ ରିପୋର୍ଟ ଅନୁଯାୟୀ, ପ୍ରିନ୍ସ ଆଲଫ୍ରେଡ ଓଲ୍ଡ କଲେଜିଆନ୍ସ ବିପକ୍ଷରେ ଏହି ମ୍ୟାଚ୍ ସମୟରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ଥିଲା। ୪୦ ବର୍ଷୀୟ ଜୁନୈଦ ଜାଫର ଅପରାହ୍ଣ ପ୍ରାୟ ୪ଟା ବେଳେ ବ୍ୟାଟିଂ କରୁଥିବା ସମୟରେ ହଠାତ୍ ପିଚ୍‌ରେ ପଡ଼ିଯାଇଥିଲେ।

ସେ ପଡ଼ିଆରେ ଚେତାଶୂନ୍ୟ ହୋଇ ପଡ଼ିବା ପରେ, ଅନ୍ୟ ଖେଳାଳି ଏବଂ କର୍ମଚାରୀମାନେ ତାଙ୍କୁ ଆମ୍ବୁଲାନ୍ସ ମାଧ୍ୟମରେ ହସ୍ପିଟାଲକୁ ନେଇଯାଇଥିଲେ। ଡାକ୍ତରୀ ଦଳ ତାଙ୍କୁ ସିପିଆର ଦେଇଥିଲେ କିନ୍ତୁ ତାଙ୍କୁ ବଞ୍ଚାଯାଇପାରିଲା ନାହିଁ। ଏହି ସମୟରେ ଜୁନୈଦ ୩୭ ବଲ୍‌ରେ ୧୬ ରନ କରିବା ପରେ ଖେଳୁଥିଲେ।

ଅଷ୍ଟ୍ରେଲିଆ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି, ଏହି ମ୍ୟାଚ୍ ସମୟରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ଥିଲା। ଜୁନୈଦ ପ୍ରଥମ ୪୦ ଓଭର ପାଇଁ କ୍ଷେତ୍ରରକ୍ଷଣ କରିଥିଲେ ଏବଂ ପରେ ବ୍ୟାଟିଂ କରିବାକୁ ଆସିଥିଲେ। ଜୁନୈଦ ପାକିସ୍ତାନର କିନ୍ତୁ ଚାକିରି ସନ୍ଧାନରେ ୨୦୧୩ରେ ଅଷ୍ଟ୍ରେଲିଆର ଆଡିଲେଡ ଆସିଥିଲେ।

କ୍ରିକେଟରଙ୍କ ମୃତ୍ୟୁରେ କ୍ରିକେଟ କ୍ଲବ ଶୋକ ପ୍ରକାଶ କରିଛି। ସେ ତାଙ୍କ ବିବୃତିରେ କହିଛନ୍ତି ଯେ ଜୁନୈଦ ଜାଫରଙ୍କ ମୃତ୍ୟୁରେ ସେ ଗଭୀର ଦୁଃଖିତ। ଡାକ୍ତରୀ ଦଳ ତାଙ୍କୁ ବଞ୍ଚାଇବା ପାଇଁ ଯଥାସମ୍ଭବ ଚେଷ୍ଟା କରିଥିଲେ କିନ୍ତୁ ଦୁର୍ଭାଗ୍ୟବଶତଃ ତାଙ୍କୁ ବଞ୍ଚାଯାଇପାରିଲା ନାହିଁ।

# ଶାମିଙ୍କ ପରେ ତାଙ୍କ ଝିଅଙ୍କୁ ଟାର୍ଗେଟ୍ କଲେ ମୌଲାନା

**ମୁମ୍ବାଇ**

ଭାରତୀୟ କ୍ରିକେଟ୍ ଦଳର ଦ୍ରୁତ ବୋଲର ମହମ୍ମଦ ଶାମି। ଗତ କିଛି ଦିନ ହେବ ସେ ଚର୍ଚ୍ଚାରେ ଥିଲେ। ଶାମି ରୋଜା ନରଖିବାରୁ ଖୁବ୍ ଟ୍ରୋଲ ହୋଇଥିଲେ। ଏବେ ତାଙ୍କ ଝିଅ ହୋଲି ଖେଳିବାରୁ ଟାର୍ଗେଟ୍‌କୁ ଆସିଛନ୍ତି। ଶାମିଙ୍କ ଝିଅ ହୋଲିରେ ତାଙ୍କ ମା ସହିତ ରଙ୍ଗ ଖେଳିଥିଲେ। ସେବେଠାରୁ ଶାମିଙ୍କୁ କଡ଼ା ସମାଲୋଚନା କରାଯାଉଥିଲା।

ଭାରତୀୟ ମୁସଲିମ୍ ଜମାତ୍ ସଭାପତି ମୌଲାନା ଶାହାବୁଦ୍ଦିନ ରଜଭି ମହମ୍ମଦ ଶାମିଙ୍କ ପରେ ତାଙ୍କ ଝିଅଙ୍କୁ ଟାର୍ଗେଟ କରିଛନ୍ତି। ଶାମିଙ୍କ ଝିଅ ହୋଲି ଖେଳିବାରୁ ମୌଲାନା ରଜଭି ତାହାକୁ ଅପରାଧ ଓ ସିରିୟା ଆଇନ ବିରୋଧରେ ବୋଲି କହିଛନ୍ତି। ସେ ଜଣେ ଛୋଟ ଝିଅ। ଯଦି ସେ ନ ଜାଣି ହୋଲି ଖେଳିଛନ୍ତି, ତେବେ ତାହା ଅପରାଧ ନୁହେଁ। କିନ୍ତୁ ଯଦି ସେ ସବୁ କିଛି ବୁଝି ଏହା କରିଛନ୍ତି, ତେବେ ଏହାକୁ ସିରିୟା ଆଇନ ବିରୋଧରେ ବୋଲି ଧରାଯିବ। ମୁଁ ଶାମି ଓ ତାଙ୍କ ପରିବାର ସଦସ୍ୟଙ୍କୁ ଅନୁରୋଧ କରୁଛି ଯେ, ଯାହା ସିରିୟା ଆଇନରେ ନାହିଁ, ତାହା ଛୁଆଙ୍କୁ କରିବାକୁ ଦିଅ ନାହିଁ। ହୋଲି ହିନ୍ଦୁଙ୍କ ପାଇଁ ଏକ ବଡ଼ ପର୍ବ। କିନ୍ତୁ ମୁସଲମାନମାନେ ଏହା ଠାରୁ ଦୂରେଇ ରହିବା ଉଚିତ।

ଯଦି କେହି ସିରିୟା ଆଇନକୁ ଜାଣିବା ପରେ ହୋଲି ପାଳନ କରୁଛନ୍ତି, ତେବେ ତାହା ଅପରାଧ ବୋଲି ମୌଲାନା ରଜଭି ଏକ ଭିଡିଓରେ କହିଛନ୍ତି। ଏହା ବ୍ୟତୀତ ସେ ଆଇସିସି ଚାମ୍ପିୟନ୍ସ ଟ୍ରଫି



ଜିତିଥିବା ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ, ମୁଁ ଭାରତୀୟ ଦଳର ଅଧିନାୟକ, ସମସ୍ତ ଖେଳାଳି ଓ ମହମ୍ମଦ ଶାମିଙ୍କୁ ମୋ ହୃଦୟରୁ ସେମାନଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଉଛି। ଏହାପୂର୍ବରୁ ମାର୍ଚ୍ଚ ୬ରେ ଚାମ୍ପିଅନ୍ସ ଟ୍ରଫି ଟୁର୍ଣ୍ଣାମେଣ୍ଟରେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ଶାମିଙ୍କୁ ଜୁସ୍ ପିଇବା ପାଇଁ ମୌଲାନା ରଜଭି ଟାର୍ଗେଟ କରିଥିଲେ ଏବଂ ଉପବାସ ନକରିବାରୁ ତାଙ୍କୁ ଜଣେ ଅପରାଧୀ ବୋଲି କହିଥିଲେ। ସେ କହିଥିଲେ ଯେ କ୍ରିକେଟ୍ ଖେଳିବା ଭୁଲ୍ ନୁହେଁ, କିନ୍ତୁ ମହମ୍ମଦ ଶାମି ତାଙ୍କର ଧାର୍ମିକ ଦାୟିତ୍ୱ ପାଳନ କରିବା ଉଚିତ୍।

## ସପ୍ତମ ଜାତୀୟ ମାଷ୍ଟର ଗେମ୍ସ ୨୦୨୫

# ୩ ମେଡାଲ ଜିତି କେନ୍ଦୁଝରର ଟେକ ରଖିଲେ ଦାରା ସିଂହ

**କେନ୍ଦୁଝର, ନ୍ୟୁଜ୍**

ମାଷ୍ଟର ଗେମ୍ସ ଫେଡେରେସନ ଅଫ ଇଣ୍ଡିଆ ପ୍ରାୟୋଜିତ ଏବଂ ମାଷ୍ଟର ଗେମ୍ସ ଫାଉଣ୍ଡେସନ ଅଫ ଓଡ଼ିଶା ଆନୁକୂଲ୍ୟରେ ରାଉରକେଲାର ବିଶ୍ରା ମୁଣ୍ଡା ଆଥଲେଟିକ ଷ୍ଟାଡିୟମ ଠାରେ ଅନୁଷ୍ଠିତ ସପ୍ତମ ଜାତୀୟ ମାଷ୍ଟର ଗେମ୍ସ ୨୦୨୫ରେ କେନ୍ଦୁଝର ଜିଲ୍ଲା ବଲାଣିସ୍ଥିତ ଷ୍ଟିଲ ଅଥରିଟି ଅଫ ଇଣ୍ଡିଆରେ ମାଇନିଙ୍ଗ ଫୋରମ୍ୟାନ ଭାବେ କାର୍ଯ୍ୟରତ ଦାରା ସିଂହ ୩ଟି ମେଡାଲ ହାସଲ କରି କେନ୍ଦୁଝର ଜିଲ୍ଲାର ଟେକ ରଖିଛନ୍ତି। ଅତୀତରେ କେନ୍ଦୁଝର ଜିଲ୍ଲାକୁ କ୍ରିକେଟରେ ପ୍ରତିନିଧିତ୍ୱ କରି ଜିଲ୍ଲାକୁ ଗୌରବାନ୍ୱିତ କରିଥିବା ଦାରା ସିଂହ ଗତ ୬ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଇସ୍ପାତ ନଗରୀ ରାଉରକେଲା ଠାରେ ଅନୁଷ୍ଠିତ ୫୫ ବର୍ଷରୁ ଊର୍ଦ୍ଧ୍ୱ ଜାତୀୟ ମାଷ୍ଟର ଗେମ୍ସରେ ଅତି ଉଚ୍ଚକୋଟୀର କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରି ସଟପୁଟ ଥ୍ରୋରେ ଦ୍ୱିତୀୟ ସ୍ଥାନ



ହାସଲ କରି ରୌପ୍ୟ ଏବଂ ୧୦୦ ମିଟର ହର୍ଡ଼ଲସ ଓ ୫୦୦୦ ମିଟର ୱାକିଙ୍ଗରେ ତୃତୀୟ ସ୍ଥାନ ହାସଲ କରି ଦୁଇଟି ବ୍ରୋଞ୍ଜ ପଦକ ପାଇବା ସହ ଜିଲ୍ଲାକୁ ସମଗ୍ର ରାଜ୍ୟରେ ଗୌରବାନ୍ୱିତ କରିବା ସହ ଜିଲ୍ଲାର ଟେକ ରଖିଛନ୍ତି। ତାଙ୍କର ଏହି ସଫଳତାରେ କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥାର ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଜୀବନର ଅପରାହ୍ଣରେ ତାଙ୍କର ଏହି ସଫଳତାରେ ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ତାଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।

# ବୁମ୍‌ରା ବର୍ତ୍ତମାନ ସବୁଠାରୁ ବିପଜ୍ଜନକ ବୋଲର : କୋହଲି

**ନୂଆଦିଲ୍ଲୀ**

ପୂର୍ବତନ ଆରସିବି ଅଧିନାୟକ ବିରାଟ କୋହଲି ବର୍ତ୍ତମାନ ଆଇପିଏଲରେ ସର୍ବାଧିକ ରନ ସ୍କୋରର। ତାଙ୍କ ନାମରେ ୮୦୦୪ ରନ ଅଛି। ବୁମ୍‌ରାଙ୍କ ବିଷୟରେ କହିବାକୁ ଗଲେ, ସେ ବିରାଟ କୋହଲିଙ୍କ ପ୍ରଥମ ଆଇପିଏଲ ଉଇକେଟ୍ ନେଇଥିଲେ। ଏହି ମ୍ୟାଚ୍‌ରେ ସେ କୋହଲିଙ୍କ ସମେତ ୩ଟି ଉଇକେଟ୍ ନେଇଥିଲେ। ବୁମ୍‌ରା ବର୍ତ୍ତମାନ ସବୁଠାରୁ ବିପଜ୍ଜନକ ବୋଲରମାନଙ୍କ ମଧ୍ୟରୁ ଜଣେ ଏବଂ ବିରାଟ କୋହଲି କହିଛନ୍ତି ବୁମ୍‌ରାଙ୍କୁ ସାମ୍ନା କରିବା କଷ୍ଟକର ହୋଇପଡ଼େ। ଆରସିବି ଦ୍ୱାରା ଶେୟାର କରାଯାଇଥିବା ଏକ ଭିଡିଓରେ ବିରାଟ କୋହଲି କହିଛନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ ଯେ ଜସ୍‌ପ୍ରିତ ସମସ୍ତ ଫର୍ମାଟରେ ବିଶ୍ୱର ସର୍ବୋତ୍ତମ ବୋଲର। ସେ ମୋତେ ଆଇପିଏଲରେ ଅନେକ ଥର ଆଉଟ କରିଛନ୍ତି, ମୁଁ ଆଇପିଏଲରେ ସଫଳତାର ସହ ସ୍ଥାନ ପାଇଛି। ତେଣୁ ଯେତେବେଳେ ତାଙ୍କ ବିପକ୍ଷରେ ବ୍ୟାଟିଂ କରିବାକୁ ଆସେ, ମୁଁ ଭାବୁଛି ଏହା ମଜାଦାର ହେବ। ଯେତେବେଳେ ଆମେ ନେଟ୍ସରେ ପରସ୍ପରର ମୁହାଁମୁହିଁ ହେଉ, ସେତେବେଳେ ମଧ୍ୟ ଏହା ଏକ ମ୍ୟାଚ୍ ପରି ଅନୁଭବ ହୁଏ। ଏହା ଏପରି ଲାଗେ ଯେପରି ଆମେ ଆଇପିଏଲରେ ଏକ ମ୍ୟାଚ୍ ଖେଳୁଛୁ।

# ମୁମ୍ବାଇ ଇଣ୍ଡିଆନ୍ସର ଗୁମର ଖୋଲିଲେ ହାର୍ଦ୍ଦିକ ପାଣ୍ଡ୍ୟା

**ମୁମ୍ବାଇ**

ଭାରତୀୟ କ୍ରିକେଟ ଦଳର ଷ୍ଟାର ଏବଂ ସମ୍ପ୍ରତି ଚାମ୍ପିଅନ୍ସ ଟ୍ରଫି ବିଜେତା ହାର୍ଦ୍ଦିକ ପାଣ୍ଡ୍ୟା ଆଇପିଏଲ ୨୦୨୫ରେ ଦ୍ୱିତୀୟ ଥର ପାଇଁ ମୁମ୍ବାଇ ଇଣ୍ଡିଆନ୍ସ (ଏମଆଇ)ର ଅଧିନାୟକ ହେବାକୁ ଯାଉଛନ୍ତି। ଚଳିତବର୍ଷ ହାର୍ଦ୍ଦିକ ପାଣ୍ଡ୍ୟା ରୋହିତ ଶର୍ମା, ସୂର୍ଯ୍ୟକୁମାର ଯାଦବ, ଜସପ୍ରୀତ ବୁମ୍‌ରା ଏବଂ ତିଲକ ବର୍ମାଙ୍କ ଭଳି ଖେଳାଳିଙ୍କୁ ନେଇ ଗଠିତ ଦଳର ନେତୃତ୍ୱ ନେବେ। ଗତ ସିଜନରେ ଏହି ଦଳ ଶେଷ ସ୍ଥାନରେ ଥିଲା। ବଡ଼ କଥା ହେଉଛି ଗତ ସିଜିନରେ ପାଣ୍ଡ୍ୟା ନିଜେ ତାଙ୍କ ପ୍ରଶଂସକଙ୍କ ସମର୍ଥନ ପାଇ ନ ଥିଲେ। ତାଙ୍କୁ ଷ୍ଟାଡିୟମରେ ଟ୍ରୋଲର ସମ୍ମୁଖୀନ ହେବାକୁ ପଡ଼ିଥିଲା। କିନ୍ତୁ ଏଥର ପୂରା କାହାଣୀ ବଦଳି ଯାଇଛି। ପାଣ୍ଡ୍ୟା ଏକ ସାକ୍ଷାତ୍‌କାରରେ କହିଛନ୍ତି, ଏଥର ତାଙ୍କ ଦଳ କିପରି ବହୁତ ଶକ୍ତିଶାଳୀ ଏବଂ ସେ କେଉଁ କ୍ଷେତ୍ରରେ ସବୁଠାରୁ ଅଧିକ କାମ କରିଛନ୍ତି।

ଏମଆଇର ରଣନୀତି ବିଷୟରେ ହାର୍ଦ୍ଦିକ ପାଣ୍ଡ୍ୟା କହିଛନ୍ତି, ଏହି ସିଜନରେ ଦଳ ବୋଲିଂ ଉପରେ ବିଶେଷ ଧ୍ୟାନ ଦେଉଛି। ଆମେ ଯେଉଁ ଖେଳାଳିମାନଙ୍କୁ ବାଛିଛୁ ସେମାନେ ଆମର ଯୋଜନାର ଅଂଶ ଥିଲେ। ଏହି ବର୍ଷ ଆମର ଲକ୍ଷ୍ୟ ଏକ ଶକ୍ତିଶାଳୀ ବୋଲିଂ ୟୁନିଟ ପ୍ରସ୍ତୁତ କରିବା କାରଣ ୱାଙ୍ଖେଡେ ଏକ ଚ୍ୟାଲେଞ୍ଜିଂ ଗ୍ରାଉଣ୍ଡ। ମୁମ୍ବାଇରେ ଖେଳିବା, ବିଶେଷକରି ୱାଙ୍ଖେଡେରେ, ଆଇପିଏଲରେ କଷ୍ଟକର ହୋଇପାରେ କାରଣ ଏଠାକାର ପିଚ୍ ବହୁତ ରନ ସୃଷ୍ଟି କରେ। ଆମେ ଏପରି ବୋଲର ଚାହୁଁଥିଲୁ ଯେଉଁମାନଙ୍କ ପାଖରେ ଅଭିଜ୍ଞତା, ଗତି ଏବଂ ସ୍ୱିଙ୍ଗ ଏବଂ ବାଉନ୍ସ ସୃଷ୍ଟି କରିବାର କ୍ଷମତା ଥିବ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପାଇଁ ଆଇପିଏଲ ୨୦୨୫ ସିଜିନ ବହୁତ ଖାସ୍ ହେବାକୁ ଯାଉଛି।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧ ୦୦୧
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org.
CAD-2848
ପତ୍ର ସଂଖ୍ୟା : ୩୮ **ବିଜ୍ଞାପନ** ତା.୦୪.୦୩.୨୦୨୫

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ- ଏସ.ଏଫ.୨ ୪୩୫ ଏ (SF 2 435 A), ଶ୍ରୀ ସତ୍ୟସାଇ ଏନକ୍ଲେଭ୍, ଆଇଗିଣିଆ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଶ୍ରୀ ରମେଶ ଚନ୍ଦ୍ର, ପିତା ୰କହ୍ନେୟା ସିଂହ, ସା. ପ୍ଲଟ ନଂ ଏଚ ୩, ଗୀତା ନଗରୀ, ପୋ/ଥାନା-ବିଜନର, ଜିଲ୍ଲା-ବିଜନର (ଉତ୍ତରପ୍ରଦେଶ)ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ରମେଶ ଚନ୍ଦ୍ର ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ରଘୁନାଥ ବେହେରା, ପିତା ୰ ଅନନ୍ତ ବେହେରା, ସା-ଜୀବନଦେଇ ପୁର, ପୋ-ସୁନାଖଳା, ଥାନା ନାଚୁଣୀ, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

ସ୍ୱା- ପ୍ରଶାସନିକ ଅଧିକାରୀ
OIPR-13030/11/0483/2425 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

# ବର୍ଷା ପବ୍ଲିକେସନ୍ ଆୟୋଜିତ ଯୁବକବି ବୀରେନ୍ଦ୍ର ନାୟକଙ୍କ ପ୍ରଥମ କବିତା ପୁସ୍ତକ 'ଦରଜର ଦରୋଟି'ର ଲୋକାର୍ପଣ ଉତ୍ସବ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସୋମବାର ସନ୍ଧ୍ୟାରେ ବର୍ଷା ପବ୍ଲିକେସନ୍ ପକ୍ଷରୁ ପ୍ରକାଶିତ ଲୋହିଆ ଏକାଡ଼େମୀ ସଭାକକ୍ଷରେ ଗାଳ୍ପିକା ଯୁବକବି ବୀରେନ୍ଦ୍ର ନାୟକଙ୍କ ପ୍ରଥମ କବିତା ପୁସ୍ତକ 'ଦରଜର ଦରୋଟି'ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପୁସ୍ତକ ଲୋକାର୍ପଣ ଉତ୍ସବର ପ୍ରଥମ ଚରଣରେ ଏବେଏବେ ମହାପ୍ରୟାଣ ଲଭିଥିବା ପ୍ରଣମ୍ୟ କବି ରମାକାନ୍ତ ରଥଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯିବା ସହ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

ଉକ୍ତ ପୁସ୍ତକ ଉନ୍ମୋଚନ ଉତ୍ସବରେ ଯୋଗଦେଇଥିଲେ ବିଶିଷ୍ଟ କଥାକାର ପ୍ରକାଶ ମହାପାତ୍ର, ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ର, ବିଶିଷ୍ଟ କବି କେଦାର ମିଶ୍ର, ବିଶିଷ୍ଟ କବି ବିରଜା ବଳ ଓ ମଞ୍ଚମୁଖ୍ୟ ଭାବେ ଉପସ୍ଥିତ ଥିଲେ କବିଙ୍କର ପିତା ପବିତ୍ର ନାୟକ। ମଞ୍ଚ ପରିଚାଳନା କରିଥିଲେ ଯୁବ କବି ବେଦପ୍ରକାଶ ନାୟକ ଓ ପ୍ରକାଶକୀୟ ଅଭିମତ ରଖିଥିଲେ ବର୍ଷା ପବ୍ଲିକେସନ୍‌ର ସତ୍ତ୍ୱାଧିକାରୀ କବି ବାଦଲ ମହାନ୍ତି। ପ୍ରକାଶିତ କବିତା ପୁସ୍ତକରୁ କିଛି କବିତାକୁ ଆବୃତ୍ତି କରିଥିଲେ ସମଧର୍ମା କବିମାନେ।

ଉକ୍ତ ଉତ୍ସବରେ ଓଡ଼ିଶାର ବହୁ କବି, ଲେଖକ, ଲେଖିକା ଓ ସାହିତ୍ୟାନୁରାଗୀ ବ୍ୟକ୍ତି ବିଶେଷ ଯୋଗ ଦେଇ ସଭାଟିକୁ ସଫଳ କରାଇଥିବାରୁ ସମସ୍ତଙ୍କୁ ଆନ୍ତରିକ କୃତଜ୍ଞତା ଓ ଧନ୍ୟବାଦ ଜଣାଇଥିଲେ କବି ପୁସ୍ତକଟିର ସ୍ରଷ୍ଟା ତଥା ଯୁବ କବି ବୀରେନ୍ଦ୍ର ନାୟକ।

**OFFICE OF THE PANCHYAT SAMITI : RAIGHAR.** i-554
E-mail:-oriraighar@gmail.com
No. 1044 /VII-43/25 Dated 13.03.2025

**CORRIGENDUM**

Due to some technical issue, the receiving date of Tender Paper for "Construction of GPLF Building under Raighar Block" vide this office Bid Identification No.06/2024-25 with letter No. 702 dated 27.02.2025 is extended up to 21.03.25 at 5.30PM and the opening date is 24.03.25 at 11AM in the office chamber of Block Development Officer, Raighar. All other terms and conditions remain unchanged.

For the above error, it is regretted.

Enclosure:- BOQ

Sd/- Block Development Officer, Raighar.
OIPR-19375/11/0009/2425

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧ ୦୦୧
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org.
CAD-2843
ପତ୍ର ସଂଖ୍ୟା : ୩୯ **ବିଜ୍ଞାପନ** ତା.୦୪.୦୩.୨୦୨୫

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କମ୍ପୋଜିଟ ହାଉସିଂ ପ୍ରକଳ୍ପ ଭି.ଏସ.ଏସ.ନଗର ୨ୟ ପର୍ଯ୍ୟାୟ ଗୃହ ନିର୍ମାଣ ପ୍ରକଳ୍ପ ଭୁବନେଶ୍ୱରରେ ଗୃହ ନଂ ଜି/ଏଲ-୦୩ (G/L-03)ଟିକୁ ମୃତ ଆବଣ୍ଟନ ଗ୍ରହୀତା ୰ସ୍ୱର୍ଣ୍ଣ ଦାଶଙ୍କର ଉତ୍ତରାଧିକାରୀ ସୂତ୍ରରେ ୧. ପ୍ରଫୁଲ୍ଲ କୁମାର ଦାଶ, ପିତା-ପଦ୍ମଲୋଚନ ଦାଶ, ୨. ଯଶୋଧାରା ଦାଶ, ପିତା-ପ୍ରଫୁଲ୍ଲ କୁମାର ଦାଶ, ସା-ଗ୍ରାଣ୍ଡ ରୋଡ୍, ପୁରୀ, ପୋ/ଥାନା/ଜିଲ୍ଲା-ପୁରୀ ନାମରେ ମାଲିକାନା ସତ୍ତ୍ୱ ପରିବର୍ତ୍ତନ କରାଯାଇଥିଲା। ଉପରୋକ୍ତ ଆବଣ୍ଟନ ଗ୍ରହୀତା ୧. ପ୍ରଫୁଲ୍ଲ କୁମାର ଦାଶ, ନିଜେ ଓ ୨. ଯଶୋଧାରା ଦାଶ ଆବଣ୍ଟନ ଗ୍ରହୀତାଙ୍କ ତରଫରୁ କ୍ଷମତା ପତ୍ର ଧାରକଭାବେ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ରିନାରାଣୀ ଦାଶ, ସ୍ୱାମୀ-ସଞ୍ଜୟ କୁମାର ମହାରାଜ, ସା-ଚନ୍ଦାପାଟ, ପୋ-କିଆଡିଙ୍ଗିରି, ଥାନା-ତିର୍ତ୍ତୋଲ, ଜିଲ୍ଲା-ଜଗତସିଂହପୁରଙ୍କ ନାମରେ ମାଲିକାନା ସତ୍ତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଏଥିରେ ଯଦି କାହାର କିଛି ଆପତ୍ତି ଥାଏ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

ସ୍ୱା- ପ୍ରଶାସନିକ ଅଧିକାରୀ
OIPR-13030/11/0485/2425 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

# ୯ଦଫା ଦାବି ନେଇ ୟୁଏଫବିୟୁ ପକ୍ଷରୁ ମାର୍ଚ୍ଚ ୨୪ରୁ ୪୮ ଘଣ୍ଟିଆ ଧର୍ମଘଟ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭାରତରେ ରାଷ୍ଟ୍ରାୟତ୍ତ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ଦେଶର ଆର୍ଥିକ ବ୍ୟବସ୍ଥା ମେରୁଦଣ୍ଡ ଗଠନ କରନ୍ତି, ଯାହା ସରକାର ଯୋଜନା, ଆର୍ଥିକ ପ୍ରସାର କାର୍ଯ୍ୟକ୍ରମ ଏବଂ ଅର୍ଥନୈତିକ ଅଭିବୃଦ୍ଧିର ସୁଗମ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିଥାଏ। ୟୁନାଇଟେଡ୍ ଫୋରମ୍ ଅଫ ବ୍ୟାଙ୍କ ୟୁନିୟନ୍ସ (ୟୁଏଫବିୟୁ) ୯ ଦଫା ଦାବି ପୂରଣ ପାଇଁ ୨୩ ମାର୍ଚ୍ଚ ୨୦୨୫ ମଧ୍ୟରାତ୍ରରୁ ୨୫ ମାର୍ଚ୍ଚ ୨୦୨୫ ମଧ୍ୟରାତ୍ରି ପର୍ଯ୍ୟନ୍ତ ୪୮ ଘଣ୍ଟାର ନିରନ୍ତର ଧର୍ମଘଟ ଘୋଷଣା କରିଛି ବୋଲି ଏହାର ଆବାହକ ଅରୁଣ କୁମାର ବିଶୋଇ ଏଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ୟୁଏଫବିୟୁର ଦାବିଗୁଡ଼ିକ ହେଲା- ସମସ୍ତ କ୍ୟାଡ଼ରରେ ପର୍ଯ୍ୟାପ୍ତ



ନିଯୁକ୍ତି ଓ ଅସ୍ଥାୟୀ କର୍ମଚାରୀଙ୍କୁ ନିୟମିତ କରିବା, ବ୍ୟାଙ୍କିଂ ଶିଳ୍ପରେ ୫ ଦିନର କାର୍ଯ୍ୟ ସପ୍ତାହ ପ୍ରବର୍ତ୍ତନ, ପ୍ରଦର୍ଶନ ସମୀକ୍ଷା ଏବଂ ପିଏଲଆଇ ଉପରେ ସାମ୍ପ୍ରତିକ ଡିଏଫଏସ ନିର୍ଦ୍ଦେଶାବଳୀ ତୁରନ୍ତ ପ୍ରତ୍ୟାହାର, ଅନିୟନ୍ତ୍ରିତ ବ୍ୟାଙ୍କିଂ ଜନସାଧାରଣଙ୍କ ଦ୍ୱାରା ଆକ୍ରମଣ କିମ୍ବା ଦୁର୍ବ୍ୟବହାର ବିରୁଦ୍ଧରେ ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀଙ୍କ ସୁରକ୍ଷା, ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ କର୍ମଚାରୀ ଓ ଅଧିକାରୀ ନିର୍ଦ୍ଦେଶକ ପଦବୀ ପୂରଣ କରିବା, ଆଇବିଏ ପାଖରେ ବିଚାରାଧୀନ ଥିବା ଅବଶିଷ୍ଟ ପ୍ରସଙ୍ଗର ସମାଧାନ, ଗ୍ରାଚ୍ୟୁଇଟି ଆଇନରେ ସଂଶୋଧନ ଓ ସର୍ବାଧିକ ସୀମା ୨୫ ଲକ୍ଷ ଟଙ୍କା, କର୍ମଚାରୀ କଲ୍ୟାଣ ସୁବିଧା ଉପରେ ଆୟକର ଛାଡ଼ ଏବଂ ଆଇଡିବିଆଇ ବ୍ୟାଙ୍କରେ ସରକାରଙ୍କ ସର୍ବନିମ୍ନ ୫୧ ପ୍ରତିଶତ ଅଂଶଧନ ରଖିବା। ତେବେ ଆବାହକ ଶ୍ରୀ ବିଶୋଇ କହିଛନ୍ତି ଯେ, ସମ୍ପ୍ରତି ପ୍ରଚଳିତ ଆଇନ ସେବା ସର୍ତ୍ତାବଳୀ ସମ୍ବନ୍ଧୀୟ ନୀତି ଉପରେ ଡିଏଫଏସ ଦ୍ୱାରା ରାଷ୍ଟ୍ରାୟତ୍ତ କ୍ଷେତ୍ରର ବ୍ୟାଙ୍କଗୁଡ଼ିକର ଅତ୍ୟଧିକ ସୂକ୍ଷ୍ମ ପରିଚାଳନା ଦ୍ୱିପାକ୍ଷିକତାକୁ ଦୁର୍ବଳ କରୁଛି। ସ୍ଥାୟୀ ବ୍ୟାଙ୍କିଂ ଚାକିରିର ଆଉଟସୋର୍ସିଂ, ଯାହା ଚାକିରିରେ ଅସୁରକ୍ଷିତ ସୃଷ୍ଟି କରିଥାଏ। ବ୍ୟାଙ୍କିଂ ଶିଳ୍ପରେ ଅନୁଚିତ ଶ୍ରମ ଅଭ୍ୟାସ ଯାହା କର୍ମଚାରୀଙ୍କ ଅଧିକାରକୁ ଦୁର୍ବଳ କରିଥାଏ। ଏହି ଅବସରରେ କମ୍ରେଡ୍ ସଂଜିବ ପତି, ଅମିତାଭ ଦାସ, ତୁଷାରକାନ୍ତ ଦାସ, ପ୍ରକାଶ ରାୟ ଏବଂ ଆର.ଏନ. ଦାସଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ।

# କବାଡ଼ି ବିଶ୍ୱକପ : ପୁରୁଷ ବର୍ଗରେ ଇଟାଲୀକୁ ହରାଇଲା ଭାରତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଇଂଲଣ୍ଡରେ ଆରମ୍ଭ ହୋଇଥିବା କବାଡ଼ି ବିଶ୍ୱକପରେ ଭାରତୀୟ ପୁରୁଷ ଦଳ ଇଟାଲୀକୁ ୬୪-୨୨ରେ ପରାସ୍ତ କରିଛି। ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ୍‌ରେ ଇଂଲଣ୍ଡ ପୁରୁଷ ଦଳ ହଙ୍ଗେରୀକୁ ୧୦୧-୨୫ରେ ପରାସ୍ତ କରିଥିଲା। ଏସିଆ ବାହାରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ୭ ଦିନ ଧରି ଚାଲିବ, ଯେଉଁଥିରେ ବ୍ରିଟେନର ୱେଷ୍ଟ ମିଡ୍‌ଲ୍ୟାଣ୍ଡ ଅଞ୍ଚଳର ବର୍ମିଂହାମ, କୋଭେଣ୍ଟ୍ରି, ୱାଲ୍ସାଲ ଏବଂ ୱଲଭରହାମ୍ପଟନରେ ୬୦ରୁ ଅଧିକ ମ୍ୟାଚ୍ ଖେଳାଯିବ। ପୁରୁଷ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି।

**OFFICE OF THE EXECUTIVE ENGINEER (AGRIL.), KORAPUT DIVISION, JEYPORE** A-1208
EmailId-eeagril.koraput@gmail.com
**INVITATIONS FOR BIDS THROUGH e-Procurement**
No- 517 /Agril Date- 13.03.2025
Bid identification No./e – Procurement Notice No.–E.E (Agril), Koraput Division, Jeypore – 04 / 2024-25

The Executive Engineer (Agril.), Koraput Division, Jeypore on behalf of Governor of Odisha invites **Percentage** Rate Bids in **Single cover** system for the works as detailed in table below.

| Sl. No. | Nos of the work / nature of work | Tender Value (Rs. In lakh) | Cost of Bid Documents (in Rs.) | EMD | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | 01 (One) No of Civil Works | Rs. 8.81 lakhs | Rs. 4000/- | 1% On Estimated Cost | 'C' & 'D' | 90 Days |

a) The bidders have to participate in ONLINE bidding only.
b) The web-site for "ONLINE BIDDING" is http://tendersorissa.gov.in.
c) Bid documents will be available in above Website from date. 20.03.2025 at 10.00 AM to Date. 26.03.2025 up to 5.30 P.M for "ONLINE BIDDING".
d) Date of original bid documents submission from dt. 20.03.2025 at 10.00 AM to Date. 28.03.2025 up to 1.30 P.M.
e) Bids shall be opened at 3:30 PM on Dt. 28.03.2025.
f) The Tender Paper Cost will be deposited in shape of Bank Draft in favour of Executive Engineer (Agril), Koraput Division, Jeypore payable at Jeypore.
g) The EMD amount will be deposited in shape of Bank TDR duly pledged in favour of Executive Engineer (Agril), Koraput Division, Jeypore by the awarded contractor only at the time of agreement.
h) Henceforth all the correspondence will be made to the contractor / bidder through e-mail only (please quote your email with the tender paper.

The bidder must possess matching class compatible Digital Signature Certificate (DSC).
Further details and other terms and conditions can be seen from DTCN in the e- Procurement web site **www.tendersorissa.gov.in**.

***N.B: Subsequent corrigendum / addendum if required shall be available in the website as indicated above***

Sd/- Executive Engineer (Agril.)
Koraput Division, Jeypore
OIPR-01472/11/0005/2425



# ଜଣେ ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତିତ୍ୱ ଓ ଲୋକପ୍ରିୟ ରାଜନେତାଙ୍କୁ ହରାଇଲା ରାଜ୍ୟ : ନବୀନ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ରାଜ୍ୟ ବିଜେପିର ପୂର୍ବତନ ସଭାପତି ଡ଼କ୍ଟର ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ସ୍ୱର୍ଗତ ଡ଼କ୍ଟର ପ୍ରଧାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସ୍ୱର୍ଗତ ଡ଼କ୍ଟର ପ୍ରଧାନ ତାଙ୍କର ଅତୁଳନୀୟ ସାଂଗଠନିକ ଦକ୍ଷତା ଓ ଅମାୟିକ ବ୍ୟକ୍ତିତ୍ୱ ପାଇଁ ସ୍ମରଣୀୟ ହୋଇ ରହିବେ। ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ମନ୍ତ୍ରୀମଣ୍ଡଳରେ ଜଣେ ମନ୍ତ୍ରୀ ଭାବରେ ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱରେ କାର୍ଯ୍ୟ କରି ତାଙ୍କ ପ୍ରଶାସନିକ ଦକ୍ଷତାର ମଧ୍ୟ ପରିଚୟ ଦେଇ ଯାଇଛନ୍ତି। ଡ଼କ୍ଟର ପ୍ରଧାନଙ୍କ ବିୟୋଗରେ ରାଜ୍ୟ ଜଣେ ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତିତ୍ୱ ଓ ଲୋକପ୍ରିୟ ରାଜନେତାଙ୍କୁ ହରାଇଲା ବୋଲି ଶ୍ରୀ ପଟ୍ଟନାୟକ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ଶ୍ରୀ ପଟ୍ଟନାୟକ। ଶ୍ରୀ ପଟ୍ଟନାୟକ ତାଙ୍କ ବାସଭବନରେ ପହଞ୍ଚି ସ୍ୱର୍ଗତ ପ୍ରଧାନଙ୍କ ମରଶରୀର ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭିଜନ ୨୦୩୦...

ଏଜ୍ ଇଣ୍ଡଷ୍ଟ୍ରିଜ୍‌କୁ ପ୍ରୋତ୍ସାହନ ଦେବା ସହ ଆନ୍‌ସିଲାରୀ ଓ ଡାଉନ୍‌ଷ୍ଟ୍ରିମ୍ ଇଣ୍ଡଷ୍ଟ୍ରିଜ୍ ପ୍ରତିଷ୍ଠା କରିବା ତଥା ପରିବେଶ ଅନୁକୂଳ ଶିଳ୍ପକୁ ପ୍ରାଧାନ୍ୟ ଦେଇ ୧୪୫ଟି ଶିଳ୍ପ ସଂସ୍ଥା ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍‌ରେ ସିଙ୍ଗାପୁର, ମାଲେସିଆ ଓ ଅଷ୍ଟ୍ରେଲିଆ ଭଳି ସହଯୋଗୀ ଦେଶଗୁଡ଼ିକର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ ଓ ୧୬ରୁ ଅଧିକ ଦେଶର ଶତାଧିକ ବିଦେଶୀ ପ୍ରତିନିଧି ମଧ୍ୟ ସାମିଲ୍ ହୋଇଥିଲେ। ବିଗତ ସରକାର ଶିଳ୍ପର ପ୍ରଚାର ଓ ପ୍ରସାର ଉପଯୋଗ ପାଇଁ 'ଇପିକଲ୍'କୁ ଅନୁଦାନ ଯୋଜନାରେ ୧୨୦ କୋଟି ଟଙ୍କାର ବଜେଟ୍ ଆବଣ୍ଟନ କରିଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍ ପରବର୍ତ୍ତୀ କାର୍ଯ୍ୟକ୍ରମ ନିମନ୍ତେ ୩୮.୦୬କୋଟି ଟଙ୍କାର ବଜେଟ୍ ଅନୁଦାନ ପ୍ରସ୍ତାବ ଦିଆଯାଇଛି ବୋଲି ମନ୍ତ୍ରୀ କହିଥିଲେ। ଟେକ୍ସଟାଇଲ୍ ପାର୍କ ବିକାଶ ପାଇଁ ଯୋଜନାରେ ୨୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବା ବେଳେ ରାଜଧାନୀ ଅଞ୍ଚଳରେ 'ଏଫ୍‌ଡିଆଇ ପାର୍କ' ଯୋଜନା ଅଧିନରେ ୧୦ କୋଟି ଟଙ୍କା, ଶିଳ୍ପାଞ୍ଚଳରେ ଦୀନଦୟାଲ୍ କର୍ମଚାରୀ ନିବାସ ଯୋଜନାରେ ୨୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସେହିପରି ରେଡି ଟୁ ଇଟ୍ ଓ ରେଡି ଟୁ କୁକ୍ ସାମଗ୍ରୀକୁ ପ୍ରୋତ୍ସାହିତ କରିବା ପାଇଁ କୋରାପୁଟ୍, ବରଗଡ଼, ନବରଙ୍ଗପୁର, ଦେବଗଡ଼, କଳାହାଣ୍ଡି ଆଦି ଜିଲ୍ଲାର ୫ଟି ସ୍ଥାନରେ ନୂଆ 'ଫୁଡ୍ ପାର୍କ' ପ୍ରତିଷ୍ଠା କରିବାର ଯୋଜନା ରହିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ମେଗା ଫୁଡ୍‌ପାର୍କ ବିକାଶ ପାଇଁ ଆର୍ଥିକ ସହାୟତା ଯୋଜନାରେ ୨୧ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ସିଙ୍ଗଲ୍ ୱିଣ୍ଡୋ କମିଟି ଦ୍ୱାରା ମଞ୍ଜୁର ହୋଇଥିବା ପ୍ରକଳ୍ପ ଗୁଡ଼ିକର ଶିଳାନ୍ୟାସ ଓ ଉଦ୍‌ଘାଟନ ଯଥାଶୀଘ୍ର ସୁନିଶ୍ଚିତ କରିବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ସେ କହିଥିଲେ ଭିଜନ-୨୦୩୦ - ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଅଭିଯାନ ଆରମ୍ଭ କରାଯାଇଛି। ଏଥିରେ ୫୦% ଅଭିବୃଦ୍ଧି ହାସଲ କରିବାର ଏକ ସ୍ୱଷ୍ଟ ଯୋଜନା ପ୍ରସ୍ତୁତ କରିବା, ୨୦୩୦ ମସିହା ସୁଦ୍ଧା ମେଟାଲ ଡାଉନ୍ ଷ୍ଟ୍ରିମ୍ ଏବଂ ଆଂଶିଲାରୀ ସେକ୍ଟରରେ ପୁଞ୍ଜିନିବେଶ ୧୦ହଜାର କୋଟି ଟଙ୍କାରୁ ୬୫ ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ପହଞ୍ଚିବ ବୋଲି ଆଶା କରାଯାଉଛି। ଏହାଦ୍ୱାରା ରାଜ୍ୟରେ ଏବେ ଏହି କ୍ଷେତ୍ରରେ ୦.୩ ଲକ୍ଷ ର ନିଯୁକ୍ତି ସୁଯୋଗ ରହିଥିବା ବେଳେ ଏହା ୧୦ଗୁଣା ବୃଦ୍ଧି ହୋଇ ପାଖାପାଖି ୩ଲକ୍ଷ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ଶିଳ୍ପମନ୍ତ୍ରୀ କହିଥିଲେ। 'ଇଡ୍‌କୋ' ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ୧୪୦ଟି ଶିଳ୍ପାଞ୍ଚଳ ବିକଶିତ କରାଯିବା ସହ ଲ୍ୟାଣ୍ଡବ୍ୟାଙ୍କ ଯୋଜନା ଅଧୀନରେ କାଟେଗୋରୀ-ଏ ରେ ୨୫୧୮୨.୮୦୫ ଏକର ଏବଂ କାଟେଗୋରୀ-ବି ରେ ୫୧୩୫୫.୭୧୪ ଏକର ଜମି ମଞ୍ଜୁର କରାଯାଇଛି। ଲ୍ୟାଣ୍ଡବ୍ୟାଙ୍କ ଯୋଜନାରେ ୨୦୨୫-୨୬ ଆର୍ଥିକ ବର୍ଷରେ ଜମି ଅଧିଗ୍ରହଣ ପାଇଁ ୧୦୬ କୋଟି ଟଙ୍କା ବଜେଟ୍ ପ୍ରସ୍ତାବ ରଖାଯାଇଛି ବୋଲି ମନ୍ତ୍ରୀ ପ୍ରକାଶ କରିବା ସହ ଶିଳ୍ପ କରିଡରର ବିକାଶ ପାଇଁ ଆର୍ଥିକ ସହାୟତା ଯୋଜନା ଅଧୀନରେ ୧୦ କୋଟି ଟଙ୍କା ବ୍ୟବସ୍ଥା ହୋଇଥିବା କହିଥିଲେ। ଶିଳ୍ପମନ୍ତ୍ରୀଙ୍କ ଉତ୍ତର ପରେ ଖର୍ଚ୍ଚଦାବିଟି ଗୃହରେ ବାଚନିକ ଭୋଟ୍‌ରେ ଅନୁମୋଦନ ଲାଭ କରିଥିଲା।

### ବ୍ୟାଙ୍କ ଧର୍ମଘଟ ...

ପ୍ରମୁଖ ପ୍ରସଙ୍ଗଗୁଡ଼ିକ ଅସମାପ୍ତ ହୋଇ ରହିଛି, ନ୍ୟାସନାଲ କନଫେଡେରେସନ ଅଫ ବ୍ୟାଙ୍କ ଏମ୍ପ୍ଲଇଜ (ଏନସିବିଇ)ର ମହାସଚିବ ଏଲ ଚନ୍ଦ୍ରଶେଖର କହିଛନ୍ତି। ରାଜ୍ୟର ୬ ହଜାର ସରକାରୀ ବ୍ୟାଙ୍କ ଶାଖାର ୩୭ ହଜାରରୁ ଅଧିକ କର୍ମଚାରୀ ସାମିଲ ହେବେ ବୋଲି ସାମ୍ବାଦିକ ସମ୍ମିଳନୀ କରି ୟୁଏଫବିୟୁ ଓଡ଼ିଶା ଶାଖା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଧର୍ମଘଟ ପୂର୍ବରୁ ମାର୍ଚ୍ଚ ୨୨ ଓ ୨୩ ତାରିଖ ସାପ୍ତାହିକ ଛୁଟି ଥିବାରୁ ଲଗାତାର ୪ ଦିନ ବନ୍ଦ ରହିବ। ବ୍ୟାଙ୍କିଙ୍ଗ ସେବା ବନ୍ଦ ରହିବ ବୋଲି ୟୁଏଫବିୟୁ ଓଡ଼ିଶା ଶାଖାର ଆବାହକ ଅରୁଣ କୁମାର ବିଷୋୟୀ ସୂଚନା ପ୍ରଦାନ କରିଛନ୍ତି। ନଅଟି ବ୍ୟାଙ୍କ କର୍ମଚାରୀ ସଂଘର ଏକ ସଂଗଠନ ୟୁଏଫବିୟୁ ପୂର୍ବରୁ ଏହି ଦାବିଗୁଡ଼ିକ ପାଇଁ ଧର୍ମଘଟ ଘୋଷଣା କରିଥିଲା, ଯେଉଁଥିରେ ସରକାରୀ ବ୍ୟାଙ୍କଗୁଡ଼ିକରେ କର୍ମଚାରୀ ଏବଂ ଅଧିକାରୀ ନିର୍ଦ୍ଦେଶକ ପଦବୀ ପୂରଣ ଅନ୍ତର୍ଭୁକ୍ତ। ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ, ଏହି ପ୍ରକାରର ପଦକ୍ଷେପ ଚାକିରି ସୁରକ୍ଷାକୁ ବିପଦରେ ପକାଇଥାଏ ବୋଲି ଅଭିଯୋଗ କରି ସଂଘଗୁଡ଼ିକ କାର୍ଯ୍ୟଦକ୍ଷତା ସମୀକ୍ଷା ଏବଂ କାର୍ଯ୍ୟଦକ୍ଷତା-ସଂଲଗ୍ନ ପ୍ରୋତ୍ସାହନ ସମ୍ପର୍କରେ ଆର୍ଥିକ ସେବା ବିଭାଗ (ଡିଏଫଏସ) ଦ୍ୱାରା ଦିଆଯାଇଥିବା ସାମ୍ପ୍ରତିକ ନିର୍ଦ୍ଦେଶାବଳୀକୁ ପ୍ରତ୍ୟାହାର କରିବାକୁ ମଧ୍ୟ ଦାବି କରିଛନ୍ତି। ଦେଶର ୯ଟି ବ୍ୟାଙ୍କ ସଂଘ ଏହି ଧର୍ମଘଟରେ ସାମିଲ ହେବାକୁ ନିଷ୍ପତ୍ତି ନେଇଛନ୍ତି। ପର୍ଯ୍ୟାପ୍ତ ନିଯୁକ୍ତି ଓ ଅସ୍ଥାୟୀ କର୍ମଚାରୀଙ୍କୁ ନିୟମିତ କରିବା, ୫ ଦିନିଆ କାର୍ଯ୍ୟ ସପ୍ତାହ, ପିଏଲଆଇ ନେଇ ଡିଏଫଏସଙ୍କ ନିର୍ଦ୍ଦେଶାବଳୀ ପ୍ରତ୍ୟାହାର, ବ୍ୟାଙ୍କ କର୍ମଚାରୀଙ୍କ ସୁରକ୍ଷା, ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ନିର୍ଦ୍ଦେଶକ ପଦବୀ ପୂରଣ, ଗ୍ରାଚୁଇଟି ଆଇନରେ ସଂଶୋଧନ, ଆଇଡିବିଆଇ ବ୍ୟାଙ୍କରେ ସର୍ବନିମ୍ନ ୫୧% ଅଂଶଧନ ରଖିବା ଭଳି ୯ଟି ଦାବୀ ନେଇ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀ ଆନ୍ଦୋଳନକୁ ଓହ୍ଲାଇବେ।

### ନ୍ୟୁଜିଲାଣ୍ଡର ପ୍ରଗତିରେ ...

ଶିକ୍ଷାଗତ ବିନିମୟ ଭାରତ-ନ୍ୟୁଜିଲାଣ୍ଡ ସମ୍ପର୍କର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ଅନୁଷ୍ଠାନିକ ଆଦାନ ପ୍ରଦାନ ମାଧ୍ୟମରେ ଦୁଇ ଦେଶ ମଧ୍ୟରେ ଶିକ୍ଷାଗତ ସହଯୋଗ ବୃଦ୍ଧି, ଭାରତରେ ନ୍ୟୁଜିଲାଣ୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା କ୍ୟାମ୍ପସ ପ୍ରତିଷ୍ଠା ଏବଂ ଦ୍ୱିତୀୟ ଡିଗ୍ରୀ ଉପରେ ସେ ଆଲୋକପାତ କରିଥିଲେ। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ଅର୍ଥନୈତିକ ସମ୍ପର୍କର ଅଭିବୃଦ୍ଧି ସହିତ ସୀମାଶୁଳ୍କ, ଉଦ୍ୟାନ କୃଷି, ଜଙ୍ଗଲ, ବିପର୍ଯ୍ୟୟ ପରିଚାଳନା ଏବଂ ପାରମ୍ପରିକ ଚିକିତ୍ସା କ୍ଷେତ୍ରରେ ସହଯୋଗ ପାଇଁ ନୂତନ ସୁଯୋଗ ବିଷୟରେ ରାଷ୍ଟ୍ରପତି ମୁର୍ମୁ ସନ୍ତୋଷ ବ୍ୟକ୍ତ କରିଛନ୍ତି। ନ୍ୟୁଜିଲାଣ୍ଡର ପ୍ରଗତିରେ ପ୍ରତିଭାବାନ ଏବଂ ପରିଶ୍ରମୀ ଭାରତୀୟ ସମ୍ପ୍ରଦାୟର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସେ ପ୍ରଶଂସା କରିଥିଲେ। ରାଷ୍ଟ୍ରପତି ଗତବର୍ଷ ଅଗଷ୍ଟ ମାସରେ ତାଙ୍କ ନ୍ୟୁଜିଲ୍ୟାଣ୍ଡ ଗସ୍ତର ସ୍ମୃତିକୁ ମନେ ପକାଇ କହିଥିଲେ ଯେ ନ୍ୟୁଜିଲାଣ୍ଡର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସେଠାକାର ଲୋକଙ୍କ ସାଂସ୍କୃତିକ ବିବିଧତା ତାଙ୍କ ମନରେ ଏକ ଅବିସ୍ମରଣୀୟ ଛାପ ଛାଡ଼ିଛି। ଗତ ବର୍ଷ ଅଗଷ୍ଟରେ ରାଷ୍ଟ୍ରପତିଙ୍କ ଐତିହାସିକ ନ୍ୟୁଜିଲ୍ୟାଣ୍ଡ ଗସ୍ତ ଏବଂ ପ୍ରଧାନମନ୍ତ୍ରୀ ଲକ୍ସନଙ୍କ ଗସ୍ତ ସମୟରେ ଘୋଷଣା କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଫଳାଫଳ ଭାରତ-ନ୍ୟୁଜିଲାଣ୍ଡ ଭାଗିଦାରୀକୁ ସକାରାତ୍ମକ ଗତି ପ୍ରଦାନ କରିବ ବୋଲି ଦୁଇ ନେତା ସହମତ ହୋଇଥିଲେ।

### ଖଲିସ୍ତାନୀ ଉଗ୍ରପନ୍ଥୀଙ୍କ ...

ସୁରକ୍ଷା ସହଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଇସ୍‌ଲାମୀୟ ଆତଙ୍କବାଦ ଉଭୟ ଭାରତ ଓ ଆମେରିକା ପାଇଁ ବଡ଼ ବିପଦ ବୋଲି ଗାବାର୍ଡ କହିଛନ୍ତି। ଆତଙ୍କବାଦକୁ ପ୍ରତିହତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକାଠି କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ଆଲୋଚନା ବେଳେ ଗାବାର୍ଡ କହିଥିଲେ, ଇସ୍‌ଲାମୀୟ ଆତଙ୍କବାଦୀ କେବଳ ଆମେରିକା କି ଭାରତକୁ ନୁହେଁ ବରଂ ମଧ୍ୟପ୍ରାଚ୍ୟର ଅନେକ ଦେଶକୁ ପ୍ରଭାବିତ କରିଛି।

### ୬୭ ଆଇଏଏସ୍,...

ବିଭିନ୍ନ ଜିଲ୍ଲା ଏବଂ ବିଭାଗରେ ପ୍ରଶାସନିକ କାର୍ଯ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି। ସୁଗମ ଶାସନ ଏବଂ ସାଧାରଣ ସେବାର ପ୍ରଭାବଶାଳୀ ଯୋଗାଣ ସୁନିଶ୍ଚିତ କରିବା ପାଇଁ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ହେଉଛି ସମୟର ଆବଶ୍ୟକତା। ଓଡ଼ିଶାରେ ଅମଲାତାନ୍ତ୍ରିକ ଅଭାବ ସମସ୍ୟା ଦୀର୍ଘ ଦିନ ଧରି ଚିନ୍ତାର ବିଷୟ ହୋଇଆସିଛି। ନିଯୁକ୍ତି ଏବଂ ପଦୋନ୍ନତିରେ ବିଳମ୍ବ ସମସ୍ୟାକୁ ଆହୁରି ସଙ୍କଟ ଜନକ କରୁଛି। ପ୍ରଶାସନିକ କାର୍ଯ୍ୟରେ ବାଧା ଏଡାଇବା ପାଇଁ ରାଜ୍ୟ ସରକାର ଯଥାଶୀଘ୍ର ଏହି ଖାଲି ପଦବୀ ପୂରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି।

### ପୂର୍ବତନ କେନ୍ଦ୍ରମନ୍ତ୍ରୀ...

ବନ୍ଦରରେ ଲୋକଙ୍କ ଭିଡ଼ ଜମିଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ବାଚସ୍ପତି ସୁରମା ପାଢୀ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ସମେତ ବହୁ ସଂଖ୍ୟକ ନେତା ଓ କର୍ମୀ ଏବଂ ପ୍ରଶାସନିକ ଅଧିକାରୀ ବିମାନବନ୍ଦରରେ ଦେବେନ୍ଦ୍ର ପ୍ରଧାନଙ୍କୁ ଶେଷ ଦର୍ଶନ କରିଥିଲେ। ବିମାନ ବନ୍ଦରରୁ ତାଙ୍କ ମରଶରୀରକୁ ବିଜେପି ରାଜ୍ୟ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ମଧ୍ୟ ଦଳର ନେତା ଓ କର୍ମୀମାନେ ତାଙ୍କ ଶେଷ ଦର୍ଶନ କରିଥିଲେ। ମଙ୍ଗଳବାର ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପିତା ତଥା ଭାରତର ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କର ସୋମବାର ପରଲୋକ ଘଟିଛି। ଦିଲ୍ଲୀ ଏମ୍ସରେ ୮୩ ବର୍ଷ ବୟସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ଘଟିଛି। ବାର୍ଦ୍ଧକ୍ୟଜନିତ ରୋଗରେ ସେ ପୀଡିତ ଥିଲେ। ବାଜପେୟୀଙ୍କ ସରକାରରେ ସେ ସ୍ଥଳପଥ ପରିବହନ ଓ କୃଷି ମନ୍ତ୍ରୀ ଥିଲେ। ୧୯୮୮ ମସିହାରୁ ୧୯୯୩ ମସିହା ପର୍ଯ୍ୟନ୍ତ ସେ ରାଜ୍ୟ ବିଜେପି ସଭାପତି ଥିଲେ। ୧୯୯୩ ମସିହାରୁ ୧୯୯୫ ମସିହା ପର୍ଯ୍ୟନ୍ତ ସେ ରାଜ୍ୟ ବିଜେପିର ସାଧାରଣ ସମ୍ପାଦକ ଥିଲେ। ପୁର୍ନବାର ୧୯୯୫ ମସିହାରୁ ୧୯୯୭ ମସିହା ଯାଏଁ ରାଜ୍ୟ ବିଜେପି ସଭାପତି ହୋଇଥିଲେ।

### ଚନ୍ଦ୍ରାୟାନ-୫...

ଉତ୍ସବରେ ଭାଷଣ ଦେଇ ଇସ୍ରୋ ମୁଖ୍ୟ କହିଛନ୍ତି, ଚନ୍ଦ୍ରାୟାନ-୫କୁ ନିକଟରେ ସବୁଜ ସଙ୍କେତ ଦିଆଯାଇଛି। ସେ କହିଛନ୍ତି, ପୂର୍ବରୁ, ଚନ୍ଦ୍ରାୟାନ-୩ ମିଶନ ଅଧୀନରେ ୨୫ କିଲୋଗ୍ରାମର ରୋଭର ପ୍ରଜ୍ଞାନ ଚନ୍ଦ୍ରକୁ ପଠାଯାଇଥିଲା, ଯାହା ସଫଳତାର ସହ ଅବତରଣ କରିଥିଲା। ଏଥର ଚନ୍ଦ୍ରାୟାନ-୫ରେ ଏକ ଅଧିକ ସକ୍ଷମ ରୋଭର ପଠାଯିବ, ଯାହା ଚନ୍ଦ୍ରପୃଷ୍ଠର ଅଧିକ ଗଭୀର ଅଧ୍ୟୟନ କରିବାକୁ ସକ୍ଷମ ହେବ। ଇସ୍ରୋ ସଫଳତାର ସହ ଚନ୍ଦ୍ରାୟାନ-୩ ମିଶନ ଲଞ୍ଚ କରିଥିଲା, ଯେଉଁଥିରେ ଲ୍ୟାଣ୍ଡର ବିକ୍ରମ ୨୩ ଅଗଷ୍ଟ ୨୦୨୩ରେ ଚନ୍ଦ୍ରର ଦକ୍ଷିଣ ମେରୁରେ ସଫଳତାର ସହ ସଫ୍ଟ ଲ୍ୟାଣ୍ଡିଂ କରିଥିଲା। ଏହା ଭାରତ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ଥିଲା, ଯାହା ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା। ପୂର୍ବରୁ, ଇସ୍ରୋ ଚନ୍ଦ୍ରାୟାନ-୪ ମିଶନ ଉପରେ ମଧ୍ୟ କାମ କରୁଛି, ଯାହାର ଲକ୍ଷ୍ୟ ଚନ୍ଦ୍ରରୁ ମାଟି ଏବଂ ପଥରର ନମୁନା ଆଣିବା ରିପୋର୍ଟ ଅନୁସାରେ, ଏହାକୁ ୨୦୨୭ରେ ଲଞ୍ଚ କରାଯାଇପାରେ।

### ରାଜ୍ୟରେ ଗ୍ରୀଷ୍ମ ...

ପହଞ୍ଚିଛି। ସେହିପରି ହୀରାକୁଦରେ ୩୭ ଏବଂ ସମ୍ବଲପୁରରେ ତାପମାତ୍ରା ୩୬ ଡିଗ୍ରୀ ରେକର୍ଡ କରାଯାଇଛି। ୧୯ ତାରିଖ ଯାଏ କଲବଲ କରିବ ଅସମ୍ଭାଳ ତାତି। ଆଗାମୀ ୨ ଦିନ ରାଜ୍ୟରେ ସିଭିୟର ହିଟ୍‌ୱେଭ ୱାର୍ଣ୍ଣିଂ ରହିଛି। ଏନେଇ ଝାରସୁଗୁଡ଼ା, ସମ୍ବଲପୁର, କଳାହାଣ୍ଡି, ସୋନପୁର ଏବଂ ବୌଦ୍ଧ ଜିଲ୍ଲା ପାଇଁ ରେଡ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ। ସେହିପରି ହିଟୱେଭକୁ ନେଇ ଅନୁଗୋଳ, ବଲାଙ୍ଗୀର, ସୁନ୍ଦରଗଡ଼ରେ ଅରେଞ୍ଜ ୱାର୍ଣ୍ଣିଂ ସହ ମୟୂରଭଞ୍ଜ, କେନ୍ଦୁଝର ଢେଙ୍କାନାଳ ଓ ଗଜପତି ଜିଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

### ଋଷ-ୟୁକ୍ରେନ...

ୟୁକ୍ରେନର ସାଥ ଦେବେ। କିନ୍ତୁ ୟୁକ୍ରେନର ଏହି ସର୍ତ୍ତ ଉପରେ କୌଣସି ପ୍ରତିକ୍ରିୟା ରଖିନି ଆମେରିକା। ଅନ୍ୟପଟେ ଋଷ ସ୍ପଷ୍ଟ କରି କହିଛି, କୌଣସି ପରିସ୍ଥିତିରେ ଅସ୍ଥାୟୀ ଯୁଦ୍ଧବିରତି ଚାହେଁ ନାହିଁ।

## ମିଡିଆ ଫେଡେରେସନ ଅଫ୍ ଓଡ଼ିଶାର

# ତପନ ସଭାପତି, ସିଦ୍ଧାର୍ଥ ସମ୍ପାଦକ, ଗୌର ଉପଦେଷ୍ଟା ନିର୍ବାଚିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମିଡିଆ ଫେଡରେସନ ଅଫ୍ ଓଡ଼ିଶାର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ଗୌର ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ତପନ ବିହାରୀ ଭଞ୍ଜ, ସଭାପତି, ଅମଲେନ୍ଦୁ ସିହ୍ନା, ଉପସଭାପତି, ସିଦ୍ଧାର୍ଥ ଶଙ୍କର ମିଶ୍ର, ସମ୍ପାଦକ, ସନ୍ତୋଷ ତ୍ରିପାଠୀ, ଯୁଗ୍ମ ସମ୍ପାଦକ, ସମୀର ରାୟ, ସହକାରୀ ସମ୍ପାଦକ, ସୌଭାଗ୍ୟ ମହାନ୍ତି, କୋଷାଧ୍ୟକ୍ଷ ଓ ବାର ଜଣ ସଦସ୍ୟ କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ ହୋଇଛନ୍ତି। ଗୌର ଚନ୍ଦ୍ର ମହାପାତ୍ରଙ୍କୁ ପ୍ରତିଷ୍ଠାତା ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି। ଫେଡେରେସନର ସଭାପତି ଶ୍ରୀ ଭଞ୍ଜ ଘୋଷାଣ କରିଛନ୍ତି ଯେ ଖୁବ୍‌ଶୀଘ୍ର ନୂଆଦିଲ୍ଲୀସ୍ଥିତ ମିଡିଆ ଫେଡରେସନ ଅଫ୍ ଇଣ୍ଡିଆ ସହ ସହବନ୍ଧିତ ହେବ। ଫେଡେରେସନର ସଭାପତି ଓ ସମ୍ପାଦକ ଏକ ମିଳିତ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ଯେ ସାମ୍ବାଦିକମାନଙ୍କୁ ଲୋକସେବା ଭବନକୁ ପ୍ରବେଶ ପାଇଁ ମୋହନ ଚରଣ ମାଝୀ ସରକାର ଯେଉଁ ଐତିହାସିକ ପଦକ୍ଷେପ ନେଇଛନ୍ତି ତାହାକୁ ସ୍ୱାଗତ୍ ଜଣାଇବା ସହିତ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। କିନ୍ତୁ ଏହି ପ୍ରବେଶ ପାଇଁ ଯେଉଁ ପାସ୍ ବ୍ୟବସ୍ଥା ରହିଛି ତାହା ଚିହ୍ନଟ ପ୍ରକ୍ରିୟା ଅତିକମ୍‌ରେ ତିନି ମାସ ସମୟ ଲାଗି ଯାଉଛି। ସେହି ଚିହ୍ନଟ ପ୍ରକ୍ରିୟାକୁ ପନ୍ଦର ଦିନ ଭିତରେ ଶେଷ କରି ପାସ୍ ପ୍ରଦାନ ପାଇଁ ବ୍ୟବସ୍ଥା କରିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏଥି ସଙ୍ଗେ ସଙ୍ଗେ ସମସ୍ତ କାର୍ଯ୍ୟରତ ସାମ୍ବାଦିକଙ୍କ ସୁରକ୍ଷା ବ୍ୟବସ୍ଥା, ଅନ୍ୟ ରାଜ୍ୟ ଭଳି ସାମ୍ବାଦିକମାନଙ୍କୁ ତୁରନ୍ତ ପେନସନ ପ୍ରଦାନ, ସାମ୍ବାଦିକଙ୍କ ପରିବାରଙ୍କୁ ସ୍ୱାସ୍ଥ୍ୟ ବୀମାରେ ବାପା ଓ ମା'ଙ୍କୁ ଅନ୍ତର୍ଭୁକ୍ତ କରିବା, ନୂତନ ସାମ୍ବାଦିକମାନଙ୍କୁ ତୁରନ୍ତ ସ୍ୱାସ୍ଥ୍ୟ ବୀମା ପ୍ରଦାନ, ବିଜ୍ଞାପନ ନୀତିରେ ସମସ୍ତ ଖବରକାଗଜକୁ ବିଜ୍ଞାପନ ପ୍ରଦାନ, ଗୃହ ଓ ଗାଡି ଋଣରେ ସୁଧ ଛାଡ଼, ଅନ୍ୟ ରାଜ୍ୟ ଭଳି ସମସ୍ତ ସାମ୍ବାଦିକମାନଙ୍କୁ ସ୍ୱୀକୃତି ପ୍ରଦାନ କରିବା, ସ୍ୱୀକୃତି ଅପେକ୍ଷାରେ ସମ୍ବାଦପତ୍ରକୁ ତୁରନ୍ତ ସ୍ୱୀକୃତି ପ୍ରଦାନ କରିବା ସଙ୍ଗେ ସଙ୍ଗେ ଜିଲ୍ଲା ସୂଚନା ଅଧିକାରୀମାନଙ୍କୁ ପ୍ରସାରଣ ପାଇଁ ଚିଠି ଦ୍ୱାରା ଯେଉଁ ରିପୋର୍ଟ ମଗାଯାଉଛି ତାହାକୁ ତୁରନ୍ତ ପ୍ରତ୍ୟାହାର କରାଯାଉ। ସରକାର ଏ ସବୁ ପ୍ରତି ଦୃଷ୍ଟି ଦେଇ ବିହୀତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

# ଜିନ୍ଦଲ ଷ୍ଟେନଲେସ୍ କଳିଙ୍ଗନଗରରେ ୫୪ତମ ଜାତୀୟ ସୁରକ୍ଷା ସପ୍ତାହ ମହାସମାରୋହରେ ସମାପ୍ତ




**କଳିଙ୍ଗନଗର, ନ୍ୟୁଜ ବ୍ୟୁରୋ**

କଳିଙ୍ଗନଗର ସ୍ଥିତ ଜିନ୍ଦଲ ଷ୍ଟେନଲେସ କାରଖାନା ପକ୍ଷରୁ ୫୪ତମ ଜାତୀୟ ସୁରକ୍ଷା ସପ୍ତାହ ବହୁ ଆଡମ୍ବର ସହ ଗତ ୧୨ ତାରିଖରେ ଉଦ୍‌ଯାପିତ ହୋଇଯାଇଅଛି। ଏଥିରେ କାରଖାନା ଓ ବାଷ୍ପିତ ବିଭାଗ, ଯାଜପୁର ରୋଡ଼ ଡିଭିଜନର ସହାୟକ ନିର୍ଦ୍ଦେଶକ ଗଣେଶ୍ୱର ମାର୍ଦି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ଏବଂ ଜିନ୍ଦଲ ଷ୍ଟେନଲେସ କାରଖାନାର ମୁଖ୍ୟ, ଦୀପକ ଅଗ୍ରୱାଲ, ମାନବ ସମ୍ବଳ ମୁଖ୍ୟ, ରାକେଶ ପାଠକ, ଅଗ୍ନି ଓ ନିରାପତ୍ତା ବିଭାଗର ମୁଖ୍ୟ, ମନୋଜ କୁମାର ବଳ ପ୍ରମୁଖଙ୍କ ସହ ବିଭିନ୍ନ ବିଭାଗର ମୁଖ୍ୟମାନଙ୍କ ସହିତ ପ୍ରାୟ ୩୦୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଓ ଶ୍ରମିକମାନଙ୍କର ସମାବେଶ ହୋଇଥିଲା। ଚଳିତ ବର୍ଷ ଉଦ୍‌ଯାପନୀ ଉତ୍ସବର ମୁଖ୍ୟ ଆକର୍ଷଣ ବିଭିନ୍ନ ବିଭାଗର ମନମୁଗ୍ଧକର ସୁରକ୍ଷା ରାଲିଗୁଡ଼ିକ ଥିଲା। କାରଖାନାର ଶ୍ରମିକ ଓ କର୍ମଚାରୀମାନେ ଶୂନ୍ୟ ଦୁର୍ଘଟଣା ଶୀର୍ଷକ ଏକ ନାଟକ ପରିବେଷଣ କରିଥିଲେ। ଏଥି ସହିତ ଏହି ବର୍ଷର ବାର୍ତ୍ତା 'ସୁରକ୍ଷା ଏବଂ ସ୍ୱାସ୍ଥ୍ୟ- ବିକଶିତ ଭାରତ ପାଇଁ ଅତ୍ୟାବଶ୍ୟକ' ଉପରେ ନାଟକଟି ପରିବେଷିତ ହୋଇଥିଲା। ନାଟକ ମାଧ୍ୟମରେ କାରଖାନାକୁ କିପରି ଦୁର୍ଘଟଣା ଶୂନ୍ୟ କରାଯିବ ଓ ସୁରକ୍ଷା ପ୍ରତି ପ୍ରତ୍ୟେକ ମୂହୁର୍ତ୍ତରେ ସଚେତନ ରହିବାର ବାର୍ତ୍ତା ଦିଆଯାଇଥିଲା। ମୁଖ୍ୟଅତିଥି ଗଣେଶ୍ୱର ମାର୍ଦି ବିଭିନ୍ନ ବିଭାଗ ଦ୍ୱାରା ପରିବେଷଣ କରାଯାଇଥିବା ସୁନ୍ଦର ସୁରକ୍ଷା ରାଲିରେ ବିଭାଗର ମୁଖ୍ୟମାନଙ୍କ ସହିତ କର୍ମଚାରୀମାନଙ୍କ ଉପସ୍ଥିତି ସହ ସମ୍ମିଳନ ଦେଖି ବହୁତ ଆନନ୍ଦିତ ହେବା ସହ ଜିନ୍ଦଲ ଷ୍ଟେନଲେସକୁ ଗତବର୍ଷ ପାଇଁ ବହୁ ଜାତୀୟ ଏବଂ ଆନ୍ତର୍ଜାତୀୟ ମର୍ଯ୍ୟାଦାପୂର୍ଣ୍ଣ ପୁରସ୍କାର ଗୁଡ଼ିକ ମିଳିଥିବାରୁ ଏବଂ ଗତ ବର୍ଷ ଶୂନ୍ୟ ଦୁର୍ଘଟଣା ପାଇଁ ପ୍ରଶଂସା କରିଥିଲେ। ଏଥିସହ ସୁରକ୍ଷା ନିୟମକୁ କଡାକଡି ପାଳନ କରିବାକୁ କାରଖାନାର ସମସ୍ତ କର୍ମଚାରୀ ଓ ଶ୍ରମିକମାନଙ୍କୁ ପରାମର୍ଶ ଦେଇଥିଲେ। କାରଖାନାର ମୁଖ୍ୟ, ଦୀପକ ଅଗ୍ରୱାଲ, ମାନବ ସମ୍ବଳ ମୁଖ୍ୟ, ରାକେଶ ପାଠକ, ଅଗ୍ନି ଓ ନିରାପତ୍ତା ମୁଖ୍ୟ, ମନୋଜ କୁମାର ବଳ, ପ୍ରମୁଖ ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା, ସଡ଼କ ସୁରକ୍ଷା ସହ କାର୍ଯ୍ୟକ୍ଷେତ୍ରରେ ଶୂନ୍ୟ ଦୁର୍ଘଟଣା ପ୍ରାପ୍ତି ପାଇଁ ବିଶେଷ ଧ୍ୟାନ ଦେବାକୁ ସମସ୍ତ କର୍ମଚାରୀ ଓ ଶ୍ରମିକମାନଙ୍କୁ ଉପଦେଶ ଦେଇଥିଲେ। ସପ୍ତାହେ ବ୍ୟାପି ଚାଲିଥିବା ଏହି ସୁରକ୍ଷା କାର୍ଯ୍ୟକ୍ରମରେ ସୁରକ୍ଷା ସ୍ଲୋଗାନ, ସୁରକ୍ଷା ପୋଷ୍ଟର, ସୁରକ୍ଷା ସମ୍ପର୍କିତ ସାଧାରଣ ଜ୍ଞାନ, ସୁରକ୍ଷା ବକ୍ତୃତା ପ୍ରତିଯୋଗିତା, ବ୍ୟକ୍ତିଗତ ସୁରକ୍ଷା ଉପକରଣ ଦୌଡ ପ୍ରତିଯୋଗିତା, ସୁରକ୍ଷା ରାଲି ଏବଂ ଶିଶୁମାନଙ୍କୁ ନେଇ ସେମାନଙ୍କ ମଧ୍ୟରେ ସୁରକ୍ଷାର ବାର୍ତ୍ତା ଓ ପ୍ରତିଯୋଗିତା ଆଦି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅନେକ କର୍ମଚାରୀ ଏବଂ ବିଭିନ୍ନ ବିଭାଗକୁ ସୁରକ୍ଷା କ୍ଷେତ୍ରରେ ତାଙ୍କର ଅଗ୍ରଗତି ଓ ସଂକଳ୍ପ ପାଇଁ ଏବଂ ପ୍ରତିଯୋଗିତାରେ ଭାଗନେଇଥିବା ଶ୍ରମିକ ଏବଂ କର୍ମଚାରୀ ମାନଙ୍କୁ ସମ୍ମାନିତ କରାଯାଇଥିଲା ଯେଉଁଥିରେ କାରଖାନାର ସମସ୍ତ କର୍ମଚାରୀମାନଙ୍କୁ ସୁରକ୍ଷା ପ୍ରତି ପ୍ରେରିତ କରିବା ସହ ଆଗାମୀ ସମୟରେ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା।



ଭୁବନେଶ୍ୱର
୧୮ ମାର୍ଚ୍ଚ,
ମଙ୍ଗଳବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଏ ପୃଥିବୀରେ ଦିନଯାଏ... କଥା ରହିଥାଏ

ଦିନେ ମଣିଷର ଦୁର୍ଲଭ ଜୀବନ ସରିଯାଏ ଏ ମାଟିରୁ, ସୂର୍ଯ୍ୟ ଅସ୍ତଯାଏ, ଜହ୍ନ ବିଧୌତ ରାତିର କାକ ଜ୍ୟୋସ୍ନାରେ ଗାଧୋଉ ଥାଏ ବନଭୂମି-କାନନ ଭୂଧର। ଝରଣାର ଅସ୍ଥିର ପଦପାତରେ ପୁଲକିତ ହୋଇ ଉଠୁଥାଏ ଜନପଦ। ସବୁ ଦିନେ ଥାଏ ପୁଣି ନଥାଏ। ସେହି ଥିବା ନଥିବାର ଦ୍ରୋହ ପଣରେ ମଣିଷ ଜୀବନ ଝଟକୁଥାଏ, ସେ ମୋହମୟ ହେଉଥାଏ ଋତୁରେ ଋତୁରେ...। ମେଘମାଳାର ଅପରୂପ ବର୍ଣ୍ଣ ବିତାନ, ଶୀତର ଅଦଉତି, ଗ୍ରୀଷ୍ମର ନିଦାଘ କ୍ଲିଷ୍ଟ ମାଧୁରୀ ମଣିଷର ଜୀବନଚକ୍ରକୁ ପ୍ରଭାବିତ କରୁଥାଏ କାଳକାଳ ଧରି ତଥାପି। ମଣିଷ ଜିଏଁ.. କେବଳ ହିଁ ଜିଁ ଥାଏ ପ୍ରକୃତିର ସୁଷମା-ଈଶ୍ୱରୀୟ ମୋହମୟ ଖୋଜାଲୋଡା ପଣରେ ବର୍ଷ ବର୍ଷ ଧରି।

ସେଇ ସୁଷମା ମଣ୍ଡିତ ଏ ସୁନ୍ଦର ପୃଥିବୀର ପ୍ରାଣକୁ କେବଳ ହିଁ ପୁଲକିତ କରୁଥାଏ ଋତୁରାଜ ବସନ୍ତ। ମନ୍ଦମଳୟର ଚନ୍ଦନ ବାସ୍ନାରେ ଜୀବନ ମହମହ ହେଉଥାଏ ଓ ପୁଲକିତ ହେଉଥାଏ ଜୀବର ଅଙ୍ଗରାଗ। ଏହି ସୁଶୋଭନ ସମୟ ଖଣ୍ଡ ହିଁ ଯୋଗୀରାଜ ଅବତାରୀ, ବିଶ୍ୱରଶ୍ରେଷ୍ଠ ପୁରୁଷାର୍ଥ ଭବଭୟହାରୀ ଶ୍ରୀକୃଷ୍ଣଙ୍କ ରାସଲୀଳାର ମୁହୂର୍ତ୍ତ। ମଧୁମାସ ଫାଲଗୁନର ବସନ୍ତ ରାସ। ଯୋଗେଶ୍ୱର ଅତିନ୍ଦ୍ରିୟ ଭାବଚେତନାର ବିଶ୍ୱ ମୋହନ ଶ୍ରୀକୃଷ୍ଣଙ୍କର ଏପରି ପ୍ରକାଶ ଅନନ୍ତକାଳ ଧରି ପୁଲକିତ କରୁଥାଏ ପ୍ରାଣୀର ମନ-ଧନ-ତନକୁ ସାବଲୀଳରେ। ଆହାଃ, କି ଅପୂର୍ବ ଭାବର ସଙ୍ଗମ !!

ସେଇଭଳି ଏକ ମଧୁର ମୁହୂର୍ତ୍ତରେ ଆଜକୁ ଏଗାର ବର୍ଷ ତଳେ ଏ ଜାତିର ମହିମ୍ନ ମାଟିରେ ପାଦଥାପି ସାବାଳକର ଦିପ୍ତୀ ଛୁଇଁଛି 'କଥା କଳିକା'। ସେହି ମହିମାମୟଙ୍କ ଯାଦୁରେ... ଆସ୍ତିକତାରେ ସେ ଆଜି ସମଗ୍ର ଓଡ଼ିଶାରେ ତା'ର କାୟା ବିସ୍ତାର କରିଚାଲିଛି ପାଠକ-କଥାକାର-ଶୁଭେଚ୍ଛୁଙ୍କ ସହ ଅନ୍ତରଙ୍ଗ ବନ୍ଧୁପଣରେ। ଧନ୍ୟ ହୋଇଛି କେବଳ ହିଁ ଯୋଗେଶ୍ୱର-ପାବକ ବିହାରୀ ଶ୍ରୀକୃଷ୍ଣଙ୍କ ତଥାସ୍ତୁ ମନ୍ତ୍ରରେ।

ଆଜି ସେଇ ଭବ୍ୟ-ନବ୍ୟ ବଧୂବେଶରେ ସଜେଇ ହୋଇଥିଲା 'କଥା କଳିକା' ତା'ର ବନ୍ଧୁ ବିରାଦରଙ୍କ ମେଳନରେ, ଅପୂର୍ବ ଅଙ୍ଗରାଗରେ। ବସନ୍ତର ବନ୍ଧୁ ମିଳନ-କଥା କଳିକାର ୧୧ତମ ଜନ୍ମ ବାସରରେ ପୁରସ୍କାର ପ୍ରଦାନ ସମାରୋହ।



'କଥାକଳିକା'ର ୧୧ତମ ବାର୍ଷିକ ଜନ୍ମୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦଙ୍କ ଦ୍ୱାରା ବିଶିଷ୍ଟ ଲେଖିକା ସୁପ୍ରଭା ରାୟଙ୍କ ବଙ୍ଗଳାରୁ ଓଡ଼ିଆରେ ଅନୁଦିତ ଉପନ୍ୟାସ ପୁସ୍ତକ 'ହୀରାମଞ୍ଜିଲ'ର ଲୋକାର୍ପଣ ପର୍ବ।



ବିଶିଷ୍ଟ ଶିକ୍ଷାବିତ୍ ଓ ପ୍ରବୀଣ ସାହିତ୍ୟିକ ପ୍ର. ଡ. ଆଦିକନ୍ଦ ସାହୁଙ୍କୁ ଚଳିତ ବର୍ଷର 'କଥାକଳିକା' ସମ୍ମାନ-୨୦୨୫ରେ ସମ୍ମାନିତ କରୁଛନ୍ତି 'ସମ୍ବାଦ କଳିକା', 'ଉତ୍କଳଦୀପିକା' ଏବଂ 'କଥା କଳିକା'ର ସମ୍ପାଦକ ଜୟାଶୀଷ ରାୟ। ନିକଟରେ ଉପସ୍ଥିତ ଅଛନ୍ତି (ବାମରୁ) ପ୍ର. ସଂଘମିତ୍ରା ମିଶ୍ର, ମନ୍ମଥ କୁମାର ଶତପଥୀ, ଶ୍ୟାମସୁନ୍ଦର ଅଗ୍ରୱାଲ, ସୁଲେଖିକା ସୁପ୍ରଭା ରାୟ, ଡା. କୃଷ୍ଣକେଶବ ଷଡଙ୍ଗୀ।



ବିଶିଷ୍ଟ ଶିଳ୍ପପତି, ଏମ୍ ଜି ଏମ୍ ଗ୍ରୁପ ଓଡ଼ିଶାର ଅଧ୍ୟକ୍ଷ ଶ୍ରୀଯୁକ୍ତ ପଙ୍କଜ ଲୋଚନ ମହାନ୍ତିଙ୍କୁ ପ୍ରଦତ୍ତ 'କଥାକଳିକା ପୃଷ୍ଠପୋଷକ ସମ୍ମାନ-୨୦୨୫'କୁ କମ୍ପାନୀର ବରିଷ୍ଠ ଅଧିକାରୀ ଶ୍ରୀ ଉତ୍ତମ କୁମାର ନାୟକ ସମ୍ପାଦକ ଜୟାଶୀଷ ରାୟଙ୍କ ଠାରୁ ଗ୍ରହଣ କରୁଛନ୍ତି।



ବିଶିଷ୍ଟ କଥାକାର ତଥା ଔପନ୍ୟାସିକ ଶ୍ରୀମତୀ ଲକ୍ଷ୍ମୀ ଚାନ୍ଦଙ୍କୁ ଚଳିତ ବର୍ଷର 'କର୍ମବୀର ଗୌରୀଶଙ୍କର ରାୟ ସ୍ମୃତି ପୁରସ୍କାର-୨୦୨୫'ରେ ସମ୍ମାନିତ କରୁଛନ୍ତି 'ସମ୍ବାଦ କଳିକା', 'ଉତ୍କଳଦୀପିକା' ଏବଂ 'କଥା କଳିକା'ର ସମ୍ପାଦକ ଜୟାଶୀଷ ରାୟ। ନିକଟରେ ଉପସ୍ଥିତ ଅଛନ୍ତି (ବାମରୁ) ମନ୍ମଥ କୁମାର ଶତପଥୀ, ପ୍ର. ଆଦିକନ୍ଦ ସାହୁ, ପ୍ର. ସଂଘମିତ୍ରା ମିଶ୍ର, ଶ୍ୟାମସୁନ୍ଦର ଅଗ୍ରୱାଲ, ମୁଖ୍ୟ ସମ୍ପାଦିକା ସୁପ୍ରଭା ରାୟ, ଡା. କୃଷ୍ଣକେଶବ ଷଡଙ୍ଗୀ।

## ହଂସିତା-ଅନିଲଙ୍କୁ ମିଳିଲା ଜାମିନ : ଉଭୟଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କଲେ ହାଇକୋର୍ଟ



**କଟକ ୧୭।୩ ନ୍ୟୁଜ ବ୍ୟୁରୋ**

ଏକାଧିକ ଠକେଇ ମାମଲାରେ ଫସିଥିବା ହାଇପ୍ରୋଫାଇଲ୍ ଠକ ହଂସିତା ଅଭିଲିପ୍ସା ଏବେ ଜେଲ୍‌ରୁ ମୁକୁଳିବେ । ସର୍ତ୍ତମୂଳକ ଭାବେ ଜାମିନରେ ଯିବାକୁ ହାଇକୋର୍ଟ ଅନୁମତି ଦେଇଛନ୍ତି । ହଂସିତାଙ୍କ ସହିତ ସହଯୋଗୀ ଅନିଲ ମହାନ୍ତିଙ୍କ ଜାମିନ ଆବେଦନ ମଞ୍ଜୁର ହୋଇଛି । ଉଭୟ ହଂସିତା ଏବଂ ଅନିଲ ଜାମିନରେ ଯିବାକୁ ହେଲେ କେତେକ ସର୍ତ୍ତ ପୂରଣ କରିବେ। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଉଭୟେ ପାସପୋର୍ଟ ସରେଣ୍ଡର କରିବେ । ତଦନ୍ତ ପ୍ରକ୍ରିୟାରେ ସହଯୋଗ କରିବେ। ସହର ବାହାରକୁ ଯିବାକୁ ହେଲେ ଆଇଓଙ୍କ ଅନୁମତି ନେବେ। ୫୦ହଜାର ଟଙ୍କାର ଜଣେ ଜାମିନଦାରଙ୍କ ବଦଳରେ ଉଭୟେ ଜାମିନରେ ଯାଇ ପାରିବେ । ଆବଶ୍ୟକ ହେଲେ ନିମ୍ନ ଅଦାଲତ ଅତିରିକ୍ତ ସର୍ତ୍ତ ରଖିପାରିବେ ବୋଲି ସୋମବାର ହାଇକୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ସୂଚନାଯୋଗ୍ୟ ଯେ, ହଂସିତା ଏବଂ ଅନିଲ ଏକାଧିକ ଠକେଇ ମାମଲାରେ ଫସିଛନ୍ତି । ତେବେ ପୂର୍ବରୁ ୨ଟି ମାମଲାରେ ଜାମିନ ପାଇ ସାରିଥିବା ବେଳେ ସୋମବାର ୩ୟ ମାମଲାରେ ଜାମିନ ମଞ୍ଜୁର କରିଛନ୍ତି ହାଇକୋର୍ଟ ।

## ଦୋଳବେଦୀରେ ପଢ଼ା ହେଲା ପାଞ୍ଜି: ମେ' ୧୩ ପରେ ଦରଦାମ ହ୍ରାସ, ବ୍ୟାପିପାରେ ଅଜଣା ରୋଗ

**ପୁରୀ,୧୭/୦୩ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରେ ଦୋଳପୂର୍ଣ୍ଣମୀ ଅବସରରେ ଦୋଳବେଦୀରେ ଆସନ୍ତା ଓଡ଼ିଆ ବର୍ଷ କିପରି କଟିବ ସେନେଇ ଜ୍ୟୋତିଷଙ୍କ ଦ୍ୱାରା ପାଞ୍ଜି ପାଠ ହୋଇଥିଲା । ପାଞ୍ଜି ପାଠ ମୁତାବକ, ଏସମ୍ବତ୍ସରର ନାମ କାଳ । ଆମ ଦେଶ ଓ ରାଜ୍ୟରେ ସାମ୍ପ୍ରଦାୟିକ କନ୍ଦଳ, ଚୋରି, ଯାନ ଦୁର୍ଘଟଣା, ବେକାରୀ ସମସ୍ୟା, ଘନଘନ ବିଜୁଳି ଓ ବଜ୍ରାଘାତ ଜନିତ ମୃତ୍ୟୁ, ତୈଳ ବୃଦ୍ଧି, କୃଷି ଯାନ ଦ୍ରବ୍ୟର ମୂଲ୍ୟ ବୃଦ୍ଧି, ଅଚିହ୍ନା ରୋଗର ଶିକାର, ରକ୍ତ ଚାପ, କିଡ୍‌ନୀ ରୋଗର ସମସ୍ୟା ବଢ଼ିବ। ନୂତନ ସମ୍ବତ୍ସର ସିଦ୍ଧାର୍ଥ ଆସନ୍ତା ମେ' ମାସ ୧୩ ତାରିଖରେ ପ୍ରବେଶ କରିବ । ଏହା ପରେ ଆମ ଦେଶ ଓ ରାଜ୍ୟରେ କୃଷିଜାତ ଦ୍ରବ୍ୟ ସୁଲଭ ହେବ, ତୈଳ ଦର ହ୍ରାସ ପାଇବ, କିଛି ମାତ୍ରାରେ ଚୋରି ଓ ଦୁର୍ଘଟଣା କମିବ । ରାଜନୈତିକ ବ୍ୟାପାରରେ ଶାନ୍ତି ସ୍ଥାପନ ହେବ । କାଁ ଭାଁ ଭୂମିକମ୍ପ ଦେଖାଦେବ । ଅଚିହ୍ନା ରୋଗ ବ୍ୟାପୀ ପାରେ। ପ୍ରତିକାର ନିମନ୍ତେ ସର୍ବତ୍ର ହରିନାମ କୀର୍ତ୍ତନ ଓ ଦେବ ପୀଠରେ ପ୍ରଦୀପ ପ୍ରଜ୍ୱଳନ କରିବାକୁ ହେବ। କର୍କଟ ଦିନ ୮ରୁ ୧୦ ଦିନ ମଧ୍ୟେ ସର୍ବତ୍ର ଲଗାଣ ବର୍ଷା ହେବ । ବର୍ଷ ଆରମ୍ଭରୁ ଅଗ୍ନି ହନୁମାନଙ୍କ କପାଳରେ ରହିବ । ଦକ୍ଷିଣ-ପଶ୍ଚିମାଞ୍ଚଳରେ ବ୍ୟାପକ ଅଗ୍ନିଭୟ ଦେଖାଦେବ । ମକର ଦିନ ୧୨ ପରେ ବର୍ଷ ଶେଷ ପର୍ଯ୍ୟନ୍ତ ହନୁମାନଙ୍କ ଲାଙ୍ଗୁଡ଼ରେ ରହିବେ । ଫଳରେ



ପଶ୍ଚିମ ଉତ୍ତର ଭାଗରେ ବ୍ୟାପକ ଅଗ୍ନିଭୟ ହେବ । କନ୍ୟା ଓ ତୁଳା ମାସରେ ବାତ୍ୟାଯୋଗ ଓ ଲଘୁଚାପ ଯୋଗ ରହିଛି । ଅଷ୍ଟୋତରୀ ୧୦୮ ନାକ୍ଷତ୍ରିକ ମତେ ମେଷ ରାଶି ବ୍ୟକ୍ତି ବିଶେଷଙ୍କ ଆୟ ୧୧, ବ୍ୟୟ ୫ ଓ ସ୍ଥିତି ୬ । ସେହିପରି ବୃଷ ୫-୮-୦, ମିଥୁନ ୮-୭-୧, କର୍କଟ ୨-୭-୦, ସିଂହ ୫-୫-୦, କନ୍ୟା ୭-୬-୧, ତୁଳା ୧୧-୫-୬, ବିଛା ୧୧-୫- ୬, ଧନୁ ୧୪-୭-୭, ମକର ୨-୬-୦, କୁମ୍ଭ ୨-୬-୦, ମୀନ ୧୪-୭-୭ । ଆଗାମୀ ୨୫ ବର୍ଷ ଭିତରେ ପୃଥିବୀରେ ୯୭ ଚନ୍ଦ୍ର ଗ୍ରହଣ ଓ ସୂର୍ଯ୍ୟୋପରାଗ ଦେଖାଦେବ । ସେଥିମଧ୍ୟରୁ ଆମ ଦେଶ ଓ ରାଜ୍ୟକୁ ୩୭ଟି ଦୃଶ୍ୟ ସମ୍ଭାବନା ରହିଛି । ଉକ୍ତ ୩୭ଟି ମଧ୍ୟରୁ ଚଳିତ ବର୍ଷ ୭ ସେପ୍ଟେମ୍ବର ଓ ଆସନ୍ତା ବର୍ଷ ମାର୍ଚ୍ଚ ୩ ତାରିଖରେ ଖଣ୍ଡଗ୍ରାସ ଚନ୍ଦ୍ରଗ୍ରହଣ ରହିଛି। ଆମ ବିଶ୍ୱର ଏ ବର୍ଷ ମଙ୍ଗଳପ୍ରଦ ହେବ । ମାତ୍ର ଆର୍ଥିକ ମାନ୍ଦାବସ୍ଥା ଦେଖାଦେବ । ବ୍ରିଟିଶ୍ ଦ୍ୱୀପପୁଞ୍ଜରେ ନଭେମ୍ବର ମାସରେ ଏକ ପ୍ରଳୟଙ୍କାରୀ ଝଡ଼ବାତ୍ୟା ଯୋଗୁ କ୍ଷୟକ୍ଷତି ଦେଖାଦେବ । ଆମେରିକାରେ ରାଜନୈତିକ ସଂକଟ ସ୍ଥିତି ରହିବ । ଚୀନରେ ଅଗ୍ନି ଉଦ୍‌ଗୀରଣ ଓ ଭୂକମ୍ପ ଆଶଙ୍କା ରହିଛି । ଜାପାନ ପୂର୍ବ ଉପକୂଳରେ ଭୟାନକ ଝଡ଼ବାତ୍ୟା ଆଶଙ୍କା ରହିଛି । ଅଷ୍ଟ୍ରେଲିଆ ଓ ଇସ୍‌ଲାମିକ ରାଷ୍ଟ୍ରରେ ଅଘଟଣ ଓ ରକ୍ତପାତ ଜନିତ ଧନଜୀବନ ହାନି ଆଶଙ୍କା ରହିଛି । ପାକିସ୍ତାନରେ ରାଜନୈତିକ ଅଶାନ୍ତି ଓ ଅସ୍ଥିରତା ବଢ଼ି ଚାଲିବ। ଏପ୍ରିଲରୁ ଜୁନ୍ ମଧ୍ୟରେ ଓ ଅକ୍ଟୋବରରୁ ନଭେମ୍ବର ମଧ୍ୟରେ ଫିଲିପାଇନ୍ସ ଓ ଆଣ୍ଡାମାନରେ ମହାବାତ୍ୟା ଆଶଙ୍କା ରହିଛି । ଆମ ଦେଶର ଆର୍ଥିକ ମାନ୍ଦାବସ୍ଥା ସୁଧୁରିବ। ତେବେ ପାକିସ୍ତାନ ଦ୍ୱାରା ସୀମା ଉଲ୍ଲଂଘନ ଓ ସନ୍ତ୍ରାସବାଦୀଙ୍କ ଅନୁପ୍ରବେଶ ଯୋଗୁ ସରକାରଙ୍କ ଚିନ୍ତା ବଢ଼ିବ । ଆସାମ, ବଙ୍ଗ ସୀମାନ୍ତରେ ବିଚ୍ଛିନ୍ନତାବାଦୀ ସକ୍ରିୟ ହେବେ ଓ ହିଂସା ଘଟାଇବେ । ନାରୀ ସୁରକ୍ଷାରେ ବିଫଳତା ଦେଖାଦେବ । ଆମ ରାଜ୍ୟରେ ପାଣିପାଗ କୃଷି ଅନୁକୂଳ ରହିବ। ଏପ୍ରିଲ ଓ ମଇ ମାସରେ ଅଂଶୁଘାତ ଜନିତ ଜନଜୀବନ ଅସ୍ତବ୍ୟସ୍ତ ହେବ। ନିତ୍ୟ ବ୍ୟବହାର ଜିନିଷ ଦାମ୍ ବଢ଼ିବ । ନାରୀ ନିର୍ଯାତନା, ଧର୍ଷଣ ଓ ଲୁଣ୍ଠନ ଆଦି ଅବ୍ୟାହତ ରହିବ । ଖଣି ଉତ୍ପାଦନ ହ୍ରାସ ପାଇବ । ଆମ ରାଜ୍ୟ ପାଇଁ ସପ୍ତମରେ ବୃହସ୍ପତି ଓ ତୃତୀୟରେ ରାହୁ ରହିଥିବା ଯୋଗୁ ଉତ୍ତମ ସ୍ଥିତି ରହିବ, ମାତ୍ର ଚତୁର୍ଥରେ ଶନି ରହିଥିବାରୁ କାଁ ଭାଁ ଅଶାନ୍ତି ଉପୁଜିବ । ଏ ସମ୍ବତ୍ସରରେ ଗଣିତାଧିପତି ବୁଧ, ଆଦ୍ୟ ପଲକାଧିପତି ଚନ୍ଦ୍ର, ପର ପାଳକାଧିପତି ମଙ୍ଗଳ, ରାଜା ବୃହସ୍ପତି, ମନ୍ତ୍ରୀ ରବି, ପୁରୋହିତ ବୁଧ, ପରୀକ୍ଷକ ଶନି, କରଣ ମଙ୍ଗଳ, ଡଗର ଶୁକ୍ର, ଜ୍ୟୋତିଷୀ ଶନିଶ୍ଚର, ତାଡ଼ନୀୟ ବୃହସ୍ପତି, ଅର୍ଥ ରକ୍ଷକ ରବି, ଆସ୍ଥାନ ରକ୍ଷକ ବୁଧ, ସଂଗ୍ରମାଧିପତି ରବି । ଏମ୍ବତ୍ସରରେ ମେଘର ଗୃହ ଉତ୍ତର ପୂର୍ବ ଐଶାନ୍ୟ କୋଣରେ ବୃଷ୍ଟି କରିବେ । ପଶ୍ଚିମ ବାୟବ୍ୟ କୋଣରୁ ମେଘ ଆସିବ। ଏ ମେଘ ବୃଦ୍ଧାବସ୍ଥା। ଏହାଙ୍କ ସୈନ୍ୟ ଚାରିପଦ୍ମ । ଏମେଘର ଆସ୍ଥାନ ଜମ୍ବୁଦୀପେ, ବୃଷ୍ଟି କରିବେ ସୁରା ସମୁଦ୍ରରୁ । ଫଳରେ କୃଷି ଉତ୍ପାଦନ ମଧ୍ୟମ ହେବ । ଇନ୍ଦ୍ର ବୃଷ୍ଟି କରିବେ ୧୦୦ ଦିନ । ସମୁଦ୍ରରେ ୫୦ ଦିନ, ପର୍ବତରେ ୩୦ ଦିନ ଓ ଦେଶରେ ୨୦ ଦିନ ବୃଷ୍ଟି ହେବ । ଶସ୍ୟ ଆୟ ୧୧ ବିଶ୍ୱା ୪ ଗଣ୍ଡା। ମେଷ ମାସରେ ହୀନଜଳ ବୃଷ୍ଟି, ବୃଷ ମାସରେ ସ୍ୱଳ୍ପ ବୃଷ୍ଟି, ମିଥୁନ ମାସରେ ବହୁଜଳ ବୃଷ୍ଟି, କର୍କଟ, ସିଂହ ଓ କନ୍ୟା ମାସେ ହୀନଜଳ ବୃଷ୍ଟି, ତୁଳା ମାସରେ ବହୁଜଳ ବୃଷ୍ଟି, ବିଛା ମାସରେ ହୀନଜଳ ବୃଷ୍ଟି ହେବ ।

## ଭିଜିଲାନ୍ସ ପଞ୍ଝାରେ ବିଇଓ କାର୍ଯ୍ୟାଳୟ ଆକାଉଣ୍ଟାଣ୍ଟ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟର ଆକାଉଣ୍ଟାଣ୍ଟ ମହମ୍ମଦ ଫିରୋଜ ଖାନ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ୨୦,୦୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ଆକାଉଣ୍ଟାଣ୍ଟ ଫିରୋଜ ଖାନଙ୍କୁ ଧରିଛି ଭିଜିଲାନ୍ସ। ସ୍କୁଲ ୟୁନିଫର୍ମ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଠାରୁ ଲାଞ୍ଚ ନେଉଥିଲେ ଫିରୋଜ।



ଭୁବନେଶ୍ୱର : ପ୍ରଖ୍ୟାତ କବି ସ୍ୱର୍ଗତ ରମାକାନ୍ତ ରଥଙ୍କ ବାସଭବନରେ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। (ଫଟୋ : ସମ୍ବାଦ କଳିକା)



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ବିମାନ ବନ୍ଦର ଠାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ମରଶରୀରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି । (ଫଟୋ : ସମ୍ବାଦ କଳିକା)

## ଓଡ଼ିଆ ସାହିତ୍ୟର ଯୁଗ ପୁରୁଷ ପଦ୍ମଭୂଷଣ ରମାକାନ୍ତ ରଥଙ୍କ ଅନ୍ତିମ ସଂସ୍କାର ସମ୍ପନ୍ନ

**ଭୁବନେଶ୍ୱର, ୧୭/୩ ନ୍ୟୁଜ ବ୍ୟୁରୋ**

ଓଡ଼ିଆ ସାହିତ୍ୟର ଯୁଗ ପୁରୁଷ, ବିଶିଷ୍ଟ ସାହିତ୍ୟିକ ତଥା କବି ପଦ୍ମଭୂଷଣ ଡକ୍ଟର ରମାକାନ୍ତ ରଥଙ୍କ ସୋମବାର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି। ପୁରୀ ସ୍ୱର୍ଗଦ୍ୱାରରେ ସମ୍ପନ୍ନ ହୋଇଛି ତାଙ୍କର ଶେଷକୃତ୍ୟ। ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ୯୧ ବର୍ଷ ବୟସରେ ରବିବାର ସାହିତ୍ୟିକ ପଦ୍ମଭୂଷଣ ରମାକାନ୍ତ ରଥଙ୍କ ପରଲୋକ ଘଟିଥିଲା। ରମାକାନ୍ତଙ୍କ ଦେହାନ୍ତରେ ବିଶିଷ୍ଟ ବ୍ୟକ୍ତିବିଶେଷ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ରମାକାନ୍ତଙ୍କ ଭୁବନେଶ୍ୱର ଖାରବେଳ ନଗର ସ୍ଥିତ ବାସଭବନରେ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ଓଡ଼ିଆ ସାହିତ୍ୟର କାଳଜୟୀ ସ୍ରଷ୍ଟା ଥିଲେ ରମାକାନ୍ତ ରଥ । ତାଙ୍କ କବିତା ଓଡ଼ିଆ ସାହିତ୍ୟକୁ ନୂଆ ମୋଡ଼ ଦେଇଛି । ତାଙ୍କ କବିତାରେ ଭରି ରହିଥାଏ ଅନେକ ଭାବ। ଶ୍ରୀରାଧା ତାଙ୍କର ଶ୍ରେଷ୍ଠ କବିତା । ଦରଦୀ ମଣିଷ ଥିଲେ ରମାକାନ୍ତ ରଥ। ଓଡ଼ିଆ କବିତାର ଅନ୍ୟତମ ଯୁଗ-ପ୍ରବର୍ତ୍ତକ ଆଜି ଚିର ନିଦ୍ରାରେ ଶୋଇଯାଇଛନ୍ତି । ତାଙ୍କ ବିୟୋଗରେ ସାରା ସାହିତ୍ୟ ଜଗତରେ ଖେଳିଯାଇଛି ଶୋକ ।

### ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଖର୍ଚ୍ଚଦାବି ପାରିତ

# ଭୁବନେଶ୍ୱରରେ କାର୍ଯ୍ୟକାରୀ ହେବ ନୂତନ ସହର ବିକାଶ ଯୋଜନା

**ଭୁବନେଶ୍ୱର, ୧୭/୩ ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାର ଭୁବନେଶ୍ୱରରେ 'ନୂତନ ସହର ବିକାଶ' ପ୍ରଚଳନ କରିଛନ୍ତି ଏବଂ ଏଥି ପାଇଁ ଚଳିତ ବର୍ଷ ୨ଶହ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ସେହିପରି ଅଭିବୃଦ୍ଧି କେନ୍ଦ୍ର ଭାବରେ ସହରକୁ ଗ୍ରୋଥ ହବ୍ ଭାବେ ବିକଶିତ କରିବା ନିମନ୍ତେ ୧୦୨କୋଟି ଟଙ୍କାର ପ୍ରକଳ୍ପ ପାଇଁ ବ୍ୟୟ ବରାଦ କରିଛନ୍ତି ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରକାଶ କରିଛନ୍ତି। ସୋମବାର ବିଧାନସଭାରେ ମନ୍ତ୍ରୀ ଡା. ମହାପାତ୍ର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ତାଙ୍କ ବିଭାଗର ମୋଟ୍ ୯୯୮୦ କୋଟି ୭୧ଲକ୍ଷ୩୧ ହଜାର ଟଙ୍କାର ଖର୍ଚ୍ଚ ଦାବି ଆଗତ କରିଥିଲେ। ଆଲୋଚନା ପରେ ଏହି ଖର୍ଚ୍ଚଦାବି ଗୃହର ଅନୁମୋଦନ ଲାଭ କରିଥିଲା। ତେବେ ମନ୍ତ୍ରୀଙ୍କ ଉତ୍ତର ପୂର୍ବରୁ ମୁଖ୍ୟ ବିରୋଧି ଦଳ ବିଜେଡି ବିଧାୟକମାନେ କକ୍ଷତ୍ୟାଗ କରିଥିଲେ। ମନ୍ତ୍ରୀ ଡା. ମହାପାତ୍ର ତାଙ୍କ ଉତ୍ତରରେ କହିଥିଲେ ଯେ, ନୂତନ ସହର ବିକାଶ କାର୍ଯ୍ୟକ୍ରମ ଓଡ଼ିଶାର ସହରାଞ୍ଚଳ ଦୃଶ୍ୟପଟ୍ଟକୁ ପରିବର୍ତ୍ତନ କରିବାର ଏକ ଉଜ୍ଜ୍ୱଳ ଉଦାହରଣ ହେବ। ସ୍ଥାୟିତ୍ୱ ସମ୍ପନ୍ନ ସହର ଏବଂ ଗୋଷ୍ଠୀଗୁଡିକର ବିକାଶ କରି ସେବା ଶିଳ୍ପ, ସୂଚନା ପ୍ରଯୁକ୍ତି ବିଦ୍ୟା ଗବେଷଣା ଏବଂ ବିକାଶରେ ସହଯୋଗ ନବ ସୃଜନ ମାଧ୍ୟମରେ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଏହି ଯୋଜନାର ମୂଳଲକ୍ଷ୍ୟ। ସହରାଞ୍ଚଳରେ ଜଳ ଯୋଗାଣ ପାଇଁ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ କହିଥିଲେ ନାଗରିକମାନଙ୍କୁ ସ୍ୱଚ୍ଛ, ନିରାପଦ, ପାନୀୟ ଜଳ ଯୋଗାଇବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ରାଜ୍ୟର ସମସ୍ତ ୧୧୫ ପୌର ସଂସ୍ଥା ଅନ୍ତର୍ଗତ କ୍ଷେତ୍ରକୁ ଶତପ୍ରତିଶତ ଘରୋଇ ଟ୍ୟାପ୍ ସଂଯୋଗ ପ୍ରଦାନ କରିବାକୁ ଅଙ୍ଗୀକାରବଦ୍ଧ। ବସୁଧା ଯୋଜନାରେ ୧୫୪ଟି ପ୍ରକଳ୍ପ ମଧ୍ୟରୁ ୯୧ଟି ସମ୍ପୂର୍ଣ୍ଣ ହୋଇଥିବା ବେଳେ ଅବଶିଷ୍ଟ ପ୍ରକଳ୍ପ ଗୁଡିକ ସମ୍ପୂର୍ଣ୍ଣହେବା ପର୍ଯ୍ୟାୟରେ ରହିଛି। ଏହି ଯୋଜନାର ଦ୍ରୁତ କାର୍ଯ୍ୟାନ୍ୱୟନ ପାଇଁ ୧୦୦କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ସେହିପରି ପାଇପ୍ ଜଳ ଯୋଗାଣ ବ୍ୟବସ୍ଥାର ପରିଚାଳନା ଓ ରକ୍ଷଣାବେକ୍ଷଣା ପାଇଁ ୩୬୦ କୋଟି ଟଙ୍କା, ସହରାଞ୍ଚଳ ରୂପାନ୍ତରଣ ପାଇଁ ଅଟଳ ମିଶନ ଜରୀଆରେ ୮୪୭କୋଟି, ସହରାଞ୍ଚଳ ପରିମଳ ବ୍ୟବସ୍ଥା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ୱଚ୍ଛ ଭାରତ ମିଶନରେ ୬୦୦କୋଟି, ସ୍ୱଚ୍ଛ ଓଡ଼ିଶା ପ୍ରକଳ୍ପ ପାଇଁ ୨୬୧ କୋଟି, କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ୧୬୧କୋଟି, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ୧୧ଶହ କୋଟି, ସହରାଞ୍ଚଳ ଭିତ୍ତିଭୂମି ପାଇଁ ୭୫୦ କୋଟି, ସହରାଞ୍ଚଳ ମଜୁରୀ ଭିତ୍ତିକ ନିଯୁକ୍ତି ପାଇଁ ୨୦୦କୋଟି, ଆହାର ଯୋଜନା ପାଇଁ ୫୦ କୋଟି, ବର୍ଷାଜଳ ନିଷ୍କାସନ ପାଇଁ ୩୦୦ କୋଟି, ସ୍ୱରେଜ ଓ ଜଳ ନିଷ୍କାସନ ପ୍ରକଳ୍ପ ପାଇଁ ୩୪୦ କୋଟି, ପୌର ପ୍ରଶାସନ ପାଇଁ ୧୫୦କୋଟି, ୱାଟର ଫ୍ରଣ୍ଟ ବିକାଶ ପାଇଁ ୧୫୦ କୋଟି, ସମୃଦ୍ଧ ସହର ଯୋଜନା ପାଇଁ ୪୦୮ କୋଟି, ନଗର ଉନ୍ନୟନ ଯୋଜନା ପାଇଁ ୩୦୬ କୋଟି, ଗ୍ରାମୀଣ କ୍ଷେତ୍ରକୁ ସହରାଞ୍ଚଳରେ ରୂପାନ୍ତରଣ ପାଇଁ ୧୦୦କୋଟି, ନଗର ସଡକ ପରିବହନ ପାଇଁ ୩୦୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ମନ୍ତ୍ରୀ କହିଥିଲେ ନଗର ସଡକ ପରିବହନ ଯୋଜନାରେ ଭୁବନେଶ୍ୱର ପାଇଁ ୧୫୦ଟି ଇ-ବସ୍ କିଣିବା ତଥା ବାରିପଦା, କେନ୍ଦୁଝର, ଅନୁଗୁଳ, ବାଲେଶ୍ୱର, ଯାଜପୁର ଓ ଝାରସୁଗୁଡା, ରାୟଗଡା ଓ ଜୟପୁର ଭଳି ୮ଟି ଅତିରିକ୍ତ ସହରକୁ 'ଆମ ବସ୍' ସେବା ସଂପ୍ରସାରିତ କରାଯିବ। ଡିଜିଟାଲ ଟିକେଟିଂ ବୃଦ୍ଧି ପାଇଁ ୪ଟି ପ୍ରମୁଖ ସ୍ଥାନରେ ସ୍ୱୟଂଚାଳିତ ଟିକେଟ୍ ଭେଣ୍ଡି ମେସିନ୍ ବ୍ୟବସ୍ଥା ଆରମ୍ଭ କରାଯାଇଛି। 'ଓଡିଶା ଯାତ୍ରୀ'ନାମରେ ସାର୍ବଜନୀନ ପରିବହନ ସେବା ପାଇଁ ଆପ୍ ବିକଶିତ କରାଯାଇଛି। ଏବର୍ଷ ଭୁବନେଶ୍ୱର-କଟକ-ପୁରୀ ରୁଟ୍‌ରେ ଚଳାଚଳ କରିବା ପାଇଁ ପାଇଲଟ୍ ଭିତ୍ତିରେ ୫ଟି ଡବଲ୍ ଡେକର ଇଲେକ୍ଟ୍ରିକ ବସ୍ ପ୍ରଚଳନ କରାଯିବା ପାଇଁ ବ୍ୟବସ୍ଥା ହୋଇଥିବା ଏବଂ ପ୍ରଧାନମନ୍ତ୍ରୀ ଇ-ବସ୍ ସେବା ଯୋଜନାରେ ରାଜ୍ୟର ବିଭିନ୍ନ ସହରରେ ୪ଶହଟି ଇ-ବସ୍ ନିୟୋଜିତ କରାଯିବ। ଯେଉଁଥି ପାଇଁ ଚଳିତ ବର୍ଷ ୪୭ କୋଟି ଟଙ୍କା ବଜେଟ୍ ବ୍ୟବସ୍ଥା କରାଯାଇଛି। ସେହିପରି ସହରାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆରମ୍ଭ କରାଯାଇଛି। ଏଥିପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ଏବଂ ୪୦ହଜାର ଘର ମଞ୍ଜୁର କରାଯିବା ସହ ଏବର୍ଷ ୨୭ହଜାର ଘର ସମ୍ପୂର୍ଣ୍ଣ କରାଯିବା ଲକ୍ଷ୍ୟରେ ୭୯୫.୦୦କୋଟି ଟଙ୍କାର ବଜେଟ୍ ବ୍ୟୟ ବରାଦ କରାଯାଇଛି ବୋଲି ମନ୍ତ୍ରୀ କହିଥିଲେ।